READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୫ ସଂଖ୍ୟା-୦୭ ୧ - ୭ ମାର୍ଚ୍ଚ, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-07 1st - 7th MARCH, 2021 BHUBANESWAR ₹ 5/- (8 Pages)


### ଶ୍ରୀମନ୍ଦିର ପରିକ୍ରମା ଯୋଜନାକୁ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ

# ବିଧାନସଭାରେ ସଂକଳ୍ପ



**ଭୁବନେଶ୍ୱର :** ଶ୍ରୀମନ୍ଦିର ପରିକ୍ରମା ଯୋଜନାକୁ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶ୍ରୀକ୍ଷେତ୍ର ପୁରୀ ଐତିହ୍ୟ କରିଡରର ବିକାଶ ଲାଗି ବିଧାନସଭାରେ 'ସଂକଳ୍ପ' ପାରିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଆଗତ କରିଥିଲେ। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସଂକଳ୍ପ ଉପରେ ଗୃହର ମତାମତ ଲୋଡ଼ିଥିଲେ। ବିରୋଧୀ କଂଗ୍ରେସ ଓ ବିଜେପି ଏହାକୁ ପୂର୍ଣ୍ଣ ସମର୍ଥନ କରଥିଲେ। ପରେ ସମସ୍ତ ସଦସ୍ୟଙ୍କ ସମର୍ଥନରେ ତାହା ଗୃହର ଅନୁମୋଦନ ଲାଭ କରିଥିଲା। ଶନିବାର ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସଂକଳ୍ପ ସଂକ୍ରାନ୍ତରେ କହିଥିଲେ, ଓଡ଼ିଆ ଜାତିର ସବୁଠାରୁ ବଡ଼ ପରିଚୟ ହେଉଛନ୍ତି ଶ୍ରୀଜଗନ୍ନାଥ। ଆମ ଇତିହାସ, ସଂସ୍କୃତି, ପରମ୍ପରା ଓ ଆମ ବିଶ୍ୱାସ ସବୁ କିଛି ମହାପ୍ରଭୁଙ୍କୁ କେନ୍ଦ୍ର କରି ଗଢି ଉଠିଛି। ସେ ହେଉଛନ୍ତି ଓଡ଼ିଆ ଅସ୍ମିତାର ପ୍ରତୀକ। ଆମର ସୌଭାଗ୍ୟ ଯେ ଆମ ସମୟରେ ହିଁ ମହାପ୍ରଭୁଙ୍କ ଧାମର ବିକାଶ ପାଇଁ ସେ ଆମକୁ ସୁଯୋଗ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଯେତେବେଳେ ଜଷ୍ଟିସ ବି.ପି ଦାସ କମିଟି ଶ୍ରୀମନ୍ଦିର ନିରାପତ୍ତା କରିଡର ପାଇଁ ସୁପାରିଶ କରିଥିଲେ। ସେତେବେଳେ ତିନୋଟି ଲକ୍ଷ୍ୟ ନେଇ 'ଶ୍ରୀମନ୍ଦିର ପରିକ୍ରମା ଯୋଜନା' ବିଷୟ ଚିନ୍ତା କରାଯାଇଥିଲା। ସେଗୁଡିକ ହେଲାଶ୍ରୀମନ୍ଦିରର ନିରାପତ୍ତା, ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କର ନିରାପତ୍ତା ଏବଂ ଭକ୍ତଙ୍କ ପାଇଁ ଏକ ସୁନ୍ଦର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି। ଗଜପତି ମହାରାଜାଙ୍କ ନେତୃତ୍ୱରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ବିଭିନ୍ନ ଅଂଶୀଦାରଙ୍କ ସହିତ ବହୁବାର ଆଲୋଚନା ପରେ ଶ୍ରୀମନ୍ଦିର ପରିକ୍ରମା ନକ୍ସା ପ୍ରସ୍ତୁତ ହୋଇଛି। ଏହି ମହାନ କାର୍ଯ୍ୟ ପାଇଁ ଗଜପତି ମହାରାଜାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଯୋଜନାକୁ ଆଗେଇ ନେବା ପାଇଁ ଆମର ସେବାୟତ ବନ୍ଧୁ ତଥା ପୁରୀର ଜନସାଧାରଣଙ୍କୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଉଛି। ଏଥିସହ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର, ଡ. ସୁବାସ ପାଣି ଓ ଆହୁରି ଅନେକ ➤ ପୃ-୬

# ଖୋଲିବ ଯାତ୍ରା ପେଣ୍ଡାଲ



ଫେବୃଆରୀର ଗାଇଡଲାଇନ୍ ମାର୍ଚ୍ଚରେ ବଳବତ୍ତର


### ୫ଶହରେ ବିବାହ ଓ ଶୁଦ୍ଧିକାର୍ଯ୍ୟ
### ଦୁଇ ହଜାର ଦର୍ଶକରେ ଯାତ୍ରା

**ଭୁବନେଶ୍ୱର :** କେନ୍ଦ୍ରର ମାର୍ଚ୍ଚ ମାସର ଗାଇଡଲାଇନ ପରେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ପ୍ରଦୀପ ଜେନା ଗାଇଡଲାଇନ ଜାରି କରିଛନ୍ତି। ଫେବୃାରୀ ମାସର ସମସ୍ତ ଗାଇଡ୍‌ଲାଇନ୍ ମାର୍ଚ୍ଚ ୧ରୁ ୩୧ ଯାଏ ବଳବତ୍ତର ରହିବ। ଯାତ୍ରା ପାଇଁ କଟକଣା କୋହଳ କଲେ ରାଜ୍ୟ ସରକାର। ଯାତ୍ରା ଓ ଅପେରା ପାଇଁ ସର୍ବାଧିକ ୨ହଜାର ଦର୍ଶକଙ୍କୁ ଅନୁମତି ମିଳିବ। ଏଥିପାଇଁ ଜିଲ୍ଲାପାଳ ଓ କମିଶନରଙ୍କ ଅନୁମତି ନେଇ ଯାତ୍ରା ପରିବେଷଣ ହୋଇପାରିବ। କରୋନାର ସମସ୍ତ ଗାଇଡଲାଇନ ମାନି ଯାତ୍ରା ପରିବେଷଣ ହେବ। ସାମାଜିକ ଦୂରତ୍ୱ, ମାସ୍କ ପରିଧାନ, ଥର୍ମାଲ ସ୍କାନିଂ ବାଧ୍ୟତାମୂଳକ। ସିଟ୍ ମଧ୍ୟରେ ୬ ଫୁଟ ଦୂରତ୍ୱ ରହିବ। ରୋଗାକ୍ରାନ୍ତଙ୍କୁ ଅନୁମତି ମନା। ଇନଫ୍ଲୁଏଞ୍ଜା ଲକ୍ଷଣ ଥିବା ଦର୍ଶକଙ୍କୁ ଯାତ୍ରା ଦେଖିବାକୁ ଅନୁମତି ନାହିଁ। ଅନଲାଇନ ଟିକେଟ ବ୍ୟବସ୍ଥା କରିବାକୁ ଆୟୋଜକଙ୍କୁ ପରାମର୍ଶ ଦିଆଯାଇଛି। ଅଧିକରୁ ଅଧିକ ଟିକେଟ କାଉଣ୍ଟର କରିବାକୁ ଆୟୋଜକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାହାଘର ଓ ଶୁଦ୍ଧିକାର୍ଯ୍ୟରେ ସର୍ବାଧିକ ୫୦୦ ଲୋକଙ୍କୁ ଅନୁମତି ମିଳିବ। ମାସ୍କ ପରିଧାନ, ସାମାଜିକ ଦୂରତ୍ୱ, ସାନିଟାଇଜର ବାଧ୍ୟତାମୂଳକ ହେବ। ବାହାଘର, ଶୁଦ୍ଧିକ୍ରିୟାରେ ଗାଇଡଲାଇନ ଯାଞ୍ଚ କରିବେ ଆୟୋଜକ। ସବୁ ପ୍ରବେଶ ପଥରେ ରହି ମାସ୍କ ପରିଧାନ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ମାସ୍କ ପିନ୍ଧିନଥିବେ, ସେମାନଙ୍କୁ ମାସ୍କ ଯୋଗାଇବେ ଆୟୋଜକ। ରାଜ୍ୟ ସରକାର ସ୍କୁଲ ପାଇଁ ଅନେକ ନିୟମ ଆଣିଛନ୍ତି । ➤ ପୃ-୬

### ରାଜଧାନୀରେ ସବ୍-ପ୍ଲଟ୍ ବିକ୍ରି ଉପରେ ଲାଗିଛି ରୋକ୍

# ଡିଲ୍ ପଛରେ ଡିଲ୍ ନେଇ ସନ୍ଦେହ

**ଭୁବନେଶ୍ୱର :** ରାଜଧାନୀରେ ଗତ କିଛିଦିନ ଧରି ସବ୍-ପ୍ଲଟ୍ ବା ଗୋଟିଏ ବଡ ଜମିର ଛୋଟ ଅଂଶ କିଣାବିକା ଉପରେ ରୋକ୍ ଲଗାଇଛି ବିଡିଏ। ଲେ-ଆଉଟ୍ ପ୍ଲାନ୍ ଅନୁମୋଦନ ହୋଇନଥିଲେ ଏହା ବିକ୍ରି ଯୋଗ୍ୟ ନୁହେଁ ବୋଲି ବିଡିଏ ଦର୍ଶାଇଛି। ଏଭଳି ନିୟମ ଯଦିଓ ୨୦୧୫ ମସିହାରୁ ହେଲାଣି ଏହାକୁ କଡାକଡି କରାଯାଇ ନଥିଲା। ଏପରିକି ୨୦୧୭ ପରଠାରୁ ଯେଉଁମାନେ ରେଗୁଲାଇଜ୍ ହୋଇନଥିବା ରାସ୍ତା ସଂଲଗ୍ନ ଜମି କିଣିଛନ୍ତି ସେମାନଙ୍କର ଘର ପ୍ଲାନ୍ ଅନୁମୋଦନ ହେଉନାହିଁ। ତେବେ ପ୍ରଶ୍ନ ଉଠୁଛି ଜମି ମାଲିକ ନିଜର ଆବଶ୍ୟକତା ପୂରଣ ବା ପରିବାରର ସମସ୍ୟା ସମାଧାନ ଲାଗି ଜମି ବିକିବାକୁ ଚାହିଁଲେ ଏହା ଉପରେ ବିଡିଏର ରୋକ କାହିଁକି? ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ରାଜଧାନୀର ଉନ୍ନୟନ ଓ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦେବା ସହ ଜବରଦଖଲ ସମସ୍ୟାର ସମାଧାନ ନକରି ଏଭଳି ସବ୍-ପ୍ଲଟ୍ ବିକ୍ରି ଉପରେ ରୋକ୍ ଲଗାଇବାକୁ ନେଇ ଅନେକ ପ୍ରଶ୍ନ ଉଠିଛି। କାରଣ ଜମିଜମା କାରବାର ରାଜସ୍ୱ ବିଭାଗର ହୋଇଥିଲା ବେଳେ ନଗର ଉନ୍ନୟନ ବିଭାଗ ଅଧିନରେ ରହିଛି ବିଡିଏ। ନିକଟରେ ସବ୍-ପ୍ଲଟ୍ କିଣାବିକା ଉପରେ ରୋକ୍ ଲଗାଇବା ପାଇଁ ବିଡିଏ ଉପାଧ୍ୟକ୍ଷ ରାଜସ୍ୱ ବିଭାଗ ପ୍ରମୁଖ ସଚିବଙ୍କୁ ଚିଠି ଲେଖିଛନ୍ତି। ରାଜସ୍ୱ ବିଭାଗ ଏନେଇ କୌଣସି ନିର୍ଦ୍ଦେଶନାମା ଜାରି କରିନଥିଲା ବେଳେ ଭୁବନେଶ୍ୱର ସବ୍‌ରେଜିଷ୍ଟ୍ରାର ଅଫିସ୍ କେଉଁ ଆଇନ ବଳରେ ସବ୍-ପ୍ଲଟ୍ କିଣାବିକା ବନ୍ଦ କରିଛନ୍ତି ତାହା ବୁଝାପଡୁନି। ଗୋଟିଏ ନୂଆ ନିୟମ କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟ ଅଧିକାରୀ ନିଷ୍ପତ୍ତି ନେଇଥାନ୍ତି। ସହରର ପ୍ଲାନିଂ ବାଟବଣା ହେଉଥିବା ଉଲ୍ଲେଖ କରି ବିଡିଏ ରାଜସ୍ୱ ବିଭାଗକୁ ଯେଉଁ ଚିଠି ଲେଖିଛି ତା'ଦ୍ୱାରା ସାଧାରଣ ଲୋକଙ୍କର ସ୍ୱାର୍ଥହାନୀ ଘଟୁଛି। ରାସ୍ତା, ଡ୍ରେନ୍ ଓ ସ୍ୱେରେଜ ନିର୍ମାଣରେ ସମସ୍ୟା ସହିତ ଜରୁରୀକାଳୀନ ପରିସ୍ଥିତିରେ ଗାଡି ଓ ଆମ୍ବୁଲାନ୍ସ ଯାଇପାରୁ ନଥିବାରୁ ଏଭଳି ନିୟମର ଆବଶ୍ୟକତା ଥିବା ଦର୍ଶାଇ ଜମି କିଣିବା ପୂର୍ବରୁ ବିଡିଏର ଏନ୍‌ଓସି ଦରକାର ବୋଲି କୁହାଯାଇଛି। ରାଜଧାନୀରେ ଜମି ପ୍ଲଟିଂ ହେଉଥିଲେ ବା ସବ୍-ପ୍ଲଟ୍ ହୋଇଥିଲେ ତାହା ବିକ୍ରି ପୂର୍ବରୁ ଓଡ଼ି ଆକ୍ଟ, ୧୯୮୨ର ଧାରା ୧୬ ଅନୁଯାୟୀ ଲେ-ଆଉଟ୍ ପ୍ଲାନ୍ ଅନୁମୋଦନ କରିବା ନିୟମ ଅଛି। ଅଣ-ଯୋଜନାବଦ୍ଧ ଭାବେ ଗଢ଼ି ଉଠୁଥିବା କଲୋନୀ ଯୋଗୁ ➤ ପୃ-୬



ମୃତ୍ୟୁଞ୍ଜୟ ତ୍ରିପାଠୀ
ସବ୍-ରେଜିଷ୍ଟ୍ରାର
ଖଣ୍ଡଗିରି

ବର୍ତ୍ତମାନ ସବ୍-ପ୍ଲଟ୍ ବିକ୍ରି ଉପରେ ଯେଉଁ ରୋକ ଲାଗିଛି ଏହି ଆଇନ ୨୦୧୭ ମସିହାରୁ ଥିଲା। ହେଲେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଏପର୍ଯ୍ୟନ୍ତ କୌଣସି ସରକାରୀ ଚାପ ନଥିଲା। ଜମି କିଣିବା ଓ ଗୃହ ନିର୍ମାଣ କରିବା ଦୁଇ ପ୍ରକାର ଜିନିଷ। ଗୋଟିଏ ହେଉଛି ଟାଉନ ପ୍ଲାନିଂ କାର୍ଯ୍ୟ ଆଉ ଗୋଟିଏ ହେଉଛି ରାଜସ୍ୱ କାର୍ଯ୍ୟ। ତେଣୁ ରାଜସ୍ୱ ବିଭାଗକୁ ବିଡିଏ ଯେଉଁ ଚିଠି ଲେଖିଛି ସେଥିରେ ରାଜଧାନୀରେ ଗୃହ ନିର୍ମାଣ ବେଳେ ରାସ୍ତାଘାଟ, ସ୍ୱେରେଜ, ଡ୍ରେନ୍ ନିର୍ମାଣ ଓ ଆମ୍ବୁଲାନ୍ସ ଯିବା ପାଇଁ ସୁବିଧା ଉପରେ ଗୁରୁତ୍ୱ ଦିଆଯାଇଛି। ନୂଆ ନିୟମର ଯଥାର୍ଥତା ଥିଲା ବେଳେ ଲେ-ଆଉଟ୍ ପ୍ଲାନ୍ ମିଳିବା ବିଳମ୍ବ ହେତୁ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘରୋଇ ଜମି ବିକ୍ରି-ଖର୍ଦ୍ଦି ରାଜସ୍ୱ ବିଭାଗର କାର୍ଯ୍ୟ। ତଥାପି ଟାଉନ୍ ପ୍ଲାନିଂ ଦୃଷ୍ଟିରୁ ଏଥିରେ ବିଡିଏ ଓ ବିଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେହି ହେତୁ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିଡିଏ ନୂଆ ନିୟମ ଆଣିବା ପାଇଁ ଚିଠି ଲେଖିଛି। କାରଣ ଗୃହ ନିର୍ମାଣ ପରେ ରାଜଧାନୀର ବହୁତ ଲୋକ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଗୋଟିଏ କଥା କହି ହେବ ଆବେଦନକାରୀଙ୍କୁ ଲେ-ଆଉଟ୍ ପ୍ଲାନ୍ ଶୀଘ୍ର ଦିଆଯାଇପାରିଲେ ସବ୍-ପ୍ଲଟ୍ ବିକ୍ରି ହେବାରେ କୌଣସି ଅସୁବିଧା ହେବନାହିଁ।




ପବିତ୍ର ରାଉତରାୟ
ବିଲ୍ଡର

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଲୋକଙ୍କ ସ୍ୱାର୍ଥ ସୁରକ୍ଷା ସରକାରଙ୍କ ଦାୟିତ୍ୱ। ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ବିଭାଗ ଥିଲା ବେଳେ ରାଜସ୍ୱ ବିଭାଗ ସହିତ ଉନ୍ନୟନ ବିଭାଗ ସମନ୍ୱୟ ରଖି ଯଦି କିଛି ଭଲ କାର୍ଯ୍ୟ କରିପାରୁଛି ତାହା ସ୍ୱାଗତଯୋଗ୍ୟ। ହେଲେ ରାଜଧାନୀର ସବୁ ଜମି ଘର ଉପଯୋଗୀ ନୁହେଁ। ଅନେକ ଚାଷ ଜମି ସହିତ ବିଭିନ୍ନ କିସମର ଜମି ରହିଛି। ବିଡିଏ ଗଠନ ହେବା ପରେ ରାଜଧାନୀର ଆୟତନ ଯଥେଷ୍ଟ ବୃଦ୍ଧି ପାଇଛି। ଅନେକ ଗୁଡିଏ ଗାଁ ଏବେ ବିଡିଏ ଅଧିନରେ। ତେବେ ସବୁଠାରେ ଗୃହ ନିର୍ମାଣ କରାଯାଉନାହିଁ। ସହରର ବିକାଶ ଦାୟିତ୍ୱ ବିଡିଏ ହାତରେ ଥିଲା ବେଳେ ଜମି ହସ୍ତାନ୍ତର ବା ବିକ୍ରି ଆଇନ ରାଜସ୍ୱ ବିଭାଗ ନିୟନ୍ତ୍ରଣରେ ରହିଛି। ଲୋକ ନିଜ ବ୍ୟକ୍ତିଗତ ସୁବିଧା ପାଇଁ ଜମି କିଣୁଥିଲା ବେଳେ ଅସୁବିଧାରେ ପଡିଲା ବେଳେ ଜମି ବିକ୍ରି କରିବାକୁ ବାଧ ହୁଅନ୍ତି। ଖଣ୍ଡେ ବଡ ଜମିର କିଛି ଅଂଶ ବିକି ନିଜ ସମସ୍ୟା ସମସାଧାନ କରିବା ପାଇଁ କୌଣସି ବାଧା ରହିବା ଅନୁଚିତ। ଗୋଟିଏ ପରିବାରରେ ଅନେକ ସଦସ୍ୟ ଥାନ୍ତି। ତାଙ୍କ ଭିତରେ ଯାହାର କିଛି ସମସ୍ୟା ଘଟେ ସେ ନିଜ ଭାଗ ବିକ୍ରି କରିବାକୁ ଚାହିଁଥାଏ। ତେଣୁ ବିପଦ ବେଳେ ଲେ-ଆଉଟ୍ ପ୍ଲାନ ଆଣି ଜମି ବିକିବା ସହଜ କଥା କି? କିଛି ଲୋକ ସୁନା,ରୁପା କିଣିଲା ଭଳି ଜମି କିଣି ଭବିଷ୍ୟତ ପାଇଁ ଅର୍ଥ ବିନିଯୋଗ କରନ୍ତି। ଲୋକଙ୍କ ଆର୍ଥିକ ମାନଦଣ୍ଡକୁ ଦୁର୍ବଳ କରିବା କିମ୍ବା କାହାକୁ ଅସୁବିଧାରେ ପକାଇବା ବିଡିଏର ଲକ୍ଷ୍ୟ ନହେଉ। କାରଣ ଜବରଦସ୍ତ ଆଇନ କରି କାହା ମୁଣ୍ଡରେ ଲଦି ଦିଆଯାଇ ପାରିବନାହିଁ। ଜମି କିଣାବିକା ଯେଉଁ ବିଭାଗର ଦାୟିତ୍ୱ ସେ ତାଙ୍କର ନିୟମ ପ୍ରଣୟନ କରିବା ଉଚିତ୍। ରାଜସ୍ୱ ବିଭାଗ କାର୍ଯ୍ୟରେ ବିଡିଏ ହସ୍ତକ୍ଷେପ କରିବା ଦ୍ୱାରା ସାଧାରଣ ଲୋକଙ୍କର ଅଧିକାର କ୍ଷୁର୍ଣ୍ଣ ହେଉଛି। ତେଣୁ ସରକାର ଯେତେବେଳେ ନୂଆ ଆଇନ କାର୍ଯ୍ୟକାରୀ କରିବେ ବା ପ୍ରଣୟନ କରିବେ ତାହା ସମଗ୍ର ରାଜ୍ୟ ପାଇଁ ହେବା ଉଚିତ୍। ଆଇନ ଏଭଳି ହେଉ ଯେଉଁଥିରେ ସାଧାରଣ ଲୋକଙ୍କର ସ୍ୱାର୍ଥ ହାନୀ ନ ହେଉ। ଯୁକ୍ତିଯୁକ୍ତ କାରଣ ଥିଲେ ସରକାର ନୂତନ ପ୍ରସ୍ତାବ ଗ୍ରହଣ କରିବାରେ ଅସୁବିଧା ନାହିଁ। ତେବେ ସବ୍-ପ୍ଲଟ୍ ବିକ୍ରି ପଞ୍ଜିକରଣରେ ରୋକ ଲଗାଯିବା ଦ୍ୱାରା ଲୋକଙ୍କ ସମସ୍ୟା ବଢ଼ିବ ଏବଂ ସରକାର ରାଜସ୍ୱ ହରାଇବେ।



ପ୍ରଦୀପ ସାହୁ
ଆଇନଜୀବୀ

କୌଣସି ଉନ୍ନୟନ ସଂସ୍ଥା ଦ୍ୱାରା ଜମି ବିକ୍ରି ବନ୍ଦ କରିବାର କିଛି ଲଜିକ୍ ନାହିଁ। ସିଡିପି-୨୦୧୦ ଅନୁଯାୟୀ ଏବେ ଭୁବନେଶ୍ୱରର ପାଖାପାଖି ବହୁ ମୌଜା ବିଡିଏ ଅଧିନରେ ରହିଛି। ଏଥିରେ ସରକାରୀ ଜମି ଅପେକ୍ଷା ଅନେକ ସ୍ଥିତିବାନ ଜମି ଅଛି। ତା' ଭିତରେ ଜଙ୍ଗଲ ଜମି, ଫାର୍ମ ହାଉସ ଓ ଚାଷ ଜମି ରହିଛି। ଜଣେ ଚାଷୀ ନିଜ ଜମି ଆଉ ଜଣେ ଚାଷୀଙ୍କୁ ବିକିବା ପାଇଁ ବିଡିଏ ଠାରୁ କାହିଁକି ଅନୁମତି ନେବ। ଯାହା ରାଜସ୍ୱ ବିଭାଗର ଦାୟିତ୍ୱ ସେଠାରେ ବିଡିଏ କେଉଁ ଅଧିକାର ବଳରେ ସବ୍-ପ୍ଲଟ୍ ବିକ୍ରି ଉପରେ ରୋକ ଲଗାଇବାକୁ ଚାହୁଁଛି। ବିଡିଏ ଅଧିନରେ ଥିବା ପ୍ରତ୍ୟେକ ମୌଜା ପାଇଁ ସ୍ୱତନ୍ତ୍ର ସିଡିପି ଅଛି ଓ ବିଭିନ୍ନ ଜୋନ୍ ମଧ୍ୟ ରହିଛି। ଜୋନିଂ ରେଗୁଲେସନ ଅନୁସାରେ ବିଡିଏ କାର୍ଯ୍ୟ କରିବା କଥା। ଏଭଳିକି ଦୀର୍ଘବର୍ଷ ଧରି ସାଁପୁର ମୌଜାରେ ଲୋକଙ୍କ ଜମିର କିସମ ପରିବର୍ତ୍ତନ ହୋଇପାରିନାହିଁ। ଭାରତ ସରକାରଙ୍କ ଜମି ହସ୍ତାନ୍ତର ଆଇନ ଥିଲା ବେଳେ ଭୁବନେଶ୍ୱରରେ ମନଇଚ୍ଛା ନୂଆ ଆଇନ କରିବାର ଅଧିକାର ବିଡିଏ ପାଖରେ ନାହିଁ। ମୋ ଜମି ମୋର ସିଭିଲ୍ ରାଇଟ୍। ଏହାକୁ କିଏ କାହିଁକି ଛଡାଇ ନେବ। ସହର ବିକାଶ ପାଇଁ ଯଦି କିଛି ପଲିସି ନିର୍ଦ୍ଧାରଣର ଆବଶ୍ୟକତା ରହିଛି ତାହା ସରକାର କରିବେ ନଚେତ୍ ଯେଉଁ ବିଭାଗର ଦାୟିତ୍ୱ ସେ ଏହାକୁ ତୁଲାଇବେ। ତେଣୁ ରାଜସ୍ୱ ବିଭାଗକୁ ବିଡିଏର ଚିଠି ଫଳରେ ଭୁବନେଶ୍ୱରରେ ସବ୍-ପ୍ଲଟ୍ ବିକ୍ରି ଉପରେ ରୋକ୍ ଲାଗିବା ଆଦୌ ଠିକ୍ ନୁହେଁ।




CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
State Bank of India THE BANKER TO EVERY INDIAN
Bhubaneswar Municipal Corporation Progress Through Partnership for Better Bhubaneswar

For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in

EVOS PARADISE,
Near AIIMS Hospital,BBSR




# କମିଯାଉଛି ଦେଶୀ ପିଆଜ ଚାଷ

### ରକ୍ଷଣାବେକ୍ଷଣର ସୁବିଧା ନଥିବାରୁ ଚାଷରୁ ମୁହଁ ମୋଡୁଛନ୍ତି ଚାଷୀ



**ସୋନପୁର :** ପଖାଳ ଓ ପିଆଜ ଓଡିଆ ଘରର ଚଳଣି । ପିଆଜ କହିଲେ ବଜାରରେ ମିଳୁଥିବା ଉଲି ପିଆଜ ନୁହେଁ । ଦେଶୀ ଛୋଟ ପିଆଜ । କେତେକ ଯାହାକୁ ଗୁଲି ପିଆଜ ବୋଲି କହିଥାନ୍ତି । ପଖାଳ ସାଙ୍ଗକୁ ଗୁଲି ପିଆଜ, ବଡିଚୂରା ସାଙ୍ଗକୁ ବାଇଗଣ କିମ୍ବା ଆଳୁ-ଶୁଖୁଆ ପୋଡାର ସ୍ୱାଦ ନିଆରା । ବଜାରରେ ଏହି ପିଆଜର ଚାହିଦା ବେଶି । ବଜାରରେ ବହୁଳ ଭାବେ ମିଳୁଥିବା ଉଲି ପିଆଜ ଠାରୁ ଏହାର ଦର ବେଶୀ ହୋଇଥିଲେ ହେଁ ଗରାଖ ଆଗ ଖୋଜନ୍ତି ଏହି ଗୁଲି ପିଆଜକୁ । କାରଣ ଗୁଲି ପିଆଜରେ ରନ୍ଧା ହୋଇଥିବା ଯେ କୌଣସି ତରକାରୀର ସ୍ୱାଦ ରୁଚିକର ହୋଇଥାଏ । ସେଥି ।ଇଁ ବଜାରରେ ଏହାର ଚାହିଦା ଅଧିକ ହୋଇଥାଏ । କିନ୍ତୁ ସୋନପୁର ଜିଲ୍ଲା ରେ ଶୀତଳ ଭଣ୍ଡାରର ଅଭାବ ଓ ରକ୍ଷଣାବେକ୍ଷଣର ସୁବିଧା ନଥିବା ହେଉ କି ସାଙ୍ଗକୁ କୃଷି ବିଭାଗର ଅଣଦେଖା କାରଣରୁ ଏହି ପିଆଜର ଉତ୍ପାଦନ ପ୍ରତିବର୍ଷ କମି କମି ଯାଉଛି । ବର୍ଷସାରା ଚାହିଦାଥିଲେ ବି ବଜାରରେ ଏହା ମିଳେ ନାହିଁ । ଏହା ଉପଲବ୍ଧ ହୁଏ କେବଳ ଜାନୁୟାରୀ ମାସରୁ ଏପ୍ରିଲ ମାସ ପର୍ଯ୍ୟନ୍ତ । ଉଲି ପିଆଜର ବଜାର ପ୍ରବେଶ ପୂର୍ବରୁ ଦିନଥିଲା କୋରେଇ ବ୍ଲକର ନଇକୂଳିଆ ଅଞ୍ଚଳର ଚାଷୀ ଏହି ଗୁଲି ପିଆଜକୁ ବହୁଳ ଭାବେ ଚାଷ କରୁଥିଲେ । ଦେଶୀୟ ପଦ୍ଧତିରେ ବେଣୀବାନ୍ଧି ମାଳକରି ସାଇତି ରଖି ନିଜ ନିଜର ଚାହିଦା ମେଣ୍ଟାଉଥିଲେ । ଅଧିକ ପରିଶ୍ରମ, ଅଧିକ ଖର୍ଚ୍ଚ, ଜଳସେଚନର ଅଭାବ, ସାଙ୍ଗକୁ ରକ୍ଷଣାବେକ୍ଷଣରେ ସମସ୍ୟା ଓ କୃଷି ବିଭାଗର ପ୍ରୋତ୍ସାହନ ଅଭାବରୁ ଚାଷୀ ଧୀରେ ଧୀରେ ମୁହଁ ଫେରାଇ ନେଲେ ଏହି ଗୁଲି ପିଆଜ ଚାଷରୁ । ତଥାପି ଜିଲ୍ଲାର ଅଳ୍ପ କେତେକ ଅଞ୍ଚଳରେ ଏହି ପିଆଜ ଚାଷ ହେଉଛି । ଅବଶ୍ୟ ଆଗରୁ ଯେତେ ଜମିରେ ଚାଷ କରାଯାଉଥିଲା ତାହା କମିଯାଇଛି । ତଥାପି ଏବେ କିଛି ଚାଷୀ ପିଆଜ ଅମଳ କରି ନିକଟସ୍ଥ ହାଟବଜାରରେ ପାଇକାରୀଦର କିଲୋ ପ୍ରତି ୫୦ଟଙ୍କାରେ ବିକ୍ରି କରୁଥିବା ବେଳେ ବ୍ୟବସାୟୀଙ୍କୁ କୁଇଣ୍ଟାଲ ପ୍ରତି ୪ହଜାରରୁ ୪ହଜାର ୫ଶହଟଙ୍କା ଦରରେ ବିକ୍ରି କରୁଛନ୍ତି । ଚାଷିଙ୍କ କହିବା ଅନୁଯାୟୀ ଗୁଲି ପିଆଜ ଚାଷରେ ବିହନ, ରାସାୟନିକ ସାର, ଔଷଧ, ଜଳସେଚନ ଏବଂ ମଜୁରୀ ବାବଦକୁ ଏକର ପତି ୫୦ରୁ ୫୫ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଅମଳ ହୁଏ ଏକର ପ୍ରତି ୩୦ରୁ ୩୫ କୁଇଣ୍ଟାଲ ପିଆଜ । ➤ ପୃ-୬

EKAMAATRA

ଏକମାତ୍ର

ଅନୁସନ୍ଧାନ ପରେ ଖବର


## କେମିତି କଟିବ ଏ ସପ୍ତାହ

**ମେଷ** କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଧନହାନୀ ଓ ଶରୀରପୀଡା ହୋଇପାରେ। ଶିକ୍ଷା ଓ କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ସନ୍ତାନମାନଙ୍କ ଯୋଗୁ ମନପ୍ରସନ୍ନ ରହିବ। ବୈବାହିକ ଜୀବନରେ ସମସ୍ୟା ଦେଖାଦେଇପାରେ।

**ବୃଷ** ଶରୀରର ଉପରି ଭାଗରେ ଆଘାତ ଲାଗିପାରେ। ସତର୍କ ରୁହନ୍ତୁ। ଆର୍ଥିକ ଲାଭର ପ୍ରବଳ ସମ୍ଭାବନା ଅଛି। ଭୂମି ବା ବାହାନ କ୍ରୟ କରିପାରନ୍ତି। ପରିବାରରେ ସୁଖ ପ୍ରାପ୍ତି ହେବ। ଲୋକଙ୍କ ଯୋଗୁଁ କ୍ଷତି ସହିପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ମିଥୁନ** ମାନସିକ ସ୍ତରରେ ଅସ୍ଥିରତା ଅନୁଭବ କରିବେ। ହଠାତ୍ ଧନ ଖର୍ଚ୍ଚର ସମ୍ମୁଖୀନ ହେବେ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟ ଖରାପ ହେବାର ଯୋଗଅଛି। କଳହରୁ ଦୂରେଇ ରୁହନ୍ତୁ। ନିଛାଟିଆ ସ୍ଥାନକୁ ଯାଆନ୍ତୁ ନାହିଁ।

**କର୍କଟ** ଯାତ୍ରାର ଯୋଗ ଅଛି। ନିକଟ ଲୋକଙ୍କର ସହାୟତା ପ୍ରାପ୍ତ ହେବ। ଧନଲାଭ ହେବ। କିନ୍ତୁ ପରିବାର ପାଇଁ ଧନ ମଧ୍ୟ ଖର୍ଚ୍ଚ ହେବ। କ୍ରୋଧ ଉପରେ ଲଗାମ ଦିଅନ୍ତୁ। ସନ୍ତାନଙ୍କ ସହ କଳହ ହୋଇପାରେ।

**ସିଂହ** ହଠାତ୍ କୌଣସି ଶୁଭ ସମ୍ବାଦ ମିଳିପାରେ। ବିଳମ୍ବିତ ହୋଇଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାର ସମୟ ଅନୁକୂଳ। ବ୍ୟବସାୟରେ ଉନ୍ନତି ଓ ଅନ୍ୟମାନଙ୍କ ସହଯୋଗ ପ୍ରାପ୍ତି ହେବ। କାର୍ଯ୍ୟ କ୍ଷେତ୍ରରେ ବିବାଦର ସମ୍ଭାବନା ଅଛି।

**କନ୍ୟା** ଶିକ୍ଷା ଓ ପ୍ରତିଯୋଗିତାରେ ଅପୂର୍ବ ସଫଳତା ମିଳିବ। ଯୋଜନାର ସଫଳ ରୂପାନ୍ତର କରିବାର ସକ୍ଷମ ହେବେ। ସଞ୍ଚୟ ବଢ଼ିପାରେ। ଋଣଠାରୁ ଦୂରେଇ ରୁହନ୍ତୁ। ପ୍ରେମ ବିବାହ ପାଇଁ ସମୟ ଅନୁକୂଳ।

**ତୁଳା** କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଦୁର୍ଘଟଣାର ସମ୍ମୁଖୀନ ହୋଇପାରନ୍ତି। ବୁଦ୍ଧିବଳରେ ଆୟର ବୃଦ୍ଧି ହେବ। ଦାମ୍ପତ୍ୟ ଜୀବନରେ ଝଗଡା ହୋଇପାରେ।

**ବିଛା** କର୍ମକ୍ଷେତ୍ରରେ ନିଜର ସ୍ଥିତି ସୁଦୃଢ଼ କରିବେ। ବାହାନ କ୍ରୟ ପାଇଁ ଏହା ସଠିକ ସମୟ ଅଟେ। ଦମ୍ପତ୍ତିଙ୍କ ମଧ୍ୟରେ କଳହ ଦେଖାଦେବ। ଯାତ୍ରାର ଯୋଗ ଅଛି। ମନ ଚଞ୍ଚଳ ରହିବ।

**ଧନୁ** ଗୁରୁଜନ ଓ ଉଚ୍ଚପଦାଧିକାରୀଙ୍କ ଠାରୁ ସହଯୋଗ ପ୍ରାପ୍ତ ହେବ। ମନବଳ ଦୁର୍ବଳ ରହିବ। ଝଗଡାରୁ ଦୂରେଇ ରହନ୍ତୁ। ସନ୍ତାନଙ୍କ ପାଇଁ ଅଧିକ ଖର୍ଚ୍ଚ କରିପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ମକର** ବ୍ୟବସାୟରେ ଅତ୍ୟଧିକ ଉନ୍ନତି ପରିଲକ୍ଷିତ ହେବ। ଯାତ୍ରାର ଯୋଗ ଅଛି। ଜୀବନ ସାଥୀଙ୍କର ସହଯୋଗ ପ୍ରାପ୍ତ ହେବ। ଆୟକୁ ନେଇ ଅସନ୍ତୁଷ୍ଟ ରହିବେ। ମନରେ ଧାର୍ମିକ ଚେତନାର ଜାଗୃତି ହେବ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ମନ ଚଞ୍ଚଳ ରହିବ। ଅଧିକ ସମୟ ନିଜ ଓ ନିଜ ପରିବାର ଚିନ୍ତାରେ ସମୟ ବ୍ୟୟ କରିବେ। ଆବେଦନ କରିଥିବା ଋଣ ମଞ୍ଜୁର ହେବ। ଆୟ ଅପେକ୍ଷା ବ୍ୟୟ ଅଧିକ ହେବ। ଗୃହରେ ଶାନ୍ତି ବିଜୟ ରହିବ।

**ମୀନ** ନିଜର ଲୋକମାନେ ଆପଣଙ୍କ ଅନିଷ୍ଟ କରିପାରନ୍ତି। ଅନେକ ଦିନର ଋଣ ପରିଶୋଧ କରି ପ୍ରତିଯୋଗିତାରେ ବିଜୟୀ ହେବେ। ବ୍ୟବସାୟରେ ଉନ୍ନତି ହେବ। ବିବାହ ପାଇଁ ସମୟ ଅନୁକୂଳ। ଆୟରେ ବୃଦ୍ଧି ହେବ। ଛାତ୍ରମାନେ ପାଠରେ ମନଦେବେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ୫ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା

**ନୂଆଦିଲ୍ଲୀ :** ବାଜିଲା ନିର୍ବାଚନ ବିଗୁଲ। ଚାରି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ନିର୍ବାଚନ ତାରିଖ ଘୋଷଣା କରିଛନ୍ତି ମୁଖ୍ୟ ନିର୍ବାଚନ କମିଶନର। ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ପାଇଁ ତାରିଖ ଘୋଷଣା କରିଛନ୍ତି ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରା। ଏଥିସହ ଏହି ସମସ୍ତ ସ୍ଥାନରେ ଆଜିଠାରୁ ବିଧିବଦ୍ଧ ଭାବରେ ଆଚରଣବିଧି ଲାଗୁ ହୋଇଛି। ମୋଟ୍ ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୮୨୪ଟି ବିଧାନସଭା ଆସନରେ ମତଦାନ ହେବ। ମୋଟ ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ୧୮.୬୮ କୋଟି ମତଦାତା ରହିଛନ୍ତି। ୨.୭ଲକ୍ଷ ପୋଲିଂ ବୁଥରେ ଏହି ସମସ୍ତ ଭୋଟର ମତଦାନ କରିବେ। ଆସାମରେ ତିନୋଟି ପର୍ଯ୍ୟାୟରେ ମତଦାନ ହେବ। ୨୭ ମାର୍ଚ୍ଚରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବ। ଏପ୍ରିଲ ୧ରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବ। ଅନ୍ତିମ ପର୍ଯ୍ୟାୟ ମତଦାନ ଏପ୍ରିଲ ୬ରେ ହେବ। ମେ ୨ରେ ଫଳାଫଳ ଘୋଷଣା ହେବ ବୋଲି ସୁନୀଲ ଆରୋରା କହିଛନ୍ତି। ସେହିପରି କେରଳ, ତାମିଲନାଡୁ ଏବଂ ପୁଡୁଚେରୀରେ ୬ ଏପ୍ରିଲ୍‌ରେ ମତଦାନ ହେବ। ଗୋଟିଏ ପର୍ଯ୍ୟାୟରେ ସମସ୍ତ ଆସନରେ ମତଦାନ ହେବ ବୋଲି ସୁନୀଲ ଆରୋରା କହିଛନ୍ତି। ପଶ୍ଚିମବଙ୍ଗରେ ୮ଟି ପର୍ଯ୍ୟାୟରେ ମତଦାନ ହେବ। ପ୍ରଥମ ପର୍ଯ୍ୟାୟ ମାର୍ଚ୍ଚ ୨୭ରେ ହେବ। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ୧ ଏପ୍ରିଲ, ତୃତୀୟ ପର୍ଯ୍ୟାୟ ମତଦାନ ୬ ଏପ୍ରିଲ, ଚତୁର୍ଥ ପର୍ଯ୍ୟାୟ ମତଦାନ ୧୦ ଏପ୍ରିଲ୍‌ରେ ହେବାକୁ ଥିବା ବେଳେ ପଞ୍ଚମ ପର୍ଯ୍ୟାୟ ମତଦାନ ୧୭ ଏପ୍ରିଲରେ ହେବ। ଷଷ୍ଠ ପର୍ଯ୍ୟାୟ ମତଦାନ ଏପ୍ରିଲ ୨୨ରେ ହେବ, ସପ୍ତମ ପର୍ଯ୍ୟାୟ ମତଦାନ ଏପ୍ରିଲ ୨୬ ଏବଂ ଅଷ୍ଟମ ପର୍ଯ୍ୟାୟ ମତଦାନ ୨୯ ଏପ୍ରିଲରେ ହେବ ବୋଲି ସୁନୀଲ ଆରୋରା ଘୋଷଣା କରିଛନ୍ତି। କରୋନା ବେଳେ ବିହାର ବିଧାନସଭା ନିର୍ବାଚନ ସଫଳତାର ସହ ହୋଇଛି। ଭୋଟରଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ନାମାଙ୍କନ ପତ୍ର ଦାଖଲ ସମୟରେ କେବଳ ଦୁଇଜଣ ପ୍ରାର୍ଥୀଙ୍କ ସହିତ ପ୍ରାର୍ଥୀ ଯାଇପାରିବେ। ଭୋଟ୍ ଦେବାର ସମୟ ମଧ୍ୟ ଏକ ଘଣ୍ଟା ବୃଦ୍ଧି କରାଯାଇଛି। କରୋନା ପାଇଁ ଏହି ଅବଧି ବଢ଼ାଯାଇଛି। ବିହାର ବିଧାନସଭା ନିର୍ବାଚନ ବେଳେ ମଧ୍ୟ ସମାନ ନିୟମ କରାଯାଇଥିଲା। ମତଦାନ କେନ୍ଦ୍ରରେ ନିୟୋଜିତ ଥିବା ପୋଲିଂ ଅଧିକାରୀ ଟିକା ନେବା ଜରୁରୀ ବୋଲି ସୁନୀଲ ଆରୋରା କହିଛନ୍ତି। ପଶ୍ଚିମବଙ୍ଗର ୭୭,୪୧୩ ମତଦାନ କେନ୍ଦ୍ର ହୋଇଛି। ଯାହାକି ପୂର୍ବ ତୁଳନାରେ ୩୯.୬% ବୃଦ୍ଧି କରାଯାଇଛି। ଚାରିଟି ରାଜ୍ୟରେ ମତଦାନ କେନ୍ଦ୍ର ସଂଖ୍ୟା ବୃଦ୍ଧି କରାଯାଇଛି। ଆସାମରେ ୩୩୫୩୦ ମତଦାନ କେନ୍ଦ୍ର ହୋଇଥିବା ବେଳେ ତାମିଲନାଡୁରେ ୮୮୯୩୬ ମତଦାନ କେନ୍ଦ୍ର, ପଶ୍ଚିମବଙ୍ଗରେ ୧୦୧୯୧୬ ମତଦାନ କେନ୍ଦ୍ର, କେରଳରେ ୪୦୭୭୧ ଏବଂ ପୁଡୁଚେରୀରେ ୧୫୫୯ କେନ୍ଦ୍ର ସ୍ଥାପନ ହୋଇଛି। ସମସ୍ତ ମତଦାନ କେନ୍ଦ୍ର ଗ୍ରାଉଣ୍ଡ ଫ୍ଲୋରରେ ରହିବ ବୋଲି ସୁନୀଲ ଆରୋରା କହିଛନ୍ତି।

### ତାମିଲନାଡୁ ସରକାରଙ୍କ ବଡ ଘୋଷଣା

## ବିନା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ଛାତ୍ରଛାତ୍ରୀ



**ଚେନ୍ନାଇ :** କରୋନା ମହାମାରୀ ସମୟରେ ସଂକ୍ରମଣ ସଂଖ୍ୟା କମ କରିବାକୁ ସରକାର ଲକଡାଉନ୍ କରିବା ସହ ସବୁ ଶିକ୍ଷାନୁଷ୍ଠାନ ଗୁଡିକୁ ବନ୍ଦ କରିଥିଲେ। ଅନଲାଇନରେ ପିଲାମାନଙ୍କୁ ପାଠ ପଢ଼ାଯାଉଥିଲେ ମଧ୍ୟ ଫୋନ ନଥିବା ପିଲାମାନେ ପାଠପଢ଼ାରୁ ବଞ୍ଚିତ ହୋଇଥିଲେ। ଠିକ୍ ଭାବରେ ପାଠ ପଢ଼ା ହୋଇନଥିବାରୁ ଏହା ଉପରେ ବିଚାର କରି ତାମିଲନାଡୁ ସରକାର ଏକ ବଡ ଘୋଷଣା କରିଛନ୍ତି। ଘୋଷଣା ମୁତାବକ ପରୀକ୍ଷା ନ ଦେଇ ନବମ, ଦଶମ ଓ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇପାରିବେ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏକେ ପଲାନିସ୍ୱାମୀ ଏନେଇ ଆଜି ବିଧାନସଭାରେ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ବର୍ଷସାରା ଛାତ୍ରଛାତ୍ରୀମାନେ ରାଷ୍ଟ୍ରାୟତ୍ତ କଲଭି ଥୋଲାଇକଚି (ଶିକ୍ଷା ଟିଭି ଚ୍ୟାନେଲ) ମାଧ୍ୟମରେ ପାଠ ପଢ଼ିଥିଲେ। ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନଙ୍କ ଅସୁବିଧାକୁ ଧ୍ୟାନରେ ରଖି ସିଲାବସ୍ ହ୍ରାସ କରାଯାଇଥିଲା। କିନ୍ତୁ ସବୁ ପରେ ବି ଯେଉଁଭଳି ଭାବରେ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ାଯିବା କଥା, ତାହା ହୋଇପାରି ନଥିଲା। ଏ ନେଇ ବିଶେଷଜ୍ଞଙ୍କ ମତାମତ ଏବଂ ଛାତ୍ରଛାତ୍ରୀମାନଙ୍କ ମାତା-ପିତାଙ୍କ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଅନ୍ୟପଟେ ରାଜ୍ୟରେ ଦ୍ୱାଦଶ ଶ୍ରେଣୀର ପିଲାମାନଙ୍କ ପାଇଁ ପରୀକ୍ଷା ଆୟୋଜନ କରାଯିବ ବୋଲି କୁହାଯାଇଛି। ପରୀକ୍ଷା ପାଇଁ ସରକାରୀ ପରୀକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମୟ ସାରଣୀ ଘୋଷଣା କରାଯାଇଛି। ମେ' ମାସ ୩ ତାରିଖରୁ ୨୧ ତାରିଖ ମଧ୍ୟରେ ଦ୍ୱାଦଶ ଶ୍ରେଣୀ ପାଇଁ ପରୀକ୍ଷା ହେବ।

### ପିଏନ୍‌ବି ଦୁର୍ନୀତିର ହେବ ପର୍ଦ୍ଦାଫାସ

## ଭାରତ ଫେରିବେ ମୋଦି



**ନୂଆଦିଲ୍ଲୀ :** ଭାରତ ଫେରିବେ ପିଏନ୍‌ବି ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ତଥା ହୀରା ବ୍ୟବସାୟୀ ନିରବ ମୋଦି। ଲଣ୍ଡନର ୱେଷ୍ଟମିନ୍‌ଷ୍ଟର କୋର୍ଟ ଏହି ମାମଲାର ଶୁଣାଣି କରିବା ସହ ଭାରତ ପ୍ରତ୍ୟର୍ପଣ କରିବାକୁ ଅନୁମତି ଦେଇଛନ୍ତି। ଏଥିସହ ନିରବ ମୋଦି ଆବେଦନ କରିଥିବା ମାମଲାକୁ ମଧ୍ୟ ଖାରଜ କରିଦେଇଛନ୍ତି ୱେଷ୍ଟମିନ୍‌ଷ୍ଟର କୋର୍ଟ। ଲଣ୍ଡନ କୋର୍ଟ କହିଛନ୍ତି ନିରବ ମୋଦି ଭାରତ ଫେରିଲେ ତାଙ୍କ ବିରୁଦ୍ଧରେ ରହିଥିବା ମାମଲା ଚାଲିବ। ସେହିପରି ଭାରତରେ ତାଙ୍କ ସହ ଅନ୍ୟାୟ କଣ ପାଇଁ ହେବ ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି। ଅନ୍ୟାୟ ହେବ ନହେବ ତାହାର କୌଣସି ପ୍ରମାଣ ନାହିଁ। କୋର୍ଟଙ୍କ ଏଭଳି ରାୟ ପରେ ନିରବ ମୋଦିଙ୍କୁ ଭାରତ ଆଣିବା ପାଇଁ ରାସ୍ତା ସଫା ହୋଇଯାଇଛି। ସୂଚନା ମୁତାବକ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ୧୩ ହଜାର କୋଟି ଟଙ୍କାର ବେଆଇନ ଋଣ ନେଇଥିଲେ। ପରେ ମାମଲା ରୁଜୁ ହେବାରୁ ନିରବ ମୋଦି ଭାରତ ଛାଡି ଲଣ୍ଡନ ଫେରାର ହୋଇଯାଇଥିଲେ। ସେଠାରେ ମଧ୍ୟ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ଗତ ମାସରେ ଏହି ମାମଲାର ଶୁଣାଣି ଶେଷ ହୋଇଥିବା ବେଳେ ଶେଷ ରାୟ ଶୁଣାଇଛନ୍ତି ଲଣ୍ଡନ କୋର୍ଟ।

## ସ୍ତ୍ରୀ ଗୁଲାମ ନୁହନ୍ତି : ବମ୍ବେ ହାଇକୋର୍ଟ

**ମୁମ୍ବାଇ :** ସ୍ତ୍ରୀ କୌଣସି ଗୁଲାମ କିମ୍ବା ବସ୍ତୁ ନୁହନ୍ତି। ସେ ଯଦି ସ୍ୱାମୀ ପାଇଁ ଚା' ପ୍ରସ୍ତୁତ କରିବାକୁ ମନା କରନ୍ତି, ତେବେ ତାଙ୍କୁ ଦୁର୍ବ୍ୟବହାରକାରୀ ବୋଲି ବିବେଚନା କରି ମାଡ ମରାଯାଇ ପାରିବ ନାହିଁ ବୋଲି ଗୁରୁବାର ବମ୍ବେ ହାଇକୋର୍ଟ ଏକ ହତ୍ୟା ମାମଲାର ଶୁଣାଣି ସମୟରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ଏହାସହିତ ସ୍ତ୍ରୀ ହତ୍ୟାକାରୀ ଜଣେ ୫୩ ବର୍ଷୀୟ ଯୁବକଙ୍କୁ ତଳ କୋର୍ଟ ଦେଇଥିବା ଦଣ୍ଡାଦେଶକୁ କାଏମ ରଖିଛନ୍ତି। ବମ୍ବେ ହାଇକୋର୍ଟ କହିଛନ୍ତି ଯେ, ଦମ୍ପତିଙ୍କ ୬ ବର୍ଷୀୟା ଝିଅର ବୟାନ ଭରସାଯୋଗ୍ୟ। ୨୦୧୬ରେ ତଳ କୋର୍ଟ ଦ୍ୱାରା ଦୋଷୀ ସନ୍ତୋଷ ଅଖତର (୩୫)ଙ୍କୁ ଦେଇଥିବା ୧୦ ବର୍ଷ ଜେଲ ଦଣ୍ଡାଦେଶକୁ କାଏମ ରଖିଥିଲେ। ୨୦୧୩ ଡିସେମ୍ବରରେ ସନ୍ତୋଷ ସ୍ତ୍ରୀ ତାଙ୍କ ପାଇଁ ଚା' ତିଆରି ନ କରି ବାହାରୁ ପିଇଦେବାକୁ କହିଥିଲେ। ଏହାପରେ ସନ୍ତୋଷ ତାଙ୍କ ମୁଣ୍ଡକୁ ଏକ ହାତୁଡିରେ ପିଟି ହତ୍ୟା କରିଥିଲେ। ଦମ୍ପତିଙ୍କ ୬ ବର୍ଷୀୟା ଝିଅର ବୟାନ ଅନୁସାରେ, ସନ୍ତୋଷ ତାଙ୍କ ସ୍ତ୍ରୀଙ୍କ ମୁଣ୍ଡକୁ ହାତୁଡିରେ ପିଟିବା ପରେ ସେ ଗୁରୁତର ଆହତ ହୋଇଥିଲେ। ଏହାପରେ ସନ୍ତୋଷ ଘଟଣାସ୍ଥଳରେ ପଡିଥିବା ରକ୍ତକୁ ସଫା କରିଥିଲେ। ପରେ ସ୍ତ୍ରୀଙ୍କୁ ଗାଧୋଇଦେବା ପରେ ହସ୍ପିଟାଲକୁ ନେଇଥିଲେ। ମହିଳା ଜଣକ ପ୍ରାୟ ୧ ସପ୍ତାହ ଧରି ହସ୍ପିଟାଲରେ ରହିବା ପରେ ଆଖି ବୁଜିଥିଲେ।

# ସିକ୍କିମ ଓ ଅରୁଣାଚଳ ସୀମାରେ ଭିତ୍ତିଭୂମି ସୁଦୃଢ଼ କରୁଛି ଚୀନ୍

**ନୂଆଦିଲ୍ଲୀ :** ଦୀର୍ଘ ଦଶ ମାସ ଧରି ଲଦାଖସ୍ଥିତ ବାସ୍ତବ ନିୟନ୍ତ୍ରଣ ରେଖାରେ ଉତ୍ତେଜନା ସୃଷ୍ଟି କରିବାପରେ ନିକଟରେ ଚୀନ୍ ଅବଶ୍ୟ ସେଠାରୁ ସୈନ୍ୟ ଓ ଯୁଦ୍ଧାସ୍ତ୍ର ପ୍ରତ୍ୟାହାର କରିନେଇଛି। ତେବେ ଚୀନ୍‌ର ଏଭଳି ଆଚରଣକୁ ଭାରତ କଦାପି ବିଶ୍ୱାସକୁ ନେଇପାରୁନାହିଁ। ଏପରିକି ଏହି ପ୍ରସଙ୍ଗରେ ଭାରତୀୟ ସ୍ଥଳସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରବଣେ କହିଛନ୍ତି ଯେ ଚୀନ୍‌କୁ ଏତେ ସହଜରେ ବିଶ୍ୱାସ କରିବା ଅନୁଚିତ। ଜେନେରାଲ ନରବଣେଙ୍କ ଏହି ମନ୍ତବ୍ୟ ବର୍ତ୍ତମାନ ସତ ପ୍ରମାଣିତ ହେବାକୁ ଯାଉଛି। ଲଦାଖରୁ ସୈନ୍ୟ ଅପସାରଣ ପରେ ଚୀନ୍ ବର୍ତ୍ତମାନ ଭାରତ ସଂଲଗ୍ନ ସିକ୍କିମ ଓ ଅରୁଣାଚଳ ପ୍ରଦେଶ ସୀମାରେ ସାମରିକ ଭିତ୍ତିଭୂମିକୁ ମଜଭୁତ କରିବାରେ ଲାଗିପଡିଛି। ଅରୁଣାଚଳରୁ ଆରମ୍ଭ କରି ଲଦାଖ୍ ପର୍ଯ୍ୟନ୍ତ ଭାରତ ଓ ଚୀନ୍ ମଧ୍ୟରେ ଦୀର୍ଘ ୩୪୮୮ କିମି ଦୈର୍ଘ୍ୟବିଶିଷ୍ଟ ଆନ୍ତର୍ଜାତିକ ସୀମାରେଖା ରହିଛି। ଭାରତ ବିପକ୍ଷରେ ଚୀନ୍ ବର୍ତ୍ତମାନ ପୂର୍ବ ମୁହାଁ ନୀତି ଅବଲମ୍ବନ କରୁଛି। ସିକ୍କିମ ନିକଟସ୍ଥ ନାକୁଲା ଠାରେ ଚୀନ୍ ଏକାଧିକ ଶିବିର ଓ ବଙ୍କର ନିର୍ମାଣ କରିବା ସହ ରାସ୍ତା ମଧ୍ୟ ନିର୍ମାଣ କରୁଛି। ଆଜକୁ ପ୍ରାୟ ଛଅ ବର୍ଷ ଧରି ଚୀନ୍ ନାକୁଲାରେ ଉତ୍ତେଜନା ସୃଷ୍ଟି କରିଆସୁଛି। ସିକ୍କିମକୁ ଭାରତର ଅବିଚ୍ଛେଦ୍ୟ ଅଂଶ ବୋଲି ଚୀନ୍ ସ୍ୱୀକାର କରୁଥିଲେ ସୁଦ୍ଧା ନାକୁଲାରେ ଏଭଳି ଘଟଣା ଚୀନ୍‌ର ଅସଲ ଉଦ୍ଦେଶ୍ୟକୁ ପଦାରେ ପକାଇଛି। ୨୦୨୦ ମେ'ରେ ନାକୁଲାରେ ଭାରତ ଓ ଚୀନ୍ ସୈନ୍ୟ ହାତାହାତି ହୋଇଥିବାବେଳେ ଆହତଙ୍କ ସଂଖ୍ୟା ଏତେଟା ଆଖିଦୃଶିଆ ନଥିଲା। ଅପରପକ୍ଷରେ ଅରୁଣାଚଳ ପ୍ରଦେଶର ଅପର ସୁବାନ୍‌ସିରି ଜିଲ୍ଲା




ସନ୍ନିକଟ ସୀମାରେ ଚୀନ୍ ଇତିମଧ୍ୟରେ ତିନିଟି ନୂତନ ପୋଲ ନିର୍ମାଣ କରିବା ସହ ୬୬ କିମି ଲମ୍ବର ରାସ୍ତା ମଧ୍ୟ ନିର୍ମାଣ କରିଛି। ଏହି ପରିପ୍ରେକ୍ଷୀରେ ବାସ୍ତବ ନିୟନ୍ତ୍ରଣ ରେଖାର କେଉଁ ସ୍ଥାନରେ ଚୀନ୍ ଭାରତକୁ ଅନୁପ୍ରବେଶ କରିବ, ତାହା ଆକଳନ କରିବା କଷ୍ଟକର ହୋଇପଡୁଛି। ସାମରିକ ଓ କୂଟନୈତିକ ସ୍ତରରେ ଯେତେ ଆଲୋଚନା ହେଉଥିଲେ ସୁଦ୍ଧା ଭାରତ ଏହି ୩୪୮୮ କିମି ଦୈର୍ଘ୍ୟବିଶିଷ୍ଟ ସୀମାରେ ଅହରାତ୍ର ନଜର ରଖିବା ଜରୁରୀ ବୋଲି ବହୁ ପୂର୍ବତନ ସାମରିକ ଅଧିକାରୀ ଚେତାଇ ଦେଇଛନ୍ତି। ଚୀନ୍‌ର ବନ୍ଧୁତା ଓ ଆକ୍ରମଣାତ୍ମକ ଆଭିମୁଖ୍ୟ ସହ ତାଳ ଦେଇ ଚାଲିବା ବୁଦ୍ଧିମାନର କାର୍ଯ୍ୟ ହେବ ବୋଲି ସେମାନେ କହିଛନ୍ତି। ଭାରତ ସହ ସିଧାସଳଖ ମୁକାବିଲା କରିବାକୁ ଚୀନ୍ ଏତେଟା ସାହସ ସଞ୍ଚୟ କରିପାରୁନଥିଲେ ସୁଦ୍ଧା ନେପାଳ, ବାଂଲାଦେଶ, ପାକିସ୍ତାନ, ଶ୍ରୀଲଙ୍କା ଭଳି ଅନ୍ୟ ପଡୋଶୀ ରାଷ୍ଟ୍ରଗୁଡିକୁ ଭାରତ ବିରୋଧରେ ଉସ୍‌କାଇବାରେ ପଛଘୁଞ୍ଚା ଦେଉନାହିଁ।

### ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ସପକ୍ଷରେ ପ୍ରଧାନମନ୍ତ୍ରୀ

## 'ବ୍ୟବସାୟ କରିବା ସରକାରଙ୍କ କାମ ନୁହେଁ'

**ନୂଆଦିଲ୍ଲୀ :** ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ ସପକ୍ଷରେ ଏକ ବଡ ବୟାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ କହିଛନ୍ତି ଯେ, ବ୍ୟବସାୟ କରିବା ସରକାରଙ୍କ କାମ ନୁହେଁ। ୧୦୦ଟି ରାଷ୍ଟ୍ରାୟତ୍ତ ସମ୍ପତ୍ତିର ଘରୋଇକରଣ କରାଯିବ। ପୁଞ୍ଜି ପ୍ରତ୍ୟାହାର ସମ୍ପର୍କରେ ଏକ ୱେବିନାରରେ ଯୋଗଦେଇ ମୋଦି କହିଛନ୍ତି ଯେ, ତାଙ୍କ ସରକାର ବ୍ୟବସାୟ ଜଗତକୁ ସହାୟତା କରିବାକୁ ପ୍ରତିଶ୍ରୁତିବଦ୍ଧ। କିନ୍ତୁ ନିଜେ ସରକାର ବ୍ୟବସାୟ ଚଳାଇବା ଆଜିର ଯୁଗର ଆବଶ୍ୟକତା ନୁହେଁ। ବ୍ୟବସାୟ କରିବା ସରକାରଙ୍କ କାମ ନୁହେଁ। ବ୍ୟବସାୟ କରିବା ବଦଳରେ ସରକାର ଜନକଲ୍ୟାଣମୂଳକ କାର୍ଯ୍ୟରେ ଫୋକସ କରିବା ଆବଶ୍ୟକ। ସେ କହିଛନ୍ତି ଯେ, ଦେଶରେ ଅନେକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କ୍ଷତିରେ ଚାଲୁଛି। ଏହା ସରକାର ଓ ଦେଶର ଅର୍ଥନୀତି ପାଇଁ ଏକ ବୋଝ ହୋଇଯାଇଛି। ପ୍ରାୟ ୧୦୦ଟି ରାଷ୍ଟ୍ରାୟତ୍ତ ସଂସ୍ଥା କିମ୍ବା ସମ୍ପତ୍ତିର ଘରୋଇକରଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଗୁଡିକ ମାଧ୍ୟମରେ ଘରୋଇ କ୍ଷେତ୍ରରୁ ପ୍ରାୟ ୨.୫ଲକ୍ଷ କୋଟିର ନିବେଶ ଆସିବ। ମୋଦି କହିଛନ୍ତି ଯେ, ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାରରୁ ମିଳିବାକୁ ଥିବା ଅର୍ଥକୁ ଜନକଲ୍ୟାଣକର କାମରେ ବିନିଯୋଗ କରାଯିବ।



### ସାମାଜିକ ଗଣମାଧ୍ୟମ ପାଇଁ ମାର୍ଗଦର୍ଶିକା ଜାରି

# ୩ ମାସ ମଧ୍ୟରେ ହେବ କାର୍ଯ୍ୟକାରୀ

**ନୂଆଦିଲ୍ଲୀ :** ସାମାଜିକ ଗଣମାଧ୍ୟମ (ସୋସିଆଲ ମିଡିଆ) ଓ ଷ୍ଟ୍ରିମିଂ ପ୍ଲାଟଫର୍ମ ପାଇଁ କେନ୍ଦ୍ର ସରକାର ନୂଆ ଗାଇଡଲାଇନ ଜାରି କରିଛନ୍ତି। ଅନେକ ସମୟରେ ଓଟିଟି ପ୍ଲାଟଫର୍ମ ଓ ସାମାଜିକ ଗଣମାଧ୍ୟମରେ ଆପତ୍ତିଜନକ ବିଷୟବସ୍ତୁ ପ୍ରକାଶିତ ହେଉଥିବାରୁ, ଏହାକୁ ନିୟନ୍ତ୍ରଣ କରିବା ପାଇଁ ଗାଇଡଲାଇନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଉଭୟ ଡିଜିଟାଲ ମିଡିଆ ଏବଂ ଓଟିଟି ପ୍ଲାଟଫର୍ମ ପାଇଁ ସ୍ୱତନ୍ତ୍ର ଭାବେ ନିୟମ ନିର୍ଦ୍ଧାରଣ କରାଯାଇଛି। ଡିଜିଟାଲ୍ ବା ସୋସିଆଲ ମିଡିଆର ଗାଇଡଲାଇନ ଜାରି କରି କେନ୍ଦ୍ର ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ରବି ଶଙ୍କର ପ୍ରସାଦ କହିଛନ୍ତି, ଲୋକଙ୍କୁ ସେବା ଯୋଗାଉଥିବା ସବୁ ସଂସ୍ଥା ନିଜ ପାଖରେ ଅଭିଯୋଗ ପ୍ରକୋଷ୍ଠ ପ୍ରତିଷ୍ଠା କରିବେ। ଭାରତର ଅଖଣ୍ଡତା, ସାର୍ବଭୌମତ୍ୱ ଓ ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ବିଷୟବସ୍ତୁକୁ ଆଦୌ ବରଦାସ୍ତ କରାଯିବ ନାହିଁ। ଏହା ଉପରେ ନଜର ରଖିବା ପାଇଁ ଏକାଧିକ ମନ୍ତ୍ରଣାଳୟ ଓ ଏଥିକ୍ସ କୋଡ୍‌ର ବ୍ୟବସ୍ଥା କରାଯିବ। ଅଭିଯୋଗ ଆସିବାର ୨୪ ଘଣ୍ଟା ମଧ୍ୟରେ ସଂପୃକ୍ତି ଡିଜିଟାଲ ମିଡିଆ ପ୍ଲାଟଫର୍ମ ଏହାକୁ ଗ୍ରହଣ କରିବାକୁ ବାଧ୍ୟ। ସେହିପରି ୧୫ ଦିନ ମଧ୍ୟରେ ସଂପୃକ୍ତ ସଂସ୍ଥାର ବିଷୟ ବସ୍ତୁ ବିରୋଧରେ ଆସିଥିବା ଅଭିଯୋଗକୁ ସମାଧାନ କରି ଏ ବିଷୟରେ ଘୋଷଣା କରିବାକୁ ହେବ। ଅଭିଯୋଗ ଗ୍ରହଣ କରୁଥିବା ଅଧିକାରୀ, ନୋଡାଲ କଣ୍ଟାକ୍ଟ ଅଧିକାରୀ ଓ ସ୍ଥାନୀୟ ଅଭିଯୋଗ ଗ୍ରହଣ କରୁଥିବା ଅଧିକାରୀଙ୍କ ନାଁ ମଧ୍ୟ ପ୍ରକାଶ କରିବା ବାଧ୍ୟତାମୂଳକ। ଯଦି କୌଣସି ସନ୍ଦିଗ୍ଧ ଟ୍ୱିଟ କିମ୍ବା ମେସେଜ ବିଷୟରେ ଖବର ପ୍ରକାଶ କରାଯାଉଛି, ତା'ହେଲେ ଏହାର ମୂଳ ଉତ୍ପତ୍ତି ବା ସ୍ରଷ୍ଟାଙ୍କ ବିଷୟରେ ଜଣାଇବାକୁ ପଡ଼ିବ। ସେହିପରି ଜାତୀୟ ସୁରକ୍ଷାପ୍ରତି ବିପଦ ସୃଷ୍ଟି କରିବା ଭଳି ଖବର ପ୍ରକାଶ କରିବା ବେଳେ ସୂତ୍ର କରିବାକୁ ପଡ଼ିବ। କୌଣସି ଆପତ୍ତିଜନକ କଣ୍ଟେଣ୍ଟ ଥିଲେ ଏହାକୁ ୨୪ ଘଣ୍ଟା



ମଧ୍ୟରେ ଅପସାରଣ କରାଯିବ। ଆସନ୍ତା ୩ ମାସ ମଧ୍ୟରେ ନୂଆ ଗାଇଡଲାଇନକୁ କାର୍ଯ୍ୟକାରୀ କରାଯିବ। ଡିଜିଟାଲ ନ୍ୟୁଜ ମିଡିଆ ଏବଂ ଓଟିଟି ପ୍ଲାଟଫର୍ମ ସେମାନଙ୍କ ତଥ୍ୟ ସାର୍ବଜନୀନ କରିବେ। ପଞ୍ଜୀକରଣ ବାଧ୍ୟତାମୂଳକ ନଥିଲେ ମଧ୍ୟ ସେମାନେ ସବୁ ତଥ୍ୟ ଦେବାକୁ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଓଟିଟି ପ୍ଲାଟଫର୍ମ ପାଇଁ ସରକାର ୩ ଥାକିଆ ଯାଞ୍ଚ ବ୍ୟବସ୍ଥା କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, ଓଟିଟି ପ୍ଲାଟଫର୍ମ ସୂଚନା ମନ୍ତ୍ରଣାଳୟ ଅଧୀନକୁ ଆସିବ। ସେହିପରି ସର୍ଭିସ ପ୍ରୋଭାଇଡର ସେଲଫ କ୍ଲାସିଫିକେସ୍ ବ୍ୟବସ୍ଥା ମଧ୍ୟ କରିବେ। ଚାଇଲ୍ଡ ଲକ୍ ସିଷ୍ଟମ ଓ ବୟସ ଭେରିଫିକେସ୍‌ର ବ୍ୟବସ୍ଥା ରହିବ। ଆପତ୍ତିଜନକ ଦୃଶ୍ୟ ଯେମିତି ଛୋଟ ପିଲା ଦେଖିପାରିବେ ନାହିଁ, ସେଥିଲାଗି ସର୍ଭିସ ପ୍ରୋଭାଇଡର ସ୍ୱତନ୍ତ୍ର ବ୍ୟବସ୍ଥା କରିବେ। ଯଦି ଓଟିଟି ପ୍ଲାଟଫର୍ମରେ କୌଣସି ଆପତ୍ତି ବା ଭୁଲ ଦୃଶ୍ୟ ପ୍ରସାରଣ କରାଯାଏ, ତା'ହେଲେ ଟିଭି ଭଳି ସେଥିରେ ମଧ୍ୟ ଦେଶବାସୀଙ୍କୁ ସଂପୃକ୍ତ ସଂସ୍ଥା କ୍ଷମା ମାଗିବେ। ଓଟିଟି ପ୍ଲାଟଫର୍ମ ସେଲଫ ରେଗୁଲେଟିଂ ସଂସ୍ଥା ପ୍ରତିଷ୍ଠା କରିବେ। ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟ କିମ୍ବା ଏହି ବର୍ଗର ଜଣେ ପ୍ରଖ୍ୟାତ ଲୋକଙ୍କୁ ଏହାର ମୁଖ୍ୟ ଭାବେ ନିଯୁକ୍ତ କରିବେ। ଏହି ନିୟମ ଡିଜିଟାଲ ନ୍ୟୁଜ ପ୍ଲାଟଫର୍ମ, ସୋସିଆଲ ମିଡିଆ। ପ୍ଲାଟଫର୍ମ ଏବଂ ଓଟିଟି ଷ୍ଟ୍ରିମିଂ ସର୍ଭିସ ପାଇଁ ଲାଗୁ ହେବ। ଏସବୁ ଉପରେ ସରକାରଙ୍କ ନଜର ରହିବ ବୋଲି ଜାଭଡେକର କରିଛନ୍ତି। ରବିଶଙ୍କର ପ୍ରସାଦ କହିଛନ୍ତି, ସରକାର ସବୁବେଳେ ଗଠନମୂଳକ ସମାଲୋଚନାକୁ ସହ୍ୟ କରୁଛନ୍ତି। ହେଲେ ସୋସିଆଲ ମିଡିଆକୁ ଅପବ୍ୟବହାର କରିବାକୁ ଦିଆଯିବ ନାହିଁ। ସୋସିଆଲ ମିଡିଆରେ ଏମିତି ବିଷୟବସ୍ତୁ ଓ ଛବି ପ୍ରକାଶ କରାଯାଉଛି ଯେ ଯାହା କେବେ ହେଲେ ଗ୍ରହଣୀୟ ନୁହେଁ। ସୋସିଆଲ ମିଡିଆ ଜରିଆରେ ଭାରତ ବାହାରରୁ ଦେଶ ବିରୋଧରେ ଷଡ଼ଯନ୍ତ୍ର କରାଯାଉଛି। ତେଣୁ ଏହା ଉପରେ ନିୟନ୍ତ୍ରଣ ରଖିବା ପାଇଁ ଗାଇଡଲାଇନ ଜାରିକରାଯାଇଛି। ଗଣମାଧ୍ୟମର ସ୍ୱାଧୀନତା ରହିଛି। ହେଲେ ଗଣମାଧ୍ୟମ ମଧ୍ୟ ଉପଯୁକ୍ତ ସଂଯମତା ରଖି କରି ଖବର ପ୍ରକାଶ କରିବା ଉଚିତ ବୋଲି ସେ କହିଛନ୍ତି।

# ପୁଷ୍ଟି ବଜେଟ୍ କରିବାରେ ଓଡ଼ିଶା ଦେଶରେ ପ୍ରଥମ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କର ୫-ଟି ଉପକ୍ରମ ଜରିଆରେ ବିଭିନ୍ନ ବିଭାଗର କାର୍ଯ୍ୟଦକ୍ଷତାରେ ଉନ୍ନତି ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି। ୫-ଟି ଉପକ୍ରମ ଅଧିନରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ୫ ଗୋଟି ନୂଆ ଅନଲାଇନ ସେବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ସେହି ୫ ଗୋଟି ସେବା ଗୁଡ଼ିକ ହେଲା (୧) ଇ-କଳିକା (୨) ମୋ ଛତୁଆ ଆପ୍ (୩) ଇ-ମାନଦେୟ ପୋର୍ଟାଲ (୪) ମମତା ଆପ୍ ଏବଂ (୫) ମୋ ଶିଶୁ ପୋର୍ଟାଲ। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ରାଜ୍ୟ ସରକାର ଗତ ୨୦ ବର୍ଷ ଧରି ମହିଳାମାନଙ୍କର ସଶକ୍ତିକରଣ ଏବଂ ଶିଶୁମାନଙ୍କର କଲ୍ୟାଣକୁ ସର୍ବାଧିକ ପ୍ରାଥମିକତା ଦେଇ କାର୍ଯ୍ୟ କରି ଆସୁଛି। ଏଥିପାଇଁ ପଞ୍ଚାୟତ ଅନୁଷ୍ଠାନ ମାନଙ୍କରେ ମହିଳାମାନଙ୍କ ପାଇଁ ସଂରକ୍ଷଣ ଠାରୁ ଆରମ୍ଭ କରି ମିଶନ ଶକ୍ତି କାର୍ଯ୍ୟକ୍ରମ ଜରିଆରେ ୮୦ଲକ୍ଷ ମହିଳାଙ୍କୁ ସଶକ୍ତ କରାଯାଇଛି। ରାଜ୍ୟ ସରକାରଙ୍କର ଉଦ୍ୟମରେ ଓଡ଼ିଶା ଆଜି ମହିଳା ସଶକ୍ତି କରଣ, ଶିଶୁମାନଙ୍କର ଯତ୍ନ ଏବଂ ପୁଷ୍ଟି କ୍ଷେତ୍ରରେ ସାରା ଦେଶରେ ଏକ ଆଦର୍ଶ ରାଜ୍ୟ ହୋଇପାରିଛି। ସାରା ଦେଶରେ ଏ ପର୍ଯ୍ୟନ୍ତ କେବଳ ଓଡ଼ିଶାରେ ହିଁ ପୁଷ୍ଟି ବଜେଟ୍ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମା ଓ ଶିଶୁମାନଙ୍କୁ ସବୁପ୍ରକାର ସେବା ଯୋଗାଇ ଦେବା ପାଇଁ ଅଙ୍ଗନବାଡ଼ି ଠାରୁ ଆରମ୍ଭକରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କ୍ରେଚ୍, କର୍ମଜୀବି ମହିଳାମାନଙ୍କ ପାଇଁ ହଷ୍ଟେଲ, ଅନାଥାଶ୍ରମ ଏବଂ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ ମାନ କାର୍ଯ୍ୟ କରୁଛି। ରାଜ୍ୟ ସରକାରଙ୍କର ଏହି ସବୁ କାର୍ଯ୍ୟକ୍ରମ ଯେପରି ଅଧିକ ଦକ୍ଷତାର ସହିତ ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ ଦିଗରେ ରାଜ୍ୟ ସରକାର ବିଶେଷ ଯତ୍ନବାନ ଅଛନ୍ତି ଏବଂ ବୈଷୟିକ ଜ୍ଞାନକୌଶଳ ଏହି ଉପକ୍ରମକୁ ବିଶେଷ ସୁଗମ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଜି ଲୋକାର୍ପିତ ୫-ଟି ଅନ୍‌ଲାଇନ୍ ସେବା, ପରିବର୍ତ୍ତିତ ପରିସ୍ଥିତିରେ ହିତାଧିକାରୀଙ୍କୁ ଗୁଣାତ୍ମକ ସେବା ଯୋଗାଇବାରେ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏ ଅବସରରେ ଉଦ୍‌ବୋଧନ ଦେଇ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ କହିଥିଲେ ଯେ ରାଜ୍ୟ ସରକାର ମହିଳା ଓ ଶିଶୁ ବିଭାଗର କଲ୍ୟାଣ ପାଇଁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଆଜି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ରାଜ୍ୟର କୋଣ ଅନୁକୋଣରେ ପ୍ରତି ପରିବାର ପାଖରେ ପହଞ୍ଚି ପାରିଛି ବୋଲି ଶ୍ରୀମତୀ ସାହୁ କହିଥିଲେ। ବିଭାଗୀୟ ପ୍ରମୁଖ ସଚିବ ଅନୁ ଗର୍ଗ ଲୋକାର୍ପିତ ହୋଇଥିବା ଅନ୍‌ଲାଇନ ସେବା ବିଷୟରେ ସମ୍ୟକ ସୁଚନା ତାଙ୍କ ସ୍ୱାଗତ ଭାଷଣରେ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ



ସଚିବ ୫-ଟି ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଇ-କଳିକା ଆପ ଜରିଆରେ କ୍ରେଚ୍‌ରେ ରହୁଥିବା ୩ ବର୍ଷରୁ କମ୍ ବୟସ୍କ ଶିଶୁମାନଙ୍କ ପାଇଁ ଥିବା ଆନୁସାଙ୍ଗିକ ବ୍ୟବସ୍ଥା ପାଇଁ ତଦାରଖ କରାଯାଇପାରିବ। ଏଥିରେ ମା ମାନଙ୍କୁ ଶିଶୁ ମାନଙ୍କ ଯତ୍ନ, ତତ୍ ସମ୍ବନ୍ଧୀୟ ତଥ୍ୟ, ପ୍ରତି ଶିଶୁର ଶାରୀରିକ ତଥା ବୌଦ୍ଧିକ ବିକାଶକୁ ନଜର ରଖାଯାଇପାରିବ। ମୋ-ଛତୁଆ ଆପ୍ ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ଛତୁଆ ଓ ଏହାର ଯୋଗାଣ ପଦ୍ଧତିକୁ ଅଧିକ ବ୍ୟବସ୍ଥିତ ଓ ପାରିଦର୍ଶୀ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କର୍ମୀ, ମିନି ଅଙ୍ଗନବାଡ଼ି କର୍ମୀ ଓ ଅଙ୍ଗନବାଡ଼ି ସହାୟକ ମାନଙ୍କୁ ମାନଦେୟ / ପ୍ରୋତ୍ସାହନ ପାଇଁ ଇ-ମାନଦେୟ ପୋର୍ଟାଲ କାର୍ଯ୍ୟକାରୀ କରାଯାଉଅଛି। ଏହାଦ୍ୱାରା ରାଜ୍ୟର ୧ ଲକ୍ଷ ୩୪ ହଜାର ୭୫୮ ଜଣ ଅଙ୍ଗନ ବାଡ଼ି କର୍ମୀ, ମିନି ଅଙ୍ଗନବାଡ଼ି କର୍ମୀ ଓ ଅଙ୍ଗନବାଡ଼ି ସହାୟକ ଉପକୃତ ହେବେ। ରାଜ୍ୟ ସରକାରଙ୍କର ଅନ୍ୟତମ ଲୋକପ୍ରିୟ କାର୍ଯ୍ୟକ୍ରମ ମମତାକୁ ଆହୁରି ଲୋକାଭିମୁଖୀ ଓ ସେବା କୈନ୍ଦ୍ରିକ କରିବା ପାଇଁ ମମତା ମୋବାଇଲ ଆପ୍ ଖୋଲାଯାଇଛି। ଏଥିରେ ଘରେ ବସି ମା ମାନେ ପଞ୍ଜିକରଣ ଠାରୁ ଆରମ୍ଭ କରି ବ୍ୟାଙ୍କ ଖାତାରେ ଟଙ୍କା ଦାଖଲ ପର୍ଯ୍ୟନ୍ତ ସବୁ ତଥ୍ୟ ପାଇପାରିବେ ଏବଂ ଅଭିଯୋଗ ପାଇଁ ୧୮୧ ହେଲ୍ପଲାଇନକୁ ମଧ୍ୟ ବ୍ୟବହାର କରିପାରିବେ। ସେହିପରି ମୋ ଶିଶୁ ପୋର୍ଟାଲ ଶିଶୁ ସୁରକ୍ଷା ସେବାକୁ ତଦାରଖ ଓ ଦ୍ରୁତଗାମୀ କରିବା ପାଇଁ ଏକ ସରଳ ବ୍ୟବସ୍ଥା। ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନେ ଏହାଦ୍ୱାରା ଉପକୃତ ହୋଇପାରିବେ। ଶିଶୁ ମଙ୍ଗଳ କମିଟି ଓ କିଶୋର ନ୍ୟାୟ ବୋର୍ଡ଼ ମଧ୍ୟ ଅନଲାଇନରେ ବିଭିନ୍ନ ତଥ୍ୟକୁ ଅନୁଧ୍ୟାନ କରି ଶିଶୁମାନଙ୍କ ଥଇଥାନ କାର୍ଯ୍ୟକାରୀ କରିପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହିଳା ଶିଶୁ ବିଭାଗରେ ୫-ଟି କାର୍ଯ୍ୟକ୍ରମ ସମ୍ପର୍କିତ ଏକ ପୁସ୍ତିକ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ସୁଲତା ଦେଓ, ମିଶନ ଶକ୍ତି ବିଭାଗର ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର, ସ୍ୱାସ୍ଥ୍ୟବିଭାଗର ଅତିରିକ୍ତ ସଚିବ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ୫ଟି ଜାତୀୟ ଆନ୍ତର୍ଜାତୀୟ ସଂସ୍ଥା ସହିତ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଘରକୁ ନେବା ଶୁଖିଲା ଖାଦ୍ୟର ମାନବୃଦ୍ଧି ପାଇଁ ବୈଷୟିକ ସହଯୋଗ ଓ ମିଶନ ଶକ୍ତି ମା ମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ସି.ଏଫ୍.ଟି.ଆର.ଆଇ ସହିତ, ଘରକୁ ନେବା ଶୁଖିଲା ଖାଦ୍ୟର ଗୁଣବତ୍ତାର ଉନ୍ନତି ଏବଂ ପୁଷ୍ଟିକର ଅଭ୍ୟାସରେ ଉନ୍ନତି ଆଣିବା ପାଇଁ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସହିତ, ମା ଶିଶୁ ଓ କିଶୋରୀ ମାନଙ୍କର ପୁଷ୍ଟିହୀନତା ଚିହ୍ନଟ କରି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାପାଇଁ ଆଇ.ସି.ଏମ୍.ଆର ସହିତ ଏବଂ ଶିଶୁ ସୁରକ୍ଷାକୁ ନିଶ୍ଚିତ କରିବାପାଇଁ ତୃଣମୂଳ ସ୍ତରରୁ ଜିଲ୍ଲା ଓ ରାଜ୍ୟ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟରତ ମାନବସମ୍ବଳର ଦକ୍ଷତା ବୃଦ୍ଧି ପାଇଁ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଓ ୟୁନିସେଫ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା।

## କାଳିଆ ଯୋଜନାରେ ଲକ୍ଷାଧିକ ଅଯୋଗ୍ୟ ହିତାଧିକାରୀ

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

**ଭୁବନେଶ୍ୱର :** କାଳିଆ ଯୋଜନାରେ ଲକ୍ଷାଧିକ ଅଯୋଗ୍ୟ ହିତାଧିକାରୀ। ଏଭଳି ଏକ ସାଂଘାତିକ ତଥ୍ୟ ଏବେ ସାମ୍ନାକୁ ଆସିଛି। ବିଧାନସଭାରେ ଏ ନେଇ ମନ୍ତ୍ରୀ ଉତ୍ତର ରଖିବା ପରେ କାଳିଆ ଯୋଜନାର ଆଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ସାମ୍ନାକୁ ଆସିଛି। କାଳିଆ ଯୋଜନା ବାବଦରେ ପୂରା ତଥ୍ୟ ଜାଣିବାକୁ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଗୃହରେ ପ୍ରଶ୍ନ ପଚାରିଥିଲେ। ଅଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ମିଳିଥିବାରୁ ରାଜକୋଷରୁ କେତେ ଟଙ୍କା ଅଯଥାରେ ବରବାଦ ହୋଇଛି, ବ୍ୟାଙ୍କ ଆକାଉଣ୍ଟ ନମ୍ବର ଭୁଲ ଯୋଗୁ କେତେ ହିତାଧିକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି ଓ ଏସବୁ ଅନିୟମିତତା ପାଇଁ କେଉଁ ସବୁ ଅଧିକାରୀଙ୍କୁ ଉତ୍ତରଦାୟୀ କରାଯାଇଛି ସେ ନେଇ ପ୍ରଶ୍ନ ପଚାରିଥିଲେ ସୌମ୍ୟରଞ୍ଜନ। ଆଉ ଏହାର ଉତ୍ତର ଦେଇ କୃଷି ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି, କାଳିଆ ଯୋଜନାରେ ଏବେ ୧୦୪୦୭୬ ଜଣ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। କାଳିଆ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୫୬,୧୪,୭୦୭ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ଏହାଛଡ଼ା କୌଣସି ହିତାଧିକାରୀ ଯେପରି ଡିବିଟି ଜରିଆରେ ସହାୟତା ପାଇବାରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ କାଳିଆ ଯୋଜନାରେ ଆଧାର ଭିତ୍ତିକ ଓ ବ୍ୟାଙ୍କ ଆକାଉଣ୍ଟ ଭିତ୍ତିକ ଅର୍ଥରାଶି ପଠାଯାଉଛି। ଏହାପୂର୍ବରୁ ଅନେକ ଯୋଗ୍ୟ ହିତାଧିକାରୀ କାଳିଆ ଯୋଜନାରୁ ବାଦ୍ ପଡ଼ିଥିବା ବେଳେ ଅନେକ ଅଯୋଗ୍ୟ ହିତାଧିକାରୀ କାଳିଆ ଯୋଜନାରେ ଟଙ୍କା ପାଇଥିବା ନେଇ ପୂର୍ବରୁ ବାରମ୍ବାର ଅଭିଯୋଗ ହୋଇଛି।

# ମେ' ୧୮ରୁ +୨ ପରୀକ୍ଷା

**ଭୁବନେଶ୍ୱର :** ୨୦୨୧ ଯୁକ୍ତଦୁଇ କଳା, ବିଜ୍ଞାନ, ବାଣିଜ୍ୟ ପରୀକ୍ଷା ଆସନ୍ତା ମେ'୧୮ ତାରିଖରୁ ଆରମ୍ଭ ହେବ। ଏନେଇ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପରୀକ୍ଷା ଜୁନ୍ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ଧନ୍ଦାମୂଳକ ଶିକ୍ଷାର ପରୀକ୍ଷା ମେ' ୨୮ରୁ ଆରମ୍ଭ ହେବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏଥର ଯୁକ୍ତଦୁଇ ବିଜ୍ଞାନ ଷ୍ଟ୍ରିମ୍‌ର ପରୀକ୍ଷା ଇଂରାଜୀ ବିଷୟରୁ ଆରମ୍ଭ ନ ହୋଇ ପଦାର୍ଥ ବିଜ୍ଞାନରୁ ଆରମ୍ଭ ହେବ। କାରଣ ଅଲଗା ଏଣ୍ଟ୍ରାନ୍ସ ବା ସେଣ୍ଟ୍ରାଲ ପ୍ରବେଶିକା ପରୀକ୍ଷାର ତାରିଖକୁ ଦେଖି ଏଥର ଏପରି ନିଷ୍ପତ୍ତି ନିଆଯାଇଛି। ଏହାବ୍ୟତୀତ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷାକୁ ଗୁରୁତ୍ୱ ଦେଇ ବିଜ୍ଞାନ ବିଭାଗର ପରୀକ୍ଷାକୁ ଶୀଘ୍ର ଶେଷ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସମସ୍ତ ଥିଓରୀ ପରୀକ୍ଷା ସକାଳ ୯ଟା ୧୫ରୁ ୧୨ଟା ୧୫ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା କେନ୍ଦ୍ରରେ ସକାଳ ୮ଟା୧୫ ସୁଦ୍ଧା ପରୀକ୍ଷାର୍ଥୀମାନେ ପହଞ୍ଚିବେ। ୮ଟା ୩୦ରୁ ପରୀକ୍ଷା କେନ୍ଦ୍ରକୁ ପିଲାଙ୍କୁ ପ୍ରବେଶ କରିବାକୁ ଅନୁମତି ମିଳିବ। ୮ଟା ୪୫ ସୁଦ୍ଧା ପରୀକ୍ଷାର୍ଥୀମାନେ ନିଜ ସିଟ୍‌ରେ ବସିବାକୁ ନିର୍ଦ୍ଦେଶ ଦିଆଯାଇଛି। ୮ଟା ୪୫ରେ ଉତ୍ତରଖାତା ପ୍ରଦାନ କରାଯିବ। ସକାଳ ୯ଟାରେ ପ୍ରଶ୍ନପତ୍ର ବଣ୍ଟାଯିବା ସହ ୯ଟା୧୫ପର୍ଯ୍ୟନ୍ତ ପଶ୍ନପତ୍ର ପଢ଼ିବାକୁ ସୁଯୋଗ ଦିଆଯିବ। ୯ଟା୧୫ରୁ ପରୀକ୍ଷା ଆରମ୍ଭ ହେବ। ସେହିପରି ସବୁ ପ୍ରାକ୍ଟିକାଲ ପରୀକ୍ଷା ଏପ୍ରିଲ ୨୯ରୁ ଆରମ୍ଭ ହୋଇ ମେ' ୮ତାରିଖ ପର୍ଯ୍ୟନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କଲେଜ କର୍ତ୍ତୃପକ୍ଷ ନିଜ ସୁବିଧା ଅନୁସାରେ ଏହି ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରାକ୍ଟିକାଲ ପରୀକ୍ଷା ସାରିବାକୁ +୨ ପରିଷଦ ପକ୍ଷରୁ କୁହାଯାଇଛି। ତେବେ ୭୦ମାର୍କ ଏବଂ ୩୦ମାର୍କ ବିଶିଷ୍ଟ ପ୍ରାକ୍ଟିକାଲ ପରୀକ୍ଷାର ସମୟ ୩ଘଣ୍ଟା ଏବଂ ୧୫ମାର୍କ ବିଶିଷ୍ଟ ପ୍ରାକ୍ଟିକାଲ ସମୟ ୨ଘଣ୍ଟା ଧାର୍ଯ୍ୟ କରାଯାଇଛି। ପାକ୍ଟିକାଲ ପରୀକ୍ଷା ଶେଷ କରିବା ପରେ କଲେଜ କର୍ତ୍ତୃପକ୍ଷ ୭ଦିନ ମଧ୍ୟରେ +୨ପରିଷଦରେ ଉତ୍ତରଖାତା ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ଉଭୟ ପ୍ରାକ୍ଟିକାଲ ଏବଂ ଥିଓରୀ ପ୍ରଶ୍ନପତ୍ରରେ ପ୍ରଥମ ଥର ଲାଗି ବାରକୋର୍ଡ ବ୍ୟବସ୍ଥା କରାଯିବ। ବାରକୋର୍ଡ ମାଧ୍ୟମରେ ପ୍ରଶ୍ନପତ୍ର କେଉଁ ଜିଲ୍ଲାର କେଉଁ କଲେଜକୁ ପଠାଯାଇଛି ତାହା ଜଣାପଡ଼ିବ।

## ଜିଲ୍ଲାପାଳମାନଙ୍କୁ ଏସ୍ଆର୍ସିଙ୍କ ଚିଠ

# ଜଳାଭାବ ଦୂର ପାଇଁ ପଦକ୍ଷେପ ନିଅ

**ଭୁବନେଶ୍ୱର :** ରାଜ୍ୟରେ ଏବେ ପ୍ରଚଣ୍ଡ ରୌଦ୍ରତାପ ନଜରକୁ ଆସୁଛି। ଏଥିରୁ କିପରି ରକ୍ଷା ମିଳିବ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସତର୍କତା ଜାରି ହୋଇଛି। ଏସ୍ଆର୍ସି ପ୍ରଦୀପ କୁମାର ଜେନା ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟସାରା ଜାରି ରହିଥିବା ହିଟ୍‌ୱେଭ୍‌କୁ ପ୍ରତିହତ ପାଇଁ ସଚେତନତା କରାଯିବ। ବିଶେଷ କରି ଜଳାଭାବ ଦୂର କରିବାକୁ ଚିଠିରେ ଉଲ୍ଲେଖ ରହିଛି। ଯେଉଁ ଅଞ୍ଚଳରେ ପାନୀୟଜଳ ସମସ୍ୟା ଥିବା ତାକୁ ଦୂର କରିବା ସହ ଗାଁ ଗଣ୍ଡାରେ ଥିବା ନଳକୂପର ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ସେହିପରି ସ୍କୁଲ ଓ କଲେଜ ଖୋଲା ରହୁଥିବାରୁ ପାନୀୟଜଳ ବ୍ୟବସ୍ଥାକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ସ୍କୁଲ, କଲେଜକୁ ପ୍ରଚୁର ପରିମାଣର ଓଆର୍‌ଏସ୍ ପହଞ୍ଚାଯିବ ବୋଲି ସମ୍ପୃକ୍ତ ଚିଠିରେ ଉଲ୍ଲେଖ ରହିଛି। ସହରାଞ୍ଚଳ ତଥା ଗ୍ରାମାଞ୍ଚଳରେ ଜଳ ସେବା କେନ୍ଦ୍ରଗୁଡ଼ିକର ସ୍ଥାପନା କରିବା ସହ ତା'ର ଯତ୍ନ ନେବାକୁ କୁହାଯାଇଛି। ସେହିପରି ବୁଲା ଜୀବଜନ୍ତୁଙ୍କ ପାଇଁ ବାହାରେ ପାଣି ରଖିବାକୁ ପରାମର୍ଶ ରହିଛି। ବିଦ୍ୟାଳୟ ତଥା ଅନ୍ୟତ୍ର ପଢୁଥିବା ଶିକ୍ଷାର୍ଥୀଙ୍କୁ ତାଙ୍କ ପିତାମାତା ପାଣି ବୋତଲ ଦେବାକୁ ଏସ୍ଆରସି ଶ୍ରୀ ଜେନା ପରାମର୍ଶ ଦେଇଛନ୍ତି। ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ସମୟକୁ ପରିବର୍ତ୍ତନ କରିବାକୁ କୁହାଯାଇଥିବାବେଳେ ତାଡିକୁ ଲକ୍ଷ୍ୟ କରି ସ୍କୁଲ ସମୟରେ ମଧ୍ୟ ପରିବର୍ତ୍ତନ କରିବାକୁ ଶ୍ରୀ ଜେନା କହିଛନ୍ତି। ଏହାଛଡ଼ା ଚିଠିରେ ଏସ୍ଆରସି ଶ୍ରୀ ଜେନା ସବୁ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ପରିବହନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ପାଇଁ ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ମଧ୍ୟ କ୍ଲାସରେ ହିଟ୍‌ୱେଭ ସମ୍ପର୍କରେ ସଚେତନ କରାଯିବ। କେବଳ ସକାଳ ବେଳା ଅଙ୍ଗନବାଡି କେନ୍ଦ୍ର ଖୋଲିବ। ଜୀବନ ରକ୍ଷାକାରୀ ଔଷଧ, ସାଲାଇନ, ଓଆରଏସ ପ୍ରଚୁର ପରିମାଣରେ ରଖାଯିବ ବୋଲି କୁହାଯାଇଛି। ଯାତ୍ରୀ ପରିବହନ ଗାଡ଼ିରେ ଓଆରଏସ ଓ ପାଣି ରହିବ। ଜିଲ୍ଲାପାଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନନ୍‌ଏସି ବସ୍‌ଗୁଡ଼ିକର ସମୟ ନିର୍ଦ୍ଧାରଣ କରିବେ। ତଦାରଖ ପାଇଁ ଜିଲ୍ଲାପାଳ ଜଣେ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦେବେ। ଗ୍ରୀଷ୍ମକାଳୀନ ଖବର ତୁରନ୍ତ ଏସ୍ଆର୍ସିଙ୍କୁ ଜଣାଇବେ। କାର୍ଯ୍ୟ କ୍ଷେତ୍ରରେ ମୃତ୍ୟୁ ଘଟିଲେ ୪୮ ଘଣ୍ଟାରେ ରିପୋର୍ଟ ଦାଖଲ କରିବେ। ସେହିପରି ରାଜ୍ୟସ୍ତରୀୟ କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟିଆ ଖୋଲା ରହିବ। ଗରମ ସମୟରେ କ'ଣ କରିବେ ଓ କ'ଣ ନ କରିବେ ସେସବୁକୁ ବିଭିନ୍ନ ସ୍ଥାନରେ ବିଜ୍ଞାପନ ଜରିଆରେ ସଚେତନ କରିବାକୁ କୁହାଯାଇଛି। ଏହାଛଡ଼ା ଗ୍ରୀଷ୍ମପ୍ରବାହଜନିତ କୌଣସି ଖବର ପ୍ରସାରିତ ହେଲେ ସେଥିପ୍ରତି ଧ୍ୟାନ ଦେବାକୁ ଏସ୍ଆରସି ଶ୍ରୀ ଜେନା ପରାମର୍ଶ ଦେଇଛନ୍ତି।

## ଦିବ୍ୟାଙ୍ଗଙ୍କୁ ବିବାହ କଲେ ୨.୫ ଲକ୍ଷ

**ଭୁବନେଶ୍ୱର :** ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ବିବାହ କଲେ ରାଜ୍ୟ ସରକାର ଏଣିକି ଦମ୍ପତିଙ୍କୁ ୨.୫ ଲକ୍ଷ ଟଙ୍କାର ସହାୟତା ମୂଳକ ପ୍ରୋତ୍ସାହନ ରାଶି ପ୍ରଦାନ କରିବେ ବୋଲି ମନ୍ତ୍ରୀ ଅଶୋକ ପଣ୍ଡା ସୂଚନା ଦେଇଛନ୍ତି। ପୂର୍ବରୁ ଏହି ରାଶିର ପରିମାଣ ଥିଲା ୫୦ ହଜାର ଟଙ୍କା। ଏହି ଯୋଜନା ଅନ୍ତର୍ଗତ ପ୍ରୋତ୍ସାହନ ରାଶିକୁ ବର୍ତ୍ତମାନ ଯୋଗ୍ୟ ଦମ୍ପତିଙ୍କ ପାଇଁ ୫୦ ହଜାରରୁ ୨.୫ଲକ୍ଷକୁ ବୃଦ୍ଧି କରାଯାଇଛି ବୋଲି ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମଙ୍କ ସଶକ୍ତିକରଣ ବିଭାଗର କମିଶନର ତଥା ସଚିବ ଭାସ୍କର ଶର୍ମା କହିଛନ୍ତି। ଏଥିସହ ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କୁ ଏକ ପତ୍ର ଲେଖି ଏହିପରି ବିବାହକୁ ସୁଗମ ତଥା ଉତ୍ସାହିତ କରିବା ପାଇଁ ବିଭାଗ ଏକ ସଂଶୋଧିତ ଗାଇଡଲାଇନ ଜାରି କରିଥିବା ଜଣାଇଛନ୍ତି। ଫେବୃଆରୀ ୨୩ରେ ଜିଲ୍ଲାପାଳମାନଙ୍କୁ ଲେଖିଥିବା ଚିଠିରେ ସଚିବ ଶ୍ରୀ ଶର୍ମା ଉଲ୍ଲେଖ କରିଛନ୍ତି ଯେ, ଏହି ଯୋଜନା ଅନୁଯାୟୀ ଯଦି ଜଣେ ସକ୍ଷମ ବା ସାଧାରଣ ବ୍ୟକ୍ତି ଦିବ୍ୟାଙ୍ଗଙ୍କୁ ବିବାହ କରନ୍ତି ତେବେ ଉଭୟ ପତି-ପତ୍ନୀଙ୍କୁ ନଗଦ ପ୍ରୋତ୍ସାହନ ପୁରସ୍କାର ପ୍ରଦାନ କରାଯାଇପାରିବ। ତେବେ, ବର ଏବଂ କନ୍ୟାଙ୍କର ବୟସ ନିଶ୍ଚିତ ଭାବରେ ବିବାହ ସମୟରେ ଯଥାକ୍ରମେ ୨୧ ବର୍ଷ ଏବଂ ୧୮ ବର୍ଷ ପୂରଣ କରିଥିବ ବୋଲି ଗାଇଡଲାଇନରେ କୁହାଯାଇଛି ଏବଂ ଉଭୟ ପତି-ପତ୍ନୀ ଓଡ଼ିଶାର ବାସିନ୍ଦା ହୋଇଥିବା ଜରୁରୀ।


## ଘରୋଇ ହସ୍ପିଟାଲରେ ହେବ ଟିକାକରଣ

**ଭୁବନେଶ୍ୱର :** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ତାଲିକାଭୁକ୍ତ ହୋଇଥିବା ରାଜ୍ୟର ଘରୋଇ ହସ୍ପିଟାଲ ଗୁଡିକରେ କୋଭିଡ୍ ଟିକାକରଣ କେନ୍ଦ୍ର ହେବ। ଏଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅନୁମତି ଦେଇଛି। ଏନେଇ ରାଜ୍ୟ ସରକାର ଆଜି ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶନାମା ଜାରି ହୋଇଛି। ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ତାଲିକାଭୁକ୍ତ ୧୮୩ଟି ଘରୋଇ ହସ୍ପିଟାଲରେ କୋଭିଡ୍ ଟିକାକରଣ ସୁବିଧା ନିମନ୍ତେ ଅନୁମତି ଦେବାକୁ ଗତକାଲି କେନ୍ଦ୍ର ସରକାରଙ୍କ ଅନୁମତି ଲୋଡିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଆଜି ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଚିଠି ଲେଖି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ତାଲିକାଭୁକ୍ତ ଘରୋଇ ହସ୍ପିଟାଲ ଗୁଡିକୁ ଯୋଗ୍ୟ ନାଗରିକମାନଙ୍କ ନିମନ୍ତେ ଘରୋଇ କୋଭିଡ୍ ଟିକାକରଣ କେନ୍ଦ୍ର ଭାବେ ଉପଯୋଗ ହେବ।

# ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପ୍ରଶ୍ନପତ୍ର ବ୍ୟବସ୍ଥାରେ ହେବ ସଂସ୍କାର

**ଭୁବନେଶ୍ୱର :** ରାଜ୍ୟର ସ୍କୁଲ୍‌ସ୍ତରରେ ପ୍ରସ୍ତୁତ ହେବ ନୂଆ ସିଲାବସ୍, ଆଉ ନୂତନ ପରୀକ୍ଷା ପଦ୍ଧତି। ଏଣିକି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ମଲ୍ଟି ପାଟର୍ଣ୍ଣ ପ୍ରଶ୍ନର ସାମ୍ନା କରିବେ। ପ୍ରତିଯୋଗିତାମୂଳକ ପରୀକ୍ଷାକୁ ଦୃଷ୍ଟିରେ ରଖି ଏପରି ବ୍ୟବସ୍ଥା ହୋଇଛି। ସେଥିଲାଗି ପରୀକ୍ଷା ପଦ୍ଧତିକୁ ମଧ୍ୟ ପ୍ରତିଯୋଗିତାମୂଳକ ଢାଞ୍ଚାରେ କରିବାକୁ ନିଷ୍ପତ୍ତି ନେଇଛି ଗଣଶିକ୍ଷା ବିଭାଗ। ପରୀକ୍ଷାରେ ଉଭୟ ମଲ୍ଟି ପାଟର୍ଣ୍ଣ ପ୍ରଶ୍ନପତ୍ର ଏବଂ ସଂକ୍ଷିପ୍ତମୂଳକ ପ୍ରଶ୍ନପତ୍ରକୁ ଗୁରୁତ୍ୱ ଦିଆଯିବ। ତେବେ ସିବିଏସ୍‌ଇ ପରୀକ୍ଷାକୁ ଅନୁକରଣ କରିବା ଏବଂ ପାଇଲଟ୍ ପ୍ରକଳ୍ପ ଭାବେ ଏହାକୁ କାର୍ଯ୍ୟକାରୀ କରିବା ଲାଗି ବିଭାଗ ନିଷ୍ପତ୍ତି ନେଇଛି। ଏହି ବ୍ୟବସ୍ଥା ୨୦୨୨ରୁ ଲାଗୁ କରାଯିବ। ଯଦି ଏହି ବ୍ୟବସ୍ଥା ସଫଳ ହୁଏ ଏବଂ ଛାତ୍ରଛାତ୍ରୀମାନେ ଦଶମରେ ଭଲ ପ୍ରଦର୍ଶନ କରନ୍ତି ତେବେ ଏହାକୁ ନିୟମିତ ରାଜ୍ୟବ୍ୟାପୀ ଲାଗୁ କରିବାକୁ ବିଭାଗ ଯୋଜନା ପ୍ରସ୍ତୁତ କରିଛି। ଏହି ବ୍ୟବସ୍ଥାକୁ ଉଭୟ ଶିକ୍ଷାବିତ୍ ଏବଂ ଅଭିଭାବକମାନେ ସ୍ୱାଗତ କରିଛନ୍ତି। ରାଜ୍ୟରେ ଗତ କିଛି ବର୍ଷ ହେବ ଦଶମ ପରୀକ୍ଷାରେ ଫଳାଫଳ ଉଦ୍‌ବେଗଜନକ ରହୁଛି। ଏପରିକି ଅନେକ ସ୍କୁଲରେ ଶତପ୍ରତିଶତ ପରୀକ୍ଷାର୍ଥୀ ଫେଲ୍ ହୋଇଯାଉଛନ୍ତି। ଏପରି ବ୍ୟବସ୍ଥାକୁ ସଜାଡ଼ିବା ଲାଗି ଗଣଶିକ୍ଷା ବିଭାଗ ଅଣ୍ଟା ଭିଡ଼ିଛି। ରାଜ୍ୟର ସରକାରୀ ସ୍କୁଲଗୁଡ଼ିକର ଭିତ୍ତିଭୂମି ସଜାଡ଼ିବାକୁ ପ୍ରୟାସ କରୁଥିବାବେଳେ ଗୁଣାତ୍ମକ ଶିକ୍ଷାଦାନ ଉପରେ ମଧ୍ୟ ଗୁରୁତ୍ୱ ଦେଉଛି ବିଭାଗ। ଖୋଦ୍ ବିଭାଗୀୟ ମନ୍ତ୍ରୀ ଏବଂ ସଚିବ ଅଚାନକ ସ୍କୁଲ ପରିଦର୍ଶନ କରି ସମସ୍ୟାର ଅନୁଧ୍ୟାନ କରୁଛନ୍ତି। ପାଠପଢ଼ା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ସହ ପରୀକ୍ଷା ପରିଚାଳନାରେ ମଧ୍ୟ ସୁଧାର ଆଣିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷାରେ ଦୀର୍ଘମୂଳକ ପ୍ରଶ୍ନପତ୍ର ନରଖି ସଂକ୍ଷିପ୍ତ କିମ୍ବା ମଲ୍ଟି ପାଟର୍ଣ୍ଣ ପ୍ରଶ୍ନପତ୍ର କରାଯିବ। ଫଳରେ ପରୀକ୍ଷାରେ ପିଲାଙ୍କ ଉପରେ କୌଣସି ଚାପ ରହିବ ନାହିଁ। ତେବେ କେବଳ ଗଣିତ ଏବଂ ବିଜ୍ଞାନ ବିଷୟକୁ ଏଥିରୁ ବାଦ୍ ଦିଆଯିବ। ଏହାବ୍ୟତୀତ ପରୀକ୍ଷା ଲାଗି ସମୟସୀମାକୁ ମଧ୍ୟ ହ୍ରାସ କରାଯିବ। ୧୦୦ମାର୍କ ମଲ୍ଟି ପାଟର୍ଣ୍ଣ ପ୍ରଶ୍ନପତ୍ର ଲାଗି ଦେଢ଼ଘଣ୍ଟା କରିବାକୁ ଯୋଜନା ଥିବା ଜଣାପଡ଼ିଛି। ଏହି ନୂଆ ବ୍ୟବସ୍ଥା ସମ୍ପର୍କରେ ଗଣଶିକ୍ଷା ବିଭାଗର ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଶ୍ରେଣୀ ପଢ଼ାକୁ ଅଧିକ ଗୁରୁତ୍ୱ ଦିଆଯିବା ସହ ସଂକ୍ଷିପ୍ତ ଉତ୍ତର ଯେପରି ପିଲାମାନେ ଦେଇପାରିବେ ସେଥି ଲାଗି ଶ୍ରେଣୀରେ ଶିକ୍ଷକମାନେ ନଜର ଦେବେ। ସର୍ବଭାରତୀୟସ୍ତରରେ ସିବିଏସ୍‌ଇ, ଆଇସିଏସ୍‌ଇ ବ୍ୟତୀତ ସର୍ବାଧିକ ପ୍ରବେଶିକା ପରୀକ୍ଷାରେ ପୂର୍ବପରି ଦୀର୍ଘମୂଳକ ପ୍ରଶ୍ନପତ୍ର ନାହିଁ। ସଂକ୍ଷିପ୍ତ ଏବଂ ମଲ୍ଟି ପାଟର୍ଣ୍ଣ ପ୍ରଶ୍ନପତ୍ର ବ୍ୟବସ୍ଥା ଲାଗୁ କରାଯାଇଛି। ଫଳରେ ଅନ୍ୟ ପିଲାମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରୁଥିବାବେଳେ ସରକାରୀ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀମାନେ ଭଲ ପ୍ରଦର୍ଶନ କରିପାରୁ ନାହାନ୍ତି। ଗତ ଦଶମ ପରୀକ୍ଷାକୁ ନଜର ଦେଲେ ଜଣାପଡ଼େ ଯେ, ସିବିଏସ୍‌ଇ ପରୀକ୍ଷାରେ ଅନେକ ଛାତ୍ରଛାତ୍ରୀ ୯୦%ରୁ ଅଧିକ ମାର୍କ ରଖିଥିବାବେଳେ ଓଡ଼ିଆ ମାଧ୍ୟମ ପିଲାମାନଙ୍କ ମଧ୍ୟରୁ ୨/୩ଟି ୯୦%ରୁ ଅଧିକ ମାର୍କ ରଖୁଛନ୍ତି। ଏପରି ସମସ୍ୟାର ସମାଧାନ ଲାଗି ଏହି ଅଭିନବ ବ୍ୟବସ୍ଥା ଲାଗୁ କରାଯିବ। ତେବେ ଏଥିପାଇଁ ଏକ ପରୀକ୍ଷା କମିଟି ଏବଂ ଅନୁଧ୍ୟାନ କମିଟି ପ୍ରସ୍ତୁତ କରାଯିବ। ପରୀକ୍ଷା ପୂର୍ବରୁ କେଉଁ ବିଷୟ ଲାଗି ପ୍ରଶ୍ନପତ୍ର କିପରି ପ୍ରସ୍ତୁତ କରାଯିବ ତାହାର ଅନୁଧ୍ୟାନ କରାଯିବ। ଏହାବ୍ୟତୀତ ପିଲାଙ୍କ ମଧ୍ୟରେ ପ୍ରତ୍ସୋହନ ଦେବା ଲାଗି ରାଜ୍ୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଯେଉଁ ଛାତ୍ରଛାତ୍ରୀମାନେ ଅଧିକ ମାର୍କ ରଖିବେ ତାଙ୍କୁ ମଧ୍ୟ କିଛି ସୁବିଧା ସୁଯୋଗ ପ୍ରଦାନ କରାଯିବ।

## ବକ୍ରବାଣୀ



ଭୋଅଟ ଆଇଲେ ପଶଇ ଚେତା
ନାଚ କରିବାକୁ ଧାଆଁନ୍ତି ନେତା
ଘୋଷଣା କରନ୍ତି ସର୍କାର କେତେ
ଯୋଜନା ଢାଳନ୍ତି ପାରନ୍ତି ଯେତେ
ହାତୀ ଦବୁ ଘୋଡା ଦବୁ କଇକି
ଭୋଅଟ କିଣନ୍ତି ଟଙ୍କା ଦେଇକି
ଭୋଟର ଭିତରେ ଲଗେଇ ନିଆଁ
ଜିତିଗଲା ପରେ ମାରନ୍ତି ଡିଆଁ
ସ୍ୱଚ୍ଛ ଶାସନର କଥା କୁହନ୍ତି
ନମ୍ବର ୱାନ୍ ବୋଲି ଢୋଲ ବଜାନ୍ତି।

——— ଟୁଟୁ


# ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଡିଜାଇନକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଭୁବନେଶ୍ୱର :** ଓଡ଼ିଆ ଭାଷା ବିଶ୍ୱବିଦ୍ୟାଳୟର ରୂପରେଖ ସମ୍ପର୍କରେ ରାଜ୍ୟ ପୂର୍ତ୍ତବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଏକ ଉପସ୍ଥାପନା କରାଯାଇଥିଲା। ପୁରୀ ଜିଲ୍ଲାର ସତ୍ୟବାଦୀ ସ୍ଥିତ ପ୍ରସିଦ୍ଧ ବନ ବିଦ୍ୟାଳୟରେ ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯିବ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ବନ ବିଦ୍ୟାଳୟ ପରିସରରେ ଏହି ଓଡ଼ିଆ ଭାଷା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଏହାର ମର୍ଯ୍ୟାଦାକୁ ବହୁଗୁଣିତ କରିବ ବୋଲି ଆଶା କରାଯାଏ। ଏହି ନୂତନ ବିଶ୍ୱବିଦ୍ୟାଳୟର ଡିଜାଇନ ସତ୍ୟବାଦୀ ବନ ବିଦ୍ୟାଳୟ ଢାଞ୍ଚାରେ ପ୍ରସ୍ତୁତ କରାଯାଇଛି। ଏଠାରେ ଶାନ୍ତି, ସ୍ନିଗ୍ଧ ଓ ମୁକ୍ତ ପରିବେଶ ମଧ୍ୟରେ ଉତ୍ତମ ଶୈକ୍ଷିକ ଅନୁଭବ ପ୍ରଦାନର ଲକ୍ଷ୍ୟ ରଖାଯାଇଛି। ଛାତ୍ରଛାତ୍ରୀମାନେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଗବେଷଣା କରିବାର ବ୍ୟବସ୍ଥା ରହିବ। ଏହି ଡିଜାଇନକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଅନୁମୋଦନ ଦେଇଛନ୍ତି। ଏହାର ନିର୍ମାଣର ବିସ୍ତୃତ ଯୋଜନା ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏକ ବୈଠକ କରାଯାଇ ନିଷ୍ପତ୍ତି ନିଆଯିବ। ଉତ୍କଳମଣିଙ୍କର ସତ୍ୟବାଦୀ ବନ ବିଦ୍ୟାଳୟ ଥିଲା ସ୍ୱାଧୀନତା ସଂଗ୍ରାମୀ ସମୟର ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ। ବକୁଳ ଓ ଛୁରିଆନା ବୃକ୍ଷ ଛାୟାରେ ମୁକ୍ତ ପରିବେଶ ମଧ୍ୟରେ ଏହି ବିଦ୍ୟାଳୟ ଗଢ଼ିଉଠିଥିଲା। ଏଥିରେ ଓଡ଼ିଶାର ବହୁ ବିଖ୍ୟାତ ବ୍ୟକ୍ତି ଅଧ୍ୟୟନ କରି ପରବର୍ତ୍ତୀ ସମୟରେ ରାଜ୍ୟର ଗୌରବକୁ ବୃଦ୍ଧି କରିଥିଲେ। ଏହାଥିଲା ଏକ ଆଦର୍ଶ ବିଦ୍ୟାଳୟ। ମଣିଷ ତିଆରି କାରଖାନା। ସ୍ୱାଧୀନତା ଯୁଗର ପଞ୍ଚସଖା ଗୋପବନ୍ଧୁ ଦାସ, କୃପାସିନ୍ଧୁ ମିଶ୍ର, ହରିହର ଦାସ, ପଣ୍ଡିତ ନୀଳକଣ୍ଠ ଦାସ ଏବଂ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପରି ଉତ୍କଳ ଜନନୀଙ୍କ ସୁଯୋଗ୍ୟ ସନ୍ତାନମାନଙ୍କ ମାର୍ଗଦର୍ଶନରେ



ଦେଶଭକ୍ତି, ସେବା, ପ୍ରଜ୍ଞା ଓ ଜାତୀୟତାର ମହାନ ଶିକ୍ଷାନୁଷ୍ଠାନ ଭାବେ ଏହା ପ୍ରସିଦ୍ଧି ଲାଭ କରିଥିଲା। ସେହି ଐତିହାସିକ ବନ ବିଦ୍ୟାଳୟରେ ଓଡ଼ିଆ ଭାଷା ବିଶ୍ୱବିଦ୍ୟାଳୟ ନିଶ୍ଚିତ ଭାବରେ ଏକ ଅନନ୍ୟ ଉଦ୍ୟମ। ଓଡ଼ିଆ ଭାଷା ଷଷ୍ଠ ଭାରତୀୟ ଭାଷା ଭାବରେ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଛି। ଓଡ଼ିଆ ଭାଷାର ଅତୀତ ଅତ୍ୟନ୍ତ ସମୃଦ୍ଧ। ଓଡ଼ିଆ ଭାଷାରେ ଅନେକ କାଳଜୟୀ ସାହିତ୍ୟ ସୃଷ୍ଟି ହୋଇଛି। ସତ୍ୟବାଦୀ ବନ ବିଦ୍ୟାଳୟରେ ସ୍ଥାପିତ ହେବାକୁ ଯାଉଥିବା ଓଡ଼ିଆ ଭାଷା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷାକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ଏକ ଅନନ୍ୟ ସୁଯୋଗ। ଓଡ଼ିଆ ଭାଷା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷା ସମ୍ପର୍କରେ ଉଚ୍ଚତର ଶିକ୍ଷା ପ୍ରଦାନ କରାଯିବା ସହିତ ଆମ ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଉଚ୍ଚତର ଗବେଷଣା ପାଇଁ ସୁଯୋଗ ସୃଷ୍ଟି କରାଯିବ। ସାରା ଦେଶରେ ଓଡ଼ିଆ ଜାତିର ସ୍ୱତନ୍ତ୍ରତା ଏବଂ ଓଡ଼ିଆ ଭାଷାର ମହନୀୟତା ସମ୍ପର୍କରେ ଏହା ଏକ ଉଦାହରଣ ସୃଷ୍ଟି କରିବ। ଏହି ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନ ଶକ୍ତିର ପରିପୂର୍ଣ୍ଣ ବିକାଶ ସହିତ ଓଡ଼ିଆ ଭାଷାର ବ୍ୟାକରଣ, ଶବ୍ଦ ଭଣ୍ଡାର, କଥନ, ଲିଖନ ଆଦି ବିଷୟରେ ଉଚ୍ଚତର ଗବେଷଣା ପାଇଁ ସୁଯୋଗ ସୃଷ୍ଟି କରିବ। ଏହି ବୈଠକକୁ ମୁଖ୍ୟମନ୍ତ୍ରୀଙ୍କ ୫ଟି ସଚିବ ଭିକେ ପାଣ୍ଡିଆନ ସଞ୍ଚାଳନ କରିଥିଲେ। ଏଥିରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପିକେ ଜେନା ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବମାନେ ଉପସ୍ଥିତ ଥିଲେ।

ସୁଖ ପାଖରେ ଜ୍ଞାନ
ନଥାଏ। ଯିଏ ଜ୍ଞାନୀ
ସେ ସୁଖ ପଛରେ
ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧ - ୭ ମାର୍ଚ୍ଚ, ୨୦୨୧

# ସମସ୍ତେ ନିଜ ପାଇଁ ବ୍ୟସ୍ତ

ସମୟ ବଦଳି ଯାଇଛି। ବଦଳି ଯାଇଛି ସମ୍ପର୍କର ପରିଭାଷା। ଆଗପରି ଲୋକ ଅନ୍ୟ ସୁଖ ଦୁଃଖର ସାଥି ହେବା ଅପେକ୍ଷା, ସବୁ ସମୟରେ ନିଜ ବିଷୟ ଚିନ୍ତା କରୁଛନ୍ତି। ଏଥିରେ ରାଜ୍ୟ, ରାଷ୍ଟ୍ର କିମ୍ବା ଗାଁ ପରିବାର କଥା ଆଦୌ ସ୍ଥାନ ପାଉନାହିଁ। ନିଜ ପୁଞ୍ଜିର ସୁରକ୍ଷା, ଅଧିକ ଉପାର୍ଜନ ଓ ଆତ୍ମବଡିମାର ଭାବନା ଏଭଳି ଭାବେ ଗ୍ରାସ କରିଛି ଯେ, ଚାହିଁଲେ ଆଉ ଏଥିରୁ ଜଣେ ମୁକ୍ତି ପାଇପାରିବ ନାହିଁ। ପ୍ରତ୍ୟେକ ସ୍ତରରେ କିଛି ମୁହୂର୍ତ୍ତର ଭାବ ଆଦାନପ୍ରଦାନ ମଧ୍ୟରେ କେଉଁ ବାଟରେ କେତେ ସ୍ୱାର୍ଥ ହାସଲ ହୋଇପାରିବ, ସେହି ଚିନ୍ତା ମଣିଷକୁ ଅମଣିଷ ହେବାର ଖୋରାକ ଯୋଗାଇ ଚାଲିଛି। ଏଥିରେ ସନ୍ଦେହ, ଅସୁୟା ଓ ପାତର ଅନ୍ତର ନୀତି ସନ୍ନିବେଷ୍ଟିତ। ଯେଉଁଥିପାଇଁ ପାରସ୍ପରିକ ବୁଝାମଣା ଓ ଭାଇଚାରାରେ ଅଭାବ ବେଶ ପରିଲକ୍ଷିତ ହେଉଛି। ଆନ୍ତରିକତା ଅଭାବରୁ କାହା ସହ କାହାର ସମ୍ପର୍କ ନିବିଡ ହୋଇପାରୁନାହିଁ। ଯେଉଁ କାର୍ଯ୍ୟରେ ଭାଇ, ବନ୍ଧୁଙ୍କ ସହଯୋଗ ଦରକାର ତାହା ଆଉ ସମ୍ଭବ ହେଉନାହିଁ। ଟଙ୍କା ଦେଇ ସାମୟିକ ସମ୍ପର୍କ ସୃଷ୍ଟି ଭଳି କୁତ୍ସିତ ପରମ୍ପରା ଏଭଳି ସୃଷ୍ଟି ହୋଇଛି ଯେ, ଯେଉଁ କାର୍ଯ୍ୟ ହୃଦୟର ସମର୍ଥନ ଓ ସହଯୋଗରେ ହେବା କଥା ତାହା କେବଳ ଅର୍ଥ ବିନିମୟରେ ହୋଇପାରୁଛି। ସମ୍ପର୍କର ଗଭୀରତା ଅପେକ୍ଷା ଆର୍ଟିଫିସିଆଲ ରେଲେସନ ବା ଛଳନାପୂର୍ଣ୍ଣ ସମ୍ପର୍କ ବାସ୍ତବ ସମ୍ପର୍କକୁ ଫିକା କରିଦେଉଛି। ଘର ଭିତର ଆଲୋଚନାରେ ପରିବାର ସଦସ୍ୟଙ୍କ ସହମତି ନରହିବା ହେତୁ ପ୍ରତି କଥାରେ ବିଦ୍ରୋହ ହେଉଛି। ଏଥିରେ କାହାର କେତେ ଲାବ ବା କ୍ଷତିର ପ୍ରସଙ୍ଗ ଅପେକ୍ଷା ନିଜ ସ୍ୱରକୁ ପ୍ରତିଷ୍ଠିତ କରିବାର ଅହଂକାର ଦେଖାଯାଉଛି। ଭାରତ ଭଳି ଦେଶରେ ସମ୍ପର୍କର ପବିତ୍ରତା, ବୁଝାମଣାରେ ସମସ୍ୟାର ସମାଧାନ ଭଳି ରହିଥିବା ମହାନ ପରମ୍ପରା ଧୀରେ ଧୀରେ ଦୁର୍ବଳ ହେବାରେ ଲାଗିଛି। ଆମର ସଭ୍ୟତା ଓ ସଂସ୍କୃତି ଅତି ପ୍ରାଚୀନ ହୋଇଥିଲା ବେଳେ ପାଶ୍ଚାତ୍ୟ ପ୍ରଭାବରେ ଏହା ଏବେ କଳୁଷିତ। ହାର୍ଟ ଅପେକ୍ଷା ବ୍ରେନ ବା ହୃଦୟ ଅପେକ୍ଷା ମସ୍ତିଷ୍କ ସବୁଥିରେ ଗଭୀର ଭାବେ କାର୍ଯ୍ୟ କରିବା ଫଳରେ ଜୀବନ ବସ୍ତୁବାଦୀ ଓ ଯନ୍ତ୍ର ପରି ପରିଚାଳିତ ହେଉଥିବା ଜଣାପଡେ। ଯେଉଁ ସକରାତ୍ମକ ଚିନ୍ତାଧାରା ଦ୍ୱାରା ଜୀବନ ସ୍ୱଚ୍ଛ ଓ ମାର୍ଜିତ ହୋଇଥାଏ, ସେଭଳି ଭାବନା ନଥିବା ହେତୁ ସମ୍ପର୍କରେ ଦୂରତା ବୃଦ୍ଧି ପାଇଚାଲିଛି। ଏପରିକି ଗୋଟିଏ ପରିବାରର ଦୁଇ ଭାଇଙ୍କ ମଧ୍ୟରେ ଭଲ ସମ୍ପର୍କ ରହୁନାହିଁ। ଜଣେ ପୂର୍ବକୁ ଚାହିଁଲେ ଆଉଜଣେ ପଶ୍ଚିମକୁ ଚାହିଁ କଥା ଫିଙ୍ଗୁଛି, ହେଲେ ଆତ୍ମବିଶ୍ୱାସର ସହ ଭଲ କଥା ପଦେ କହିପାରୁନାହିଁ। ଏଭଳି ହେବା ପଛର ରହସ୍ୟକୁ ଅନୁଧ୍ୟାନ କଲେ ନିଶ୍ଚିତ ଏକ ଅନାତ୍ମୀୟ ଭାବନାର ପରିପ୍ରକାଶ ହୋଇଥାଏ। ଏଥିରେ ପରିବାର, ପରିଜନ ଓ ବନ୍ଧୁମାନଙ୍କ ଅଦୂରଦର୍ଶୀ ଉପଦେଶ, ମନ୍ତ୍ରଣା ହିଁ ସାମିଲ ଥାଏ। ଜଣେ ଏକପାଖିଆ ଭାବେ ଜଣକୁ ସମର୍ଥନ ଦେଉଥିଲା ବେଳେ ଉଭୟ ପାର୍ଶ୍ୱର ସମ୍ପର୍କ ବଳବତ୍ତର ଉଦ୍ୟମ ନରହିବା ହିଁ ମୁଖ୍ୟ କାରଣ। ସୁରକ୍ଷିତ ଜୀବନ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ବର୍ତ୍ତମାନ ପରିପ୍ରେକ୍ଷୀରେ ଅତ୍ୟନ୍ତ କଷ୍ଟଦାୟକ ଘଟଣା। କାରଣ ଉତ୍ତମ ଚିନ୍ତାଧାରା ନଥିବା ମଣିଷ ଭିତରେ ଯେଉଁ ଉଦବେଳନ ସୃଷ୍ଟି ହୋଇଥାଏ, ତାହାର ସୁଦୂର ପ୍ରସାରୀ ପ୍ରଭାବ ସମାଜ ଉପରେ ପଡେ। ଅନେକ ବ୍ୟକ୍ତି ସ୍ୱ-ଉପାର୍ଜନକୁ କିଭଳି ହଡପ କରିହେବ, ତାହା ତାଙ୍କର ପ୍ରାଥମିକତା। ଯେଉଁଥିପାଇଁ ସମାଜରେ ଦିନକୁଦିନ ଅନ୍ୟାୟ, ଅନୀତି ବଢ଼ି ବଢ଼ି ଚାଲିଛି। ଏହି ପ୍ରସଙ୍ଗରେ ଗୋଟିଏ ଘଟଣା ମନକୁ ଆସେ, ବଡଭାଇ ରୋଜଗାର ଆଶାରେ ସହରକୁ ଆସି ମୁଣ୍ଡ ଗୁଞ୍ଜିଲା ପରେ ପରିବାର ସମସ୍ୟା ହ୍ରାସ ପାଇଁ ଚେଷ୍ଟା କରେ। ହେଲେ ଏହି ସମସ୍ୟା ସମାଧାନ କରୁ କରୁ ନିଜ ଅଜ୍ଞାତସାରରେ ପରିବାର ତା ପାଇଁ ବୋଝ ପାଲଟି ସାରିଥାଏ। କାରଣ ଯେଉଁମାନଙ୍କ ମଙ୍ଗଳ ପାଇଁ ସେ ଦୁଃଖକଷ୍ଟ ସହିଛି, ଋଣଗ୍ରସ୍ତ ହୋଇଛି ସେମାନେ ସବୁ ନିଜ ବାଟରେ ଚାଲିଯାନ୍ତି। ବିଚରା ଏକୁଟିଆ ଅସହାୟ ହୋଇ ଅତ୍ୟନ୍ତ ଦୁର୍ଦ୍ଦିନ ସମୟ ଦେଇ ଗତି କରିବାକୁ ବାଧ ହୋଇପଡେ। ତେବେ ପ୍ରଶ୍ନ ଉଠୁଛି, ତ୍ୟାଗର ମୂଲ୍ୟ ଗଲା କୁଆଡେ। ଆଜିକାଲି କେହି ଏସବୁକୁ ନେଇ ସନ୍ତୁଷ୍ଟ ନଥିବା ଜଣାପଡିଛି। ଯେଉଁଥିପାଇଁ ଅନ୍ୟକୁ ସାହାଯ୍ୟ କରିବାକୁ ଯିବା ବେଳେ ନାନା ପ୍ରକାର ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିଦେଉଛି। ସମୟର ଆହ୍ୱାନ ସାମ୍ପ୍ରତିକ ପରିସ୍ଥିତିରେ ମଣିଷକୁ ଏଭଳି କଷ୍ଟ ଦେଉଛି ଯେ, ଯେଉଁଥିରୁ ମୁକ୍ତି ପାଇବା ପାଇଁ ଅହରହ ଉଦ୍ୟମ ଚାଲିଥିଲେ ବି କେହି କେହି ଏଥିରେ ସଫଳ ହେଉଥିଲା ବେଳେ ଅନେକ ବିଫଳତାର ଶିକାର ହେଉଛନ୍ତି। ପୂର୍ବପରି ମନ ଭିତରେ ସ୍ପୃହା ରହୁନାହିଁ। ପ୍ରତ୍ୟେକ କାର୍ଯ୍ୟରେ ଯେଭଳି ଆଗ୍ରହ ସୃଷ୍ଟି ହେବା କଥା ବା କାର୍ଯ୍ୟ ପ୍ରତି ଉତ୍କଣ୍ଠା ରହିବା କଥା ସେଭଳି ନହେବା ପଛରେ ଅନେକ ଗୁଡିଏ ଅନ୍ତର୍ନିହିତ କାରଣ ଜଡିତ ରହୁଥିଲେ ବି ମୁହଁ ଖୋଲି ପରିପ୍ରକାଶ କରିବା ସମ୍ଭବପର ହୋଇପାରୁନାହିଁ। କାରଣ ଯେଉଁ ଲୋକଟିକୁ ନିଜ ସମସ୍ୟା ବା ଦୁଃଖ ଜଣାଇବ ପରବର୍ତ୍ତି ସମୟରେ ସେହି ଲୋକ ହିଁ ସମସ୍ତ ଦୁଃଖର କାରଣ ପାଲଟିଯିବ। ଯେଉଁଥିପାଇଁ ଭରସା ଅଭାବରୁ କେହି କାହାକୁ ମନଖୋଲି କଥା କହିପାରୁ ନାହାନ୍ତି। ସାମଗ୍ରୀକ ଭାବେ ଦେଖିଲେ ଏକ ଅଥୟ ପରିସ୍ଥିତି ଦେଇ ମଣିଷ ଜୀବନ ଓ ଜୀବିକା ସଂଶୟ ମଧ୍ୟରେ ଗତି କରିବାକୁ ବାଧ ହୋଇପଡିଛି। ପାରସ୍ପରିକ ବୁଝାମଣାର ଅଭାବ, ଆନ୍ତରିକତାହୀନ ଭାବର ଆଦାନ ପ୍ରଦାନ ଏବଂ ନକାରାତ୍ମକ ଚିନ୍ତାଧାରାରେ ବ୍ୟାପ୍ତ ଥିବା କିଛି ଚରିତ୍ର ସମାଜ ତଥା ମଣିଷ ପାଇଁ ବିପଦ ପାଲଟିଛନ୍ତି। ଆଧୁନିକତାର ପ୍ରଭାବରେ ହେଉ ଅବା ନିଜର ଅକ୍ଷମଣୀୟ ତ୍ରୁଟି ଯୋଗୁ ମଣିଷ ଏକଲାପଣ ବିତାଇବାକୁ ଯେଭଳି ଅଦୃଶ୍ୟ ଆହ୍ୱାନ ଦେଖାଦେଇଛି। ଫଳସ୍ୱରୂପ ଜଣେ ଜଣଙ୍କ ପାଇଁ କିଛି କଲା ବେଳେ ଯେତିକିବାଟ ଆଗକୁ ଯାଉଛି ସେତିକି ପଛକୁ ଫେରିବା ପାଇଁ ବାଧ ହେଉଛି। ଯଦିଓ ପ୍ରତ୍ୟେକ ସମସ୍ୟାର ସମାଧାନ ଜଣେ ବ୍ୟକ୍ତି ହାତରେ ନଥାଏ ବା ଗୋଟିଏ ଅନୁଷ୍ଠାନ ଦ୍ୱାରା ହୋଇପାରି ନଥାଏ ତାହାକୁ ନେଇ ଦୁଃଖ କରିବାର କୌଣସି ଆବଶ୍ୟକତା ନାହିଁ। ସମୟକୁ ପୁଞ୍ଜି କରି ନିଜର ସାମର୍ଥ୍ୟ ଅନୁସାରେ ଆଗକୁ ବାଟ ଚାଲିବା ହେଉଛି ପ୍ରେରଣା। ପ୍ରେରଣା ପଛର ମଣିଷଟି ସର୍ବଦା ପୂଜ୍ୟ ହୋଇଥିଲା ବେଳେ ଆମେ ତାହାକୁ ଏଡାଇ ଯାଇ ଅନ୍ୟ ମାର୍ଗରେ ନିଜର ସଫଳତା ବୋଲି କହିଥାଉ। ଯେଉଁଥିପାଇଁ ଯେଉଁ ସ୍ନେହ ସୌହାର୍ଦ୍ଦ୍ୟର ଅଧିକାରୀ ଭାବେ ଆମେ ଗର୍ବ କରିବା କଥା ତାହା ହୋଇପାରୁନାହିଁ। ଦିନକୁ ଦିନ ଯନ୍ତ୍ରଣା ବଢୁଥିଲେ ସୁଦ୍ଧା ଅନ୍ୟ ଆଗରେ କହିବାର ସତ୍ ସାହସ ମଣିଷ ହରାଇ ବସୁଛି। ଯଦିଓ ମାନବିକତା ସମ୍ପୂର୍ଣ୍ଣ ରୂପେ ମରିନାହିଁ ତଥାପି ମାନବିକତାରେ ଯେଉଁ ପାର୍ଥକ୍ୟ ପରିଲକ୍ଷିତ ହେଉଛି ତାହା ମଣିଷ ଉପଯୋଗୀ ନୁହେଁ। ଯେଉଁ ବ୍ୟବସ୍ଥା ଦ୍ୱାରା ମଣିଷ ନିଜେ ଭଲରେ ବଞ୍ଚିବା ସହିତ ସମାଜକୁ ସୁଧାରି ପାରେ ସେଭଳି ବ୍ୟବସ୍ଥାର ପୁନର୍ବିନ୍ୟାସ ନହେଲେ ଆତ୍ମୀୟପଣର ଖୋଲା ଆହ୍ୱାନ, ଆହ୍ୱାନ ହୋଇ ରହିଯିବ। ତେଣୁ ସମୟ ଅନୁସାରେ ନିଜକୁ ସୁଧାରିନେବା ପରିବାର ଓ ସମାଜ ପ୍ରତି ନିଜର ସଠିକ୍ କର୍ତ୍ତବ୍ୟ କରିବା ଓ ଆନୁଗତ୍ୟ ପ୍ରଦର୍ଶନ କରିବା ହିଁ ପ୍ରକୃତ ଜୀବନ।

ସମ୍ପାଦକୀୟ



ତାରକ ମହାନ୍ତି

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୭, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୬୧୩୭୬୭

# କରୋନାର ଲେଉଟାଣି : ସତର୍କତା ଜରୁରୀ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପରିବର୍ତ୍ତିତ କରୋନା ଭୂତାଣୁର ବ୍ରିଟେନ ପ୍ରଜାତି ପରେ ଏବେ ଭାରତରେ ଦକ୍ଷିଣ ଆଫ୍ରିକୀୟ ଓ ବ୍ରାଜିଲ ପ୍ରଜାତିର ଭୂତାଣୁ ପ୍ରବେଶ କରିଛି। ଆଇସିଏମ୍ଆର ମହାନିର୍ଦ୍ଦେଶକ ସୂଚିତ କରିଛନ୍ତି କି ଯେ ଫେବୃଆରୀ ପ୍ରଥମ ସପ୍ତାହରେ ଭାରତରେ ଜଣଙ୍କ ଠାରେ ବ୍ରାଜିଲ ପ୍ରଜାତିର ନୂଆ କରୋନା ଭୂତାଣୁ ଚିହ୍ନଟ ହୋଇଛି। ଅନ୍ୟପକ୍ଷରେ ଚାରି ଜଣଙ୍କ ଠାରେ ଆଫ୍ରିକୀୟ ପ୍ରଜାତିର ଭୂତାଣୁ ମଧ୍ୟ ଚିହ୍ନଟ ହୋଇଛି। ଏହି ଲେଖା ପ୍ରସ୍ତୁତ ବେଳକୁ ଦେଶରେ ଆଜି ସୁଦ୍ଧା ବ୍ରିଟେନ ପ୍ରଜାତିର ୧୮୭ ମାମଲା ସାମ୍ନାକୁ ଆସିଛି ଓ କାହାରି ମୃତ୍ୟୁ ମଧ୍ୟ ହୋଇନାହିଁ। ବ୍ରିଟେନରୁ ଆସୁଥିବା ଯାତ୍ରୀଙ୍କ ପାଇଁ ଆରଟିପିସିଆର ଟେଷ୍ଟ ବାଧ୍ୟତାମୂଳକ କରାଯାଇଛି। ଏଠାରେ ସୂଚାଇ ଦିଆଯାଇପାରେ କି ଯେ ଭାରତରେ କୋଭିଡ-୧୯ ଟିକାକରଣ ପ୍ରକ୍ରିୟା ଏବେ ଜାରି ରହିଛି ଏବଂ ଆଜି ସୁଦ୍ଧା ୮୭,୪୦,୫୯୫ ଜଣ ଟିକା ନେଇସାରିଛନ୍ତି। ୬୧,୧୧,୯୬୮ (୬୦.୫%) ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକାର ପ୍ରଥମ ମାତ୍ରା ଦିଆ ସରିଥିବା ବେଳେ ୧,୭୦,୬୭୮ ଜଣଙ୍କୁ ଦ୍ୱିତୀୟ ମାତ୍ରା ଦିଆସରିଛି। ବିଗତ ୨୪ ଘଣ୍ଟା ମଧ୍ୟରେ ୧୭ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରୁ କୌଣସି କୋଭିଡ଼ ମୃତ୍ୟୁ ରିପୋର୍ଟ ଆସିନାହିଁ। ୬ଟି ରାଜ୍ୟରେ ଏହି ସମୟ ମଧ୍ୟରେ ଗୋଟିଏ ବି ନୂଆ କୋଭିଡ଼ ମାମଲା ନ ଆସିବା ବଡ଼ ଆଶ୍ୱସ୍ତିର କାରଣ ହୋଇଛି। ନୂଆ ପ୍ରଜାତିର ଭୂତାଣୁ ଏବେ ଭାରତରେ ସକ୍ରିୟ ଥିବାରୁ କୋଭିଡ଼ ପାଇଁ ରହିଥିବା ସାଧାରଣ ନିୟମ ସବୁ ପାଳନ କରିବାକୁ ଗୁରୁତ୍ୱାରୋପ କରାଯାଇଛି।

ଭାରତରେ ଏବେ କୋଭିଡ଼ ସଂକ୍ରମିତଙ୍କ ସଂଖ୍ୟା ଅଚାନକ ବଢ଼ିବାରେ ଲାଗିଛି। ମହାରାଷ୍ଟ୍ରରେ ଓ କେରଳରେ କରୋନା ସଂକ୍ରମଣ ବଢ଼ିବା ଯୋଗୁଁ ଲକ୍‌ଡାଉନ୍ ଫେରିଛି। ଲୋକଙ୍କ ଯିବା ଆସିବା ଯୋଗୁଁ ଓଡ଼ିଶାରେ ମଧ୍ୟ କରୋନା ସଂକ୍ରମଣ ବଢ଼ିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ସଂକ୍ରମିତଙ୍କ ସଂଖ୍ୟାରେ ବୃଦ୍ଧି ଯେପରି ନଘଟେ ସେଥିପାଇଁ ଗାଇଡ୍‌ଲାଇନ ଅନୁଯାୟୀ ଆବଶ୍ୟକ ସଂଖ୍ୟକ ନମୁନା ପରୀକ୍ଷା ଜାରି ରଖିବା ଆବଶ୍ୟକ। ଶିକ୍ଷାନୁଷ୍ଠାନ ଓ ଧର୍ମାନୁଷ୍ଠାନ ଖୋଲି ଯାଇଥିବା ଯୋଗୁଁ ଗହଳି ସ୍ଥାନରେ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନିଆଯିବା ଜରୁରୀ। ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୧୭ଟି ଜିଲ୍ଲାରୁ ୫୩ଜଣ ନୂତନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାହାକୁ ମିଶାଇଲେ ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୩ଲକ୍ଷ ୩୬ ହଜାର ୫୧୩କୁ ବୃଦ୍ଧି ପାଇଛି। ତେବେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଯୁଦ୍ଧକାଳୀନ ଭିତ୍ତିରେ ସ୍ଥିତି ନିୟନ୍ତ୍ରଣ ପ୍ରକ୍ରିୟା ସମଗ୍ର ଓଡ଼ିଶାବାସୀଙ୍କୁ ଆଶ୍ୱସ୍ତ କରିଛି।

ଭାରତରେ ଦୁଇଟି କରୋନା ଟିକା ଜରୁରୀ କାଳୀନ ଭାବେ ବ୍ୟବହାର ହେବା ପରେ ଏହି ଭୟାନକ ମହାମାରୀରୁ ମୁକ୍ତି ପାଇବା ପାଇଁ ଲୋକମାନଙ୍କ ଭିତରେ ଆଶା ସଞ୍ଚାର ହୋଇଛି। ପ୍ରଥମ ପର୍ଯ୍ୟାୟରେ ଅଗ୍ରଣୀ ଯୋଦ୍ଧା ଡାକ୍ତର, ପୋଲିସ, ସ୍ୱାସ୍ଥ୍ୟକର୍ମୀ, ସଫେଇ କର୍ମଚାରୀ ଆଗଧାଡ଼ିର ପ୍ରଶାସନିକ ପଦାଧିକାରୀଙ୍କୁ ଟିକାଦାନ ଦିଆଯାଇ ଓଡ଼ିଶାରେ ପାଖାପାଖି ୫ଲକ୍ଷ ଚିହ୍ନିତ ବ୍ୟକ୍ତିଙ୍କୁ ପ୍ରାଥମିକ ଭାବେ ଟିକା ଦିଆ ସରିଲାଣି। ଭାରତ ସରକାରଙ୍କ ପକ୍ଷରୁ କୋଉଇନ୍ ନାମକ ଆପ୍‌ରେ ଆବଶ୍ୟକୀୟ ତଥ୍ୟ ଦେଇ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପଞ୍ଜିକରଣ କରିବାକୁ ପଡ଼ିବ। ଏହି ସପ୍ତାହର ଶେଷ ସୁଦ୍ଧା ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଟିକାଦାନ କାର୍ଯ୍ୟକ୍ରମ ଆରମ୍ଭ ହେବ। ପ୍ରଥମ ଡୋଜର ୨୮ ଦିନ ପରେ ଦ୍ୱିତୀୟ ଡୋଜର ଆବଶ୍ୟକତା ରହିଛି। ଏହାର ଦୁଇତିନି ସପ୍ତାହ ପରେ ଟିକା ନେଇଥିବା ବ୍ୟକ୍ତିଙ୍କ ଶରୀରରେ କରୋନା ପ୍ରତିରୋଧକ ଶକ୍ତି ବଢ଼ିବ। ଲୋକମାନେ ମାସ ମାସ ଧରି କର୍ମକ୍ଷେତ୍ରରୁ ବଞ୍ଚିତ ହୋଇ ଘର ଭିତରେ ଏକ ପ୍ରକାର ଆବଦ୍ଧ ଜୀବନ ବିତାଇ ଥିବାରୁ ସରକାର ଜନସାଧାରଣଙ୍କ ସୁବିଧା ସୁଯୋଗ ପାଇଁ ପ୍ରଥମରୁ କିଛିଟା ନିୟମ କାନୁନ ହ୍ରାସ କରିଥିଲେ। ଯାହାଦ୍ୱାରା ପର୍ବପର୍ବାଣୀ ହେଉ ବା ବିବାହ ପରି ସାମାଜିକ ଉତ୍ସବ, ହାଟ ବଜାର ହେଉ ବା ଉଦ୍ୟାନ ଓ ପରିଭ୍ରମଣ କ୍ଷେତ୍ର ତେବେ ଏସବୁ ଭିତରେ ସାମାଜିକ ଦୂରତା ରକ୍ଷା କରିବା ବହୁତ କମିଯାଇଛି। ସାଧାରଣ ଜନଜୀବନ ଚଳପ୍ରଚଳରେ ପୂର୍ବଭଳି ସହଜ ଅବସ୍ଥା ଫେରିଥିବାରୁ ଲୋକମାନେ କରୋନା ଯେପରି ଭାରତରୁ ବିଦାୟ ନେଇଗଲା ପରି ଭାବୁଛନ୍ତି ଯାହାଫଳରେ ନୂଆ କରୋନା ପଜେଟିଭ ଏବେ ସମସ୍ତଙ୍କ ପାଇଁ ସତର୍କତା ସୃଷ୍ଟି କଲାଣି। ମହାମାରୀ ବିଶେଷଜ୍ଞ ଓ ଚିକିତ୍ସା ବିଜ୍ଞାନୀଙ୍କ ଗବେଷଣାର ତଥ୍ୟ କହୁଛି ଯେ ସାମାଜିକ ଚଳପ୍ରଚଳ ଦିନକୁ ଦିନ ଯେଉଁପରି ଭାବରେ ବଢ଼ି ଚାଲୁଛି ଓ ମାସ୍କ ବା ସାମାଜିକ ଦୂରତା ରକ୍ଷା ହୋଇପାରୁନାହିଁ ଏହାର ଫଳସ୍ୱରୂପ ଦେଶରେ ନୂଆ କରୋନା ପଜେଟିଭି କେସ୍ ଧୀରେ ଧୀରେ ବଢୁଛି। ପରବର୍ତ୍ତୀ ସମୟରେ ଏହା ନିୟନ୍ତ୍ରଣାଧୀନ ନ ହେଲେ ପୁନର୍ବାର ଲକ୍‌ଡାଉନ୍, ସଟଡାଉନ ଓ କର୍ଫ୍ୟୁ ପୁଣି ଫେରି ଆସିବାର ସମ୍ଭାବନା ହୋଇପାରେ। ଅନେକ କ୍ଷେତ୍ରରେ ଗୁଜବ କଥା ଶୁଣି ଅନେକ ଟିକା ନେବା ପାଇଁ ଇଚ୍ଛୁକ ହେଉନାହାଁନ୍ତି ଯାହାଫଳରେ ଶତପ୍ରତିଶତ ଟିକା ଦାନ ସମ୍ଭବ ହୋଇପାରିନାହିଁ। ସେହିପରି ଭାରତରେ ନିର୍ମିତ ଟିକାର ପ୍ରଭାବ ଓ ନିୟନ୍ତ୍ରଣକୁ ନେଇ କେତେକ କ୍ଷେତ୍ରରେ ମିଥ୍ୟା ଅପପ୍ରଚାର ଯୋଗୁଁ ଟିକା ଗ୍ରହଣ ପ୍ରକ୍ରିୟା କମି ଯାଉଛି। ମୂଳକଥା ହେଲା କରୋନା ମହାମାରୀ ରୋଗ ଏକ ଉଗ୍ର ସଂକ୍ରାମକ ରୋଗ ଓ ଏହାର ଚିକିତ୍ସା ପାଇଁ କୌଣସି ପ୍ରଭାବଶାଳୀ ଔଷଧ ବାହାରି ନାହିଁ। କେବଳ ଟିକାଦାନ ହିଁ ଅତ୍ୟନ୍ତ ଜରୁରୀ। ବର୍ତ୍ତମାନ ଆମ ଭାରତରେ ବିକଶିତ ହୋଇଥିବା ଦୁଇଟି ଟିକାକୁ ଗ୍ରହଣ କରିବା ଜରୁରୀ। ଏବେ ସୁଦ୍ଧା ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ଓ ବାରମ୍ବାର ହାତ ଧୋଇବା ସହ ଭିଡ଼ରୁ ଦୂରେଇବା ଓ ସାମାନ୍ୟ ଥଣ୍ଡା, କାଶ,ଜ୍ୱର ଅନୁଭବ କଲେ ତୁରନ୍ତ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ। କରୋନା ଟିକା ନେବା ପରେ ମଧ୍ୟ ମାସ୍କ ପିନ୍ଧନ୍ତୁ ସୁରକ୍ଷିତ ଦୂରତ୍ୱ ଅବଲମ୍ବନ କରନ୍ତୁ। ଶରୀରରେ ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଡାକ୍ତରୀ ପରାମର୍ଶ ଓ ଖାଦ୍ୟପାନୀୟକୁ ଗୁରୁତ୍ୱ ଦିଅନ୍ତୁ। ପିଲାମାନଙ୍କ ବିଦ୍ୟାଳୟ ଖୋଲି ଯାଇଥିବାରୁ ପିତାମାତାଙ୍କ ଗୁରୁ ଦାୟିତ୍ୱ ହେଉଛି ସେମାନଙ୍କୁ ବ୍ୟକ୍ତିଗତ ଦୂରତା ଶିକ୍ଷା ଦେବା ଓ ସାନିଟାଇଜର ବ୍ୟବହାରକୁ ଗୁରୁତ୍ୱ ପ୍ରଦାନ କରିବା। କରୋନା ସଂକ୍ରମଣର ଭୟକୁ ନେଇ ଅହେତୁକ ଆଶଙ୍କା କରିବା ଜରୁରୀ ନୁହଁ କିନ୍ତୁ ଏ କ୍ଷେତ୍ରରେ ସତର୍କତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*
*ଦୂରଭାଷ : ୯୪୩୭୦୫୧୯୫୭*

# ଭୟଭୀତ ପଡ଼ାରେ ଆମେ...



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ପୁରାଣ ପୃଷ୍ଠାରେ ମିଳୁଛି, ମଣ୍ଡାଖିଆ ପଣ୍ଡାଟିକୁ ମହାବଳୀ ଭୀମ ନାଶ କରି ପଡ଼ାଟିକୁ ଶାନ୍ତିରେ ରଖିଥିଲେ। ଭଗବାନ ବଳରାମ କନ୍ଦରାସୁରକୁ ନାଶ କରି ତତ୍କାଳ ସ୍ଥାନର ପଡାଟି ସ୍ଥାୟୀ ଶାନ୍ତି ଦେଇ ସ୍ଥାନ ନାମ କେନ୍ଦ୍ରାପଡ଼ା କରିବା ବାଟ ଖୋଲିଥିଲେ। ଭଗବାନ କୃଷ୍ଣ ଅନେକ ପଡ଼ା ରାଜା (ଦଳପତି)ଙ୍କୁ ଜରାସନ୍ଧ ବନ୍ଦୀଶାଳାରୁ ମୁକ୍ତ ପାଇଁ ତାକୁ ଭୀମଙ୍କ ଦ୍ୱାରା ଶେଷ କରାଇଥିଲେ। କଂସର ଅଷ୍ଟଦିଗ ରକ୍ଷକ ଅଷ୍ଟମଲ୍ଲ ବିଭିନ୍ନ ଦିଗରେ ଥିବା ପଡ଼ା ଗାଁରେ ଆତଙ୍କ ସୃଷ୍ଟି ରାଜକାନୁନ ଦ୍ୱାହିରେ ମନୋଜ୍ଞ ରାଜ କରି ଯେଉଁ ଆତଙ୍କ କରୁଥିଲେ ତାକୁ କୃଷ୍ଣ ବଳରାମ ଶେଷ କରିଥିଲେ। ମହାଭାରତରେ ପାଞ୍ଚପଡ଼ା ପଞ୍ଚ ପାଣ୍ଡବଙ୍କ ପାଇଁ କୃଷ୍ଣ ସମାଧାନ ପାଇଁ ମାଗଣ କରିଥିଲେ। ତାହା କୌରବ ଜ୍ୟେଷ୍ଠ ରାଜପୁତ୍ର ପ୍ରତ୍ୟାଖାନ କରିଥିଲେ। ସେହି ରାଜପୁତ୍ର ଦୁର୍ଯ୍ୟୋଧନ ଓ ତାଙ୍କ ସାନଭାଇ ଦୁଃଶାସନ ଦୁଇଜଣ ମଲ୍ଲ ସେମାନଙ୍କର ଦୈହିକ ବଳ ସହିତ ରାଜଶକ୍ତିର ବଳ ମିଶି ଏକ ଦୁର୍ଦ୍ଦାନ୍ତବଳ ହୋଇଯାଇଥିଲା ଶେଷରେ ପାଣ୍ଡବ ପଟର ଦ୍ୱିତୀୟ ପାଣ୍ଡବ ଭୀମସେନ, ସେ ଦୁଇଜଣଙ୍କୁ ଶେଷ କରି ଶାନ୍ତି କରାଇଥିଲେ। ତତ୍କାଳ ସେହି ପାଞ୍ଚପଡ଼ା ମଧ୍ୟରେ ବର୍ତ୍ତମାନର ଦିଲ୍ଲୀ ନଗରୀ ଉପକଣ୍ଠ ଅଞ୍ଚଳ। ସୋନିପତ, ପାନିପଥ ପରି ତତ୍କାଳ ପଡ଼ା ଜମିଦାରୀ। ପାନିପଥରେ ଐତିହାସିକ ଯୁଦ୍ଧ ଆକ୍ରମଣକାରୀ ବାବରଙ୍କ ଠାରୁ ଆରମ୍ଭ, ପୁଣି ଆକବରଙ୍କ ବେଳେ ଆଉଥରେ ହୋଇଥିଲେ। ଯେ ସୃଷ୍ଟି ରହସ୍ୟ ବୁଝିନାହିଁ ଓ ନିଜକୁ ସର୍ବେସବା ହେବାକୁ ନିଜର ବାହୁବଳ ସୈନ୍ୟବଳକୁ ପ୍ରାଧାନ୍ୟ ଦେଇ କେବଳ ଦମନ, ମାରଣ ନୀତିକୁ ସାର ରକିବ ସେହି ସ୍ଥାନରେ ଥିବା ବାସିନ୍ଦାମାନେ ଅବଶ୍ୟ ଭୟଭୀତ ପଡ଼ା ବାସିନ୍ଦା ହୋଇ ରହିଥିବେ।

ପଡ଼ାର ତତ୍ତୁଲ୍ୟ ଶବ୍ଦ ଅଛି। ଗୁଡ଼ା, ପୁଟ, ପଟ, ପଲ୍ଲୀ ପରି ଅନେକ ଶବ୍ଦ ଅଛି। ପଡ଼ା ଗୁଡ଼ିକର ନିର୍ମାଣ ଭଗବାନଙ୍କ ଆଶୀର୍ବାଦରୁ। ଭଗବାନଙ୍କ ଦ୍ୱାରା ହେବା ବିଶ୍ୱାସ କରାଯାଉଥିଲା। ପତାବନ୍ଧା ହୋଇ ଏକ ଘରରୁ ଅନେକ ଘର ହୋଇ ହୋଇ ଚାଲେ। ଯେତେ ଭାଇ ସେତେ ଘର, ହେବା ନିୟମ କାଳକ୍ରମେ ସେମାନଙ୍କର ପୁତ୍ର ସନ୍ତାନ ବୃଦ୍ଧିରେ ବୃତ୍ତର କେନ୍ଦ୍ର ସ୍ଥିର ରହି ପରିଧିବୃଦ୍ଧି ଦିଗ ବଢ଼ି ବଢ଼ି ଚାଲେ। ସେତେବେଳେ ରାଜ ବିଧି ନିଷେଧ ଏତେ ନଥିବାରୁ ସ୍ଥିତିବାନ ଅଭଲ ଦୋଫସଲି, ଧୋୟା ପରି ଜମିର ଶବ୍ଦ ଉଠି ନଥିଲା। ଗଛ ମାଛ ଉପରେ ରାଜ ନଜର ନଥିଲା। କାଳକ୍ରମେ ଆସିଲା ଆକ୍ରମଣ ଭୟ। ପ୍ରଥମେ ପଶୁ ଆକ୍ରମଣ ରହିଥିଲା, ଏପାଇଁ ପଡ଼ାର ସୀମାରେ ସାହାସୀ ବଳବାନ ବାସ କରୁଥିଲେ। ହେଲେ ହାତିବାଘ ଠାରୁ ବଳବାନ ଏଇ ମନୁଷ୍ୟ ଏକ ପଡ଼ାରୁ ଅନ୍ୟ ପଡ଼ାକୁ ଆକ୍ରମଣ କରିଲେ, ଆସିଲେ ପଶୁଚରିତ୍ରର ଭୟ। ଜଙ୍ଗଲି କାନୁନ ଜନପଦ ପଡ଼ାରେ ପ୍ରବେଶ ହେଲା। ନିରାପତ୍ତା ପାଇଁ ଏକ ରାଜଶକ୍ତି ଖୋଜ ହେଲା, ଛୋଟ ଛୋଟ ରାଜଶକ୍ତି ରାଟ ଶକ୍ତିକୁ ଆସିଲା। ରାଟ ଶକ୍ତି କାନୁନ କଲେ କାନୁନ ତଦାରଖ ପାଇଁ ତତ୍ତ୍ୱାବଧାରଙ୍କୁ ନିୟୋଗ କରାଗଲା। ଏମିତି ହୋଇ ହୋଇ ରାଜତନ୍ତ୍ର, ସମ୍ରାଟତନ୍ତ୍ର ରୂପ ନେଇ ତାର ମାର୍ଜନା ଗଣତନ୍ତ୍ର, ସେଥିରେ କେନ୍ଦ୍ର ସରକାର ରାଜ ସରକାର ହୋଇଛି। ଲୋକେ ଭୟ ମୁକ୍ତିର ଆଶା ବାନ୍ଧି ବାନ୍ଧି ଶେଷରେ ସେହି ଭୟଯୁକ୍ତ ପରିସ୍ଥିତି ଜଟିଳ ସ୍ତରକୁ ଆସିଲାଣି। ଭୟମୁକ୍ତ ଶାସନ ପାଇଁ ପ୍ରଥମେ ଶିକ୍ଷା ବିଭାଗରୁ ଚିପି ଚିପି ଭବିଷ୍ୟତ ନାଗରିକଙ୍କୁ ପ୍ରସ୍ତୁତ କରାଯାଉଥିଲା। ଏକତା ପାଇଁ ଏକ ପ୍ରକାର ବିଦ୍ୟା ଶିକ୍ଷା ଏକ ପ୍ରକାର ପୋଷାକ ଏକ ପ୍ରକାର ଧର୍ମ, ଏକ ପ୍ରକାର ସଂସ୍କୃତିରେ ରହିବାକୁ ଶିକ୍ଷାଙ୍କୁର କରାଯାଉଥିଲା। ପ୍ରତ୍ୟେକଙ୍କର ସମୟ ପିଲାକାଳରୁ ଏକ ନିର୍ଦ୍ଦିଷ୍ଟ ଛାଞ୍ଚରେ ପକାଇ ପ୍ରସ୍ତୁତ କରିବା ପ୍ରାଥମିକ ଶିକ୍ଷାରୁ ଶେଷ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ କରାଗଲେ ବେଳେ ଲୋକର ସଂସ୍କାର ପ୍ରବୃତ୍ତିରେ ପ୍ରାଥମିକ ମାଧ୍ୟମିକ ଶିକ୍ଷାଦାନ ମଧ୍ୟରେ ହିଁ ନିୟନ୍ତ୍ରିତ ରଖାଯାଏ। ତତ୍କାଳ କିଛି ଲଘୁଦଣ୍ଡ ଦୁଷ୍ଟାମୀ ପିଲାକୁ ବାଟକୁ ଆଣିବାକୁ କରାଯାଇଥିଲା। ଏଥିରେ ଶିକ୍ଷକଙ୍କର ପିଲାର ମୂରବୀକୁ ଚେତାଇବା ପାଇଁ ବି କିଛି ଅର୍ଥଦଣ୍ଡ ଓ ଭୟ ରଖାଯାଇଥିଲା। ଅନ୍ୟ ଦେଶର ଶିକ୍ଷା ପଦ୍ଧତି ଆମ ଦେଶରେ ଲାଗୁ କରାଯାଇ ପିଲାକୁ ଠିକ୍ ଶାସନରେ ଗୁରୁଜନ ଓ ଗୁରୁମାନେ ରଖିପାରିଲେ ନାହିଁ। 'ଲାଳୟେତ୍ ପଞ୍ଚ ବର୍ଷାଣି'ଟି ପର ଦଶବର୍ଷ ତାଡୟେତରେ ଅର୍ଥାତ୍ ପାଞ୍ଚ ବର୍ଷରୁ ଷୋହଳ ବର୍ଷ ମଧ୍ୟରେ ବାରଣକୁ ବିଚାରକୁ ବା ପାଳନକୁ ନିଆଗଲା ନାହିଁ। ଫଳରେ ଭାରତରେ ଏହି ସ୍ୱାଧୀନତା ହାସଲ ପରେ ଆସ୍ତେ ଆସ୍ତେ ଛାତ୍ର ପନ୍ଦର ବର୍ଷ ଏକକରେ ପାଞ୍ଚ ଏକକ ଏମଧ୍ୟରେ ଶେଷ। ଏମଧ୍ୟରେ ସରକାର ମଦ ଦୋକାନ ଖୋଲିବାରେ ଲାଗିଲେଣି। ପୋଲିସ ସଂଖ୍ୟା ବଢ଼ାଇବାରେ ଲାଗିଛନ୍ତି। ଗ୍ରାମ୍ୟ ବିଚାରକୁ ଅଣଦେଖା କରି ସୁପ୍ରିମକୋର୍ଟ ଯାଏ କୋର୍ଟ ଖୋଲି ପରେ ପରେ ଏକ ଏକ ରାଜ୍ୟରେ ଏକାଧିକ ହାଇକୋର୍ଟ ଖୋଲିବା ସ୍ତରରେ ଆସିଲେଣି। ନିମ୍ନ ପ୍ରାଥମିକ ସ୍କୁଲ ଏବେ ୟୁରୋପିଆନ ସ୍କୁଲ। ମଦ୍ରସା ବଢ଼ିବାରେ ଲାଗିଲାଣି। ମାଇନର ସ୍କୁଲ, ହାଇସ୍କୁଲରେ ପୂର୍ବପରି ଛାତ୍ରଛାତ୍ରୀ ନ ହୋଇ ଅନ୍ୟ ପ୍ରକାର ଶିକ୍ଷା କ୍ଷେତ୍ରକୁ ଧାବିତ। କଲେଜମାନ ୟୁନିଭରସିଟି ହେଲାଣି। ଠେଙ୍ଗାବାଡ଼ି, ଟେଳା ଫୋପଡ଼ାରୁ ଏବେ ପିସ୍ତଲ ବନ୍ଧୁକ, ଖଣ୍ଡାଛୁରୀ, ବୋମା, ମିଜାଇଲରେ ଉଚ୍ଚଶିକ୍ଷିତରୁ ଲୋକ ବ୍ୟବହାର ବଢ଼ିଲାଣି। ଏବେ ପ୍ରଫେସର ପଣ୍ଡିତଙ୍କ ମୂଲ୍ୟନାହିଁ। ଦାଦାଗିରି ବ୍ୟକ୍ତିଙ୍କ ମୂଲ୍ୟ ଅମୂଲ୍ୟ ମୂଲ୍ୟ। ଅଧିକାର ନଥାଇ ଅଧିକାର ଜାହିର ଚାଲିବା ପଦ୍ଧତି ଡାଳ ମେଲିଲାଣି। ପୂର୍ବେ ମଧ୍ୟ ସତ୍ତ୍ୱାଧିକାରୀ ଥିଲେ ଏବେ ଏହା ବର୍ଦ୍ଧିତ ସ୍ତରରେ ମାତ୍ର ବୁଢ଼ି ବୁଢ଼ି ରହିଛି।

ସରକାର ଆଦେଶରେ ସରକାରୀ ଦାନ ନୀତି ଏତେ ମାରଣା ଯେ, ହିତାଧିକାରୀର ପାର୍ଟି ଫିଟେଇବା ଯୁ ନାହିଁ। ଭୋଟ ଅଧିକାର ଅଛି ମାତ୍ର ଭୟ, ଆଖି ତରଟାରେ, ଲୋଭ, ଭୋଟ ଦେବାରେ ଭୋଟର ବାଧ। ଗୁଡ଼ା ପଡ଼ାରେ ରହିବା ଇଚ୍ଛା ଥିଲେ ଆମ କଥା ଶୁଣ ନ ହେଲେ ଭୋଗିବ। ଏମିତି ଗୁଞ୍ଜରଣ ଆସିଲେ ବି କିଛି ପ୍ରତ୍ୟକ୍ଷ ଦମନ ନୀତି ସରକାରଙ୍କ ନାହିଁ। ରାଜନୀତିର ପଶାପାଲିରେ ପାଣ୍ଡବ ସର୍ବହରା ପରି ଠିକ ପ୍ରଜା ସର୍ବହରା। ଏପରି ପ୍ରଜା ମେଳରେ ଲଡୁଖିଆ ଲୁଚିଛନ୍ତି। ଏହାଙ୍କୁ କିଏ ଆକଟ କରିବ, ଏମାନେ କଂସାସୁରର ଅଷ୍ଟମଲ୍ଲ, ନହେଲେ ଦୁର୍ଯ୍ୟୋଧନଙ୍କର ଆଜ୍ଞାକାରୀ ଦୁଃଶାସନ ଭାଇ। ନ ହେଲେ ବିରାଟ ରାଜାଙ୍କ ପତ୍ନୀଙ୍କର ଭାଇ କିଚକ। ବହି ଶତ୍ରୁ ଠାରୁ ଅର୍ନ୍ତଶତ୍ରୁ ଏବେ ହୁ ହୁ ବଢୁଛନ୍ତି। ଏମିତି ସ୍ତର ଅନେକ କଷ୍ଟର ସ୍ୱାଧୀନତା ହାସଲ ଅଳ୍ପଦୀନ ପରେ ବିପରୀତ ସ୍ତରକୁ ଆସିବ। ଶତକଡ଼ା ୫୦ରୁ ଭୋଟ ହାର କମି ରାଜ ଚାଲିବା ଦିଗକୁ ଆସିଲାଣି ଆହୁରି ଯେ ନକମିବ କିଏ ବାଡ଼ବତା ଦେବ? କରୋନା ବେଳେ ସରପଞ୍ଚ ମାନଙ୍କୁ କଲେକ୍ଟର କ୍ଷମତା ମିଳିଥିଲା। ବିନା ତାଲିମରେ କାହାକୁ କଲେକ୍ଟର ପଦ ମିଳିନାହିଁ। ଆଇଏଏସ୍, ଓଏଏସ୍, ଆଇପିଏସ୍ ତାଲିମ ବଡ଼ କଠିନ କାର୍ଯ୍ୟ। ଏମିତିରେ କେମିତି ନୀତିରେ ଶାସନ କରାଯାଏ ତାହା ସମୟକୁ ଅଳ୍ପ ଲୋକରେ ବହୁଲୋକଙ୍କୁ ଶାସନ ଶିକ୍ଷା ରହିଛି। ଭୋଗ ଇନ୍ଦ୍ରିୟଙ୍କୁ ସଜାଗ ରଖିଲେ କେହି ସୁଶାସକ ବା ସୁସନ୍ନ୍ୟାସୀ ହୋଇନପାରନ୍ତି। ମାଳିକା କ'ଣ ଲେଖିଛି ତାକୁ ପଛକୁ ରଖନ୍ତୁ। ଏବେ ଦେଖନ୍ତୁ ଯାହା ହେବାକୁ ଯାଉଛି, ଏହା ଶେଷ ପରିଣତିରେ ନିଶ୍ଚେ ସମସ୍ତେ କ୍ଷୟ ଦିଗକୁ ଧାବିତ! ରାସ୍ତା, ଘର, କଳାକାରଖାନା ବିସ୍ତୃତିରେ ସମସ୍ତେ। ତେବେ ବର୍ଦ୍ଧିତ ଜନସଂଖ୍ୟା କ'ଣ ଖାଇ ବଞ୍ଚିବେ ଟିକେ ଭାବନା ରହିଛିକି? ରାସ୍ତା ପ୍ରଶସ୍ତି ପାଇଁ ପ୍ରାକ୍ ରାସ୍ତା କଡ଼ ନିର୍ମାଣମାନ ହଟାଯାଉଛି, ସବୁ ଶାସନଙ୍କର ଲୁହାମଇ ବୁଲାଯାଇ ଏ ସରକାର ତା କରନ୍ତୁ, ମାତ୍ର ଛତିଶ ପାଟରେ ବୃତ୍ତି ଲୁଟ କରି ଲୋକଙ୍କୁ ବୃତ୍ତି ନଦେଇ ଅଘରା କଲେ କେତେ ଥୋପ ଦେଇ କେତେ ଦିନ ରାଜ କରିହେବ ଭାବନ୍ତୁତ। ଅନେକ ପ୍ରାଚୀନ ଶବ୍ଦ ମାଳାର ନୂଆ ମୂଲ୍ୟାୟନ, ବର୍ତ୍ତମାନ ଆବଶ୍ୟକ ପଡୁଛି ଯେମିତି କୃଷକ, ଜମିଦାର, କୃଷି ମୂଲିଆ, ଡ୍ରାଇଭର, ଗାଡ଼ିବାଲା, ଗାଡ଼ି ମାଲିକ ଶବ୍ଦର ମୂଲ୍ୟାୟାନ ଦରକାର। ଯଦି ବହୁଲୋକଙ୍କ ପାଇଁ କାନୁନ, ତେବେ ଲାଭ ପାଉଛି କିଏ ଏହା ଦେଖିବା ଜରୁରୀ। ପଡ଼ା, ଗୁଡ଼ା ବଞ୍ଚାଇବା ଚେଷ୍ଟା ଜରୁରୀ, ଦାଦାପାର୍ଟିରେ ଭୟ କେମିତି ସଂସ୍କାର ହେବ ତାର ତୃଣମୂଳ ଖୋଜାଯାଉ। 'ଜିଓ ଔରଜିନେ ଦୋ'କୁ କେହି ଭୁଲନ୍ତୁ ନାହିଁ।

*ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ*
*ଦୂରଭାଷ : ୯୪୩୭୧୦୩୧୨୫୩*

# ଓସ୍କାର ଦୌଡ଼ରେ ଓଡ଼ିଆ ଚଳଚ୍ଚିତ୍ର 'କାଳିର ଅତୀତ'



ନାଟ୍ୟସାରଥି ଅଭୟ କୁମାର ଦାସ

ମହାମାରୀ କରୋନା ପ୍ରକୋପ ଭିତରେ ଅନେକ ସିନେମା ମୁକ୍ତିଲାଭ କରିନାହିଁ। ତେବେ ଏସବୁ ଭିତରେ ଓସ୍କାର ଦୌଡ଼ରେ ସାମିଲ ହୋଇଥିବା କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ସମୁଦ୍ର ଉପକୂଳ ଅଞ୍ଚଳ ସାତଭାୟା ଉପରେ ପର୍ଯ୍ୟବେସିତ ଚଳଚ୍ଚିତ୍ର 'କାଳିର ଅତୀତ'ରେ ଅଭିନୟ କରିଥିବା ଅଧିକାଂଶ ଅଭିନେତା ଓ ଅଭିନେତ୍ରୀ କେନ୍ଦ୍ରାପଡ଼ା ଜିଲ୍ଲା ଓ ଏହାର ଆଖପାଖ ଅଞ୍ଚଳର। ଯେଉଁମାନେ କି ଜୀବନରେ କେବେ କ୍ୟାମେରା ସମ୍ମୁଖରେ ଛିଡ଼ା ହେବା ତ ଦୂରର କଥା, ଦେଖିବି ନଥିଲେ। ବିଶ୍ୱତାପାୟନ ଓ ସମୁଦ୍ରପତ୍ତନ ବୃଦ୍ଧି ଯୋଗୁ ପୂର୍ବ ଭାରତ ଉପକୂଳରେ ଥିବା ଗ୍ରାମଗୁଡ଼ିକ ଅଦୃଶ୍ୟ ହେବା ସମ୍ପର୍କରେ ଜିଲ୍ଲାର ସାତଭାୟା ଗ୍ରାମ ଗୁଡ଼ିକର କଥାବସ୍ତୁକୁ ନେଇ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡାଙ୍କ ଏହି ପ୍ରଥମ ଓଡ଼ିଆ ଚଳଚ୍ଚିତ୍ରର କାହାଣୀ ଗତିଶୀଳ ହୋଇଛି ବୋଲି ଚଳଚ୍ଚିତ୍ରର ଏକ ପ୍ରମୁଖ ଭୂମିକାରେ ଅଭିନୟ କରିଥିବା କେନ୍ଦ୍ରାପଡ଼ା ଜିଲ୍ଲା ମଡ଼ରପୁର ଗ୍ରାମର ଗୋଲେଖ କୁମାର ସେଠୀ କହିଛନ୍ତି। ସାତଭାୟାର କାହାଣୀ ଓସ୍କାର ପୁରସ୍କାର ଦୌଡ଼ରେ ଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି।


ଏହି ଚଳଚ୍ଚିତ୍ର ସମ୍ପର୍କରେ ବାପା ଭୂମିକାରେ ଅଭିନୟ କରିଥିବା ଗୋଲେଖ ସେଠୀ କହିଛନ୍ତି ଯେ ଜିଲ୍ଲାର ରାଜନଗର ବ୍ଲକର ଉପନ୍ତ ଅଞ୍ଚଳ ଗୁପ୍ତି ରାସ୍ତା ୫ କିମି ଗଲେ ପଡ଼େ ଇକଲପାଲ ଛକ। ସେଠାରୁ ଘଞ୍ଚ ସବୁଜିମା ଭରା ଜଙ୍ଗଲ ରାସ୍ତାରେ ୨ କିମି ଦୂର ବାଉଁଶ ଗଡ଼ାଇ ନଈ ପାରିହେବା ପରେ ପ୍ରାୟ ୫ କିମି ବିସ୍ତିର୍ଣ୍ଣ ସାଗର ବେଳାଭୂମିରେ ଦୃଷ୍ଟିକୁ ଆସେ ସାତଭାୟା ଅଞ୍ଚଳ। ସାତଭାୟାକୁ ଛାଡ଼ି ଅନ୍ୟ ୬ଟି ଗ୍ରାମ ସମୁଦ୍ର ଗର୍ଭରେ କେବେ ଠୁ ହଜିଯାଇଥିବା ବେଳେ କେବଳ ବାଲିକୁଦକୁ ଆଶ୍ରାକରି ପଡ଼ିରହିଥିଲେ ସାତଭାୟାବାସୀ। ସାତପୁରୁଷର ଭିଟାମାଟି ସମୁଦ୍ର ଗର୍ଭର କାହିଁ କେତେ ଦୂରରେ ରହି ଯାଇଥିବା ବେଳେ ପ୍ରତିଦିନ ସମୁଦ୍ରକୁ ଡରିମରି ଭୟ ଓ ମୃତ୍ୟୁ ଆଶଙ୍କାରେ ବଞ୍ଚିବାକୁ ବାଧ ହେଉଥିଲେ ଅଞ୍ଚଳବାସୀ। ୧୯୯୯ ମହାବାତ୍ୟା ଓ ଫାଇଲିନ୍ ପରି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ସାତଭାୟା ଅଞ୍ଚଳବାସୀ। ଏଠାରେ ବର୍ଷା ଦିନରେ ମେଘୁଆ ପାଗ ସହ ସମୁଦ୍ର ପଟରୁ ପବନ ବହିଲେ ମୃତ୍ୟୁ ଭୟରେ ଶିହରି ଉଠୁଥିଲେ ଏହି ବିପଦଗ୍ରସ୍ତ ମଣିଷମାନେ। ୨୦୦୬ରେ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ ପାଇଁ ଆସି ସମୁଦ୍ର ମଧ୍ୟରେ ଏକ ଟ୍ୟୁବଲ ଦେଖି ଫିଲ୍ମର ନିର୍ଦ୍ଦେଶକ ନୀଳମାଧବ ପଣ୍ଡା ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ନିକଟରେ ଏକ ପାଗଳ ପରି ଦେଖାଯାଉଥିବା ବ୍ୟକ୍ତିଙ୍କୁ ଦେଖି ସେ ଏ ସମ୍ପର୍କରେ ପଚାରିଥିଲେ। ସେ ତାଙ୍କୁ ୨୦୦୬ରେ ସାତଭାୟାର ତିନଟି ଗାଁ ସମୁଦ୍ରରେ ଲୀନ ହୋଇଯାଇଥିବା କହିଥିଲେ। ୨୦୧୮ରେ ସମ୍ପୂର୍ଣ୍ଣ ସାତଟି ଗାଁକୁ ସମୁଦ୍ର ଗ୍ରାସ କରିଥିଲା। ନୀଳମାଧବ ଏହି ସମସ୍ତ ତଥ୍ୟକୁ ନେଇ ଫିଲ୍ମ ଆରମ୍ଭ କରିଥିଲେ। ଫିଲ୍ମର କାହାଣୀ ସମ୍ପର୍କରେ ଶ୍ରୀ ସେଠୀ କହନ୍ତି, ସାତଭାୟାର ଜଣେ ଯୁବକ ଦୂର ପ୍ରବାସରେ ରହିବା ପରେ ନିଜ ଗାଁକୁ ଫେରିଛି। ସେ ଦେଖିଛି ସମୁଦ୍ରରେ ତାର ଗାଁ ଲୀନ ହୋଇଯାଇଛି। ଜଳବାୟୁର ପରିବର୍ତ୍ତନରେ ନିଜ ଉଜୁଡ଼ା ଗାଁକୁ ଦେଖି ମର୍ମାହତ ହୋଇଛି। ଏହି ଯୁବକ ଭୂମିକାରେ ଅଭିନୟ କରିଛନ୍ତି ପ୍ରଖ୍ୟାତ ଅଭିନେତା ପିତବାସ ତ୍ରିପାଠୀ। ସେ ହିଁ ଚଳଚ୍ଚିତ୍ରର ନାୟକ। ତେବେ ଚଳଚ୍ଚିତ୍ରର ଅନ୍ୟ ଏକ ପ୍ରମୁଖ ଭୂମିକାରେ ତାଙ୍କ ବାପା ଅଭିନୟ କରିଛନ୍ତି ଗୋଲେଖ ସେଠୀ। ଯିଏ କି ବାତ୍ୟା ସମୟରେ ନିଜ ପରିବାରକୁ ବଞ୍ଚାଇବାକୁ ସଂଗ୍ରାମ କରିଛନ୍ତି। ତେବେ ଏଥିରେ ତାଙ୍କର ଗୋଡ଼ ଭାଙ୍ଗିଯାଇଛି। ସମୁଦ୍ର ଜୁଆର ପାଣିରୁ ନିଜ ନାତି ନାତୁଣୀକୁ ଦୁଇ କାନ୍ଧରେ ବସାଇ ଉଚ୍ଚ ସ୍ଥାନକୁ ନେବା ସହ ତାଙ୍କର ଏଥିରେ ଗୋଡ଼ ଭାଙ୍ଗିଯିବା ଦୃଶ୍ୟ ରହିଛି। ତେବେ ତାଙ୍କ ବହୁ ଭୂମିକାରେ କେନ୍ଦ୍ରାପଡ଼ା ସନ୍ନିକଟ ବାଲିଚନ୍ଦ୍ରପୁର ଅଞ୍ଚଳର ସୋନାଲି ଅଭିନୟ କରିଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଜୀବନରେ କେବେ କ୍ୟାମେରା ଦେଖିନଥିବା ସାତଭାୟା ଅଞ୍ଚଳର ବହୁବ୍ୟକ୍ତି ଏହି ଚଳଚ୍ଚିତ୍ରରେ ଅଭିନୟ କରିଥିବା କଥା ସୁଦର୍ଶନ ଦାସ, ସନ୍ତୋଷ ମଲିକ ଓ ରବି ମଲିକ କହିଛନ୍ତି। ସେହିପରି ସ୍ଥାନୀୟ ଅଞ୍ଚଳର ମହିଳା ଓ ଶିଶୁମାନେ ମଧ୍ୟ ଚଳଚ୍ଚିତ୍ରରେ ଚିତ୍ତାକର୍ଷକ ଅଭିନୟ କରିଥିଲେ। ଏହି ଫିଲ୍ମ ସାତଭାୟା, ବଗପାଟିଆ, ଭିତରକନିକା, ପଞ୍ଚୁବରାହୀ ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳ ଓ ବାତ୍ୟା କ୍ଷୟକ୍ଷତି ଅଞ୍ଚଳରେ ଦୀର୍ଘ ଏକମାସ ଧରି ସୁଟିଂ ହୋଇଥିବା ଶ୍ରୀ ସେଠୀ କହିଛନ୍ତି। ଫିଲ୍ମ ପାଇଁ ଅସ୍ଥାୟୀ ଘର, ଶୌଚାଳୟ, ସୋଲାର ଲାଇଟର ବ୍ୟବସ୍ଥା ସହିତ ସୁଟିଂ ସେଟର ନିର୍ମାଣ କରାଯାଇଥିଲା ବୋଲି ସେ ପ୍ରକାଶ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ 'କାଳିର ଅତୀତ' ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବ (ଆଇଏଫ୍ଏଫ୍ଆଇ)-୨୦୨୦ରେ ପ୍ରଦର୍ଶିତ ହୋଇଥିଲା। ଭାରତୀୟ ଉପକୂଳରେ ଥିବା ଗ୍ରାମଗୁଡ଼ିକ ସମୁଦ୍ର ଜଳପତ୍ତନ ବୃଦ୍ଧି ପାଇଁ ଅଦୃଶ୍ୟ ହେବାକୁ ନେଇ କରାଯାଇଥିବା ଏହି ଚଳଚ୍ଚିତ୍ର ବିଶେଷ ଆଦୃତ ହୋଇଥିଲା। ଏବେ ଏହି ଚଳଚ୍ଚିତ୍ର ଏକାଡ଼େମୀ ସ୍କ୍ରିନିଂ ରୁମ୍‌ରେ ଉପଲବ୍ଧ ହୋଇଛି। ସେଠାରେ ଏହାକୁ ଏକାଡ଼େମୀ ସଦସ୍ୟମାନେ ଦେଖି ଭୋଟ ଦେବେ। ସାଧାରଣ ଏଣ୍ଟ୍ରି ବର୍ଗରେ ପ୍ରବେଶ ଶ୍ରେଣୀ-୪ରେ ଶ୍ରେଷ୍ଠ ଚିତ୍ର, ଶ୍ରେଷ୍ଠ ଅଭିନେତା, ଶ୍ରେଷ୍ଠ ନିର୍ଦ୍ଦେଶକ ଓ ଅନ୍ୟାନ୍ୟ ବର୍ଗରେ ପୁରସ୍କାର ଦୌଡ଼ରେ ଏହି ଚଳଚ୍ଚିତ୍ର ପ୍ରବେଶ କରିଛି। ଓଡ଼ିଆ ମାଟିପାଣିର କଥା, କାହାଣୀ ପ୍ରସ୍ଫୁଟିତ ହୋଇଥିବା ଏହି ଚଳଚ୍ଚିତ୍ରଟି ଲୋକପ୍ରିୟତା ପାଉ ଓ ଦର୍ଶକୀୟ ଆଦୃତି ବଢୁ ଏହି କାମନା କରୁଛୁ।

*ଗୋତରା, ମାହାଙ୍ଗା, କଟକ*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ଼ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର




# ବେଳ ଭଲ ନାହିଁ

କେବେଠାରୁ ଆସିଲେଣି ?

ଦଶ ପନ୍ଦର ଦିନ ହେଲାଣି।

ଆଗରୁ କହିଲ ନାହିଁ କାହିଁକି ? ହଉ ଠିକ୍ ଅଛି ମୁଁ କାଲି ସକାଳୁ ମର୍ଣ୍ଣିଂୱାକ୍ କଲାବେଳେ ତମ ଭାଉଜଙ୍କୁ ଏଠିକୁ ନେଇ ଆସିଥିବ, ମୁଁ ଦେଖିନେବି, ହଁ-ଠିକ୍ ପାଞ୍ଚଟା ବେଳକୁ ଆସି ଯାଇଥିବ।

ତା'ପରଦିନ ସାହେବ ମର୍ଣ୍ଣିଂୱାକ୍‌ରେ ଆସିବା ପୂର୍ବରୁ ଏମାନେ ଯାଇ ହାଜର ହୋଇ ଯାଇଥିଲେ। ଏମାନଙ୍କୁ ଦେଖି ସେ ପଚାରିଲେ- କ'ଣ ରୋଗୀ ଆସିଛନ୍ତି ?

ହଁ- ସାହେବ

ଠିକ୍ ଅଛି ତାଙ୍କୁ ଡାକ।

ରୋଗୀକୁ ଥରେ ଚାହିଁ ଦେଇ ଡାକ୍ତର ସାହେବ କହିଲେ -ତମେ ଦୁଇ ଭାଇ ଗେଟ୍ ବାହାରକୁ ଯାଅ।

ଏମାନେ ଗେଟ୍ ବାହାରକୁ ଚାଲିଯିବା ପରେ ସେ ରୋଗିଣୀକୁ କହିଲେ ତାଙ୍କ ସହ ମର୍ଣ୍ଣିଂୱାକ୍‌ରେ ଚାଲିବା ପାଇଁ। କିଛିବାଟ ତାକୁ ଚଲାଇବା ପରେ ତା'ର ଅନ୍ୟମନସ୍କତାର ସୁଯୋଗ ନେଇ ସେ ତା' ଛାତି ଉପରୁ ଲୁଗାଟିକୁ ଟାଣି ଦେଲେ। ରୋଗିଣୀଟି ଚିତ୍କାର କରି ହଠାତ୍ ଡାହାଣ ହାତଟିକୁ ଉଠାଇ ନିଜ ଛାତି ଉପରେ ଲୁଗାଟିକୁ ଭିଡି ଧରିଲା। ବାସ୍-ଏତିକିରେ ହିଁ ତା'ର ଅଚଳ ହାତ ସଚଳ ହୋଇଗଲା।

ଏକଥା କେମିତି ସମ୍ଭବ ହେଲା ଗୋଲେଖ ଭାଇ ? ସମ୍ଭବ କେମିତି ହେଲା କ'ଣ ମ- ସେମାନେ ରୋଗର ଜଡ ଜାଣିଥିଲେ। ତା'ର ଗୋଟିଏ ନର୍ଭ କାମ କରୁନଥିଲା, ହଠାତ୍ ଝଟ୍‌କା ଦେବାରୁ ତାହା କାମ କଲା। ଜଡ ଚିହ୍ନି ପାରିଲା ବୋଲି ସିନା ବିନା ଔଷଧରେ ରୋଗୀକୁ ଭଲ କଲେ, ଆଉ ଆଜିକାଲିକା ଡାକ୍ତର ରୋଗ ଚିହ୍ନିବା ଛାଡି ପଇସା ଚିହ୍ନୁଛନ୍ତି।

ହେଇ ପା' କୈଳାସ ଆସିଗଲା, ଆରେ ଆଏ-ଆଏ, ଆମେ ବୁଢ଼ା ତିନିଟା ପାଲି ପକାଇବାକୁ ଆଉ ଜଣକୁ ନିଘା କରୁଥିଲୁ।

ନାଇଁମ, ଆଜି କ'ଣ ତାସ୍ ଖେଳିବାକୁ ବେଳ ଅଛି। ଦେଖୁଛ ତ ପନ୍ଦର ଦିନ ହେଲାଣି ଗାଆଁର ଟ୍ରାନ୍‌ସଫରମର ପୋଡି ଯାଇଛି ଯେ ଶଳେ ଲଗାଇବା ନାଆଁ ଧରୁନାହାଁନ୍ତି, ଯେତେ ଜମି ସବୁ ଡାଲୁଅ ଚାଷ ହୋଇଥିଲା ସବୁ ଫାଟି ଆଁ କଲାଣି, ସେ ଶଳା ଓଭରସିଅର ସେଠି ବସି ଖେଳୁଛି, ତାକୁ ଲାଞ୍ଚ ଦରକାର। ମୁଁ ତ ଆଜି କ୍ଲବ ପିଲାଙ୍କୁ ଧରି ବାହାରିଛି- ଆଜି ତା'ର ଦିନେକୁ ଆମର ଦିନେ।

ହଉ-ହଉ, ଯାଆ-ଯାଆ, ଭଲ କାମଟିଏରେ ବାହାରିଛୁ, ଶଳା ଏ ବର୍ଷ ଗରମକୁ ଏ ଟ୍ରାନ୍ସଫରମର ପୋଡି, ଘରେ ଜମା ପଶି ହେଉନି, ପାହାନ୍ତ ପହର ଯାଏଁ ଦେହରେ ଝାଳ ମରୁନି, ଟିଭି ଟିକେ ଦେଖି ସମୟ କଟୁଥିଲା ଯେ ସିଏ ବି ବନ୍ଦ। କିଛି ଖବର ଅନ୍ତର ଜାଣି ହେଉନି।

ଆରେ ହିଁ-କୈଳାସ, ସେଇ ଯୋଉ ନଈ ପାଣି ଝାମେଲା ଚାଲିଥିଲା କ'ଣ ହେଲା ?

କୋଉ ନଈ ପାଣି ?

ମୋର କ'ଣ ମନେ ଅଛି ସେ ନଈ ନାଆଁ। ସେଇମ ଯେଉଁ ପୋଟଳ ପରିକା ମାଇକିନିଟା ଦିନ ଧମକ ଦେଉଥିଲା ସେ ନଈ ପାଣଇ ପାଇଁ।

ଓଃ ସେକଥା କହୁଛ, ନଈ ପାଣି ତ ଗୋଟେ ବାହାନା, ଅସଲ ରୋଗ ହେଉଛି ତମେ ମୋ ଗୋହି ଉଝାଳନା।

ଆମେମାନେ କ'ଣ ଏତେ ଭିତରକୁ ଯାଇପାରୁଛୁ। ସେଇ ଯାହା ଟିଭିରୁ ଜାଣିବା କଥା, ଟିଭି ଦେଖା ବି ପନ୍ଦର ଦିନ ହେଲାଣି ବନ୍ଦ। ହଉ ତୁ ବାହାରିଛୁ ଯଦି ଯାଆ, ଏ କରେଣ୍ଟ ଆସିବାର କିଛି ଗୋଟାଏ ବନ୍ଦୋବସ୍ତ କର।

ଟ୍ରାନ୍ସଫରମର ଲାଗିଗଲେ କ'ଣ ହେବ। କରେଣ୍ଟ ରହିଲେ ତ ଗୋଲେଖ ଭାଇ।

ହଁ ସେଇଟା ବି ସତ କଥା। ଶଃ- ଏ ଦେଶରେ ସରକାର ଯେମିତି ହେଇଅଛି ହେଇ ନାହିଁ, ଏ ବିଜୁଳି ବି ସେମିତି କେତେବେଳେ ଆସୁଛି କେତେବେଳେ ଯାଉଛି ତା'ର ଠିକଣା ନାହିଁ। ଆଉ ତ ବେଳେ ବେଳେ ଥାଇ ବି ନଥିଲା ସହ ସମାନ। ଯଦି ପଚାରିବ ଏମିତି ଲୋ-ଭୋଲଟେଜ୍ କାହିଁକି, ଉତ୍ତର ମିଳିବ ବିଜୁଳି ଚୋରି ହେଉଛି ଆମେ କ'ଣ କରିବୁ।

କ'ଣ କରିବ ? କରେଣ୍ଟ ଯଦି ଚୋରି ହେଉଛି, ତମେମାନେ ବସି ବସି କାହିଁକି ଦରମା ନେଉଛ ? ଧରୁନା ଯେଉଁମାନେ ଚୋରି କରୁଛନ୍ତି। ତମେମାନେ ଧରିବ କ'ଣ, ପଇସା ନେଇ ତ ଚୋରି କରାଇବା ଶିଖାଇଛ। ମିଟର କେମିତି ଅଚଳ ହୁଏ ବତାଉଛ। ଦିନ ଦି' ପହରରେ ଖୁଣ୍ଟରୁ ତାର ଟାଣି ହିଟର ଲଗାଉଥିବ ଲୋକଙ୍କୁ ଆଖି ବୁଜି ଦେଉଛ ମାସିକିଆ ବଟିରେ। ଏଥିରେ ଚୋରି ବଢ଼ନ୍ତାନି କ'ଣ କମନ୍ତା ? ହକ୍ ଲାଇନ୍ ନେଇଥିବା ଲୋକଙ୍କ ଉପରେ ତମର ଯେତେସବୁ ଜୁଲୁମ। ଏବେ କ'ଣ ଗୋଟେ ନୂଆ କମ୍ପାନୀ ଆସୁଛି, ପ୍ରାଇଭେଟ୍ କମ୍ପାନୀ। ତା'ର ଚାର୍ଜ ଏତେ ଯେ ଇଲେକ୍ଟ୍ରି ଘରକୁ ନେବା ଅର୍ଥ ଦେଉଳକୁ ମୁଖଚାଳିଆ ବୁକାଇ ପଡିବ।

(କ୍ରମଶଃ)



# ସ୍ଥବିର ସ୍ଥାପତ୍ୟ

## ଶାନ୍ତନୁ କୁମାର ସର

ହଠାତ କେମିତି ମୋର
କକ୍ଷ ପଥ ସଙ୍କୁଚିତ ହୋଇଗଲା
ହଜିଗଲା ଅହଂକାର ସ୍ୱର୍ଦ୍ଧିତ ସାମ୍ରାଜ୍ୟ
ଅଥର୍ବ ସ୍ଥିତିକୁ ନେଇ ମୁଁ ଖୋଜୁଛି
ଜୀବନର ଅଦୃଶ୍ୟ ପରିଧି ବୃତ୍ତ ଓ ବ୍ୟାସାର୍ଦ୍ଧ।

ମୋ'ର ତ ସମୟ ଅଛି
କହିବାକୁ କେତେ କଥା-
ପ୍ରେମ, ପ୍ରବଞ୍ଚନା, ସାଧନା ଓ ସିଦ୍ଧିର ପ୍ରପଞ୍ଚ
ଶୁଣିବ ବା କିଏ ସମସ୍ତେ ତ
ବ୍ୟସ୍ତ ଆଜି କାମନାର ଇନ୍ଦ୍ରପ୍ରସ୍ଥେ
ବାସନାର ନିର୍ଜନ ଦ୍ୱୀପରେ।
ସବୁଠି ତ ସବୁଜିମା-ସ୍ତୁତିପାଠ
ଯୌବନର ଜୟଗାନ
ଆବାହନୀ ଉଦିତ ସୂର୍ଯ୍ୟର
କିଏ ବା ଶୁଣିବ କୁହ
ରକ୍ତହୀନ ଅସ୍ତଗାମୀ ସୂର୍ଯ୍ୟର ଗଜଲ।
ମୁଁ ଆଜି ନତ ଜାନୁ
ପୁଞ୍ଜି ମୋର ପରାସ୍ତ ପୌରୁଷ,
ଦ୍ରବୀଭୂତ ହେଉଥାଏ
ଅସଫଳ ଅଭିସାର ଅଥର୍ବ ସ୍ମୃତିରେ।

ଭୁଲିଯାଅ ଚିତ୍ରଗୁପ୍ତ
ପାଞ୍ଜିକାର ଜୀବନ ମୃତ୍ୟୁର
କାଳ୍ପନିକ ସ୍ୱର୍ଗର ଆନନ୍ଦ
ଓ ମେନକାର ମନଲୋଭା
ନୃତ୍ୟ ଠାରୁ, କେତେ ଭଲ
ଏ ଜନ୍ମର ଜୀବନ୍ତ ମରଣ।
ଭୁଲିଯାଅ ଚିତ୍ରଗୁପ୍ତ ଭୁଲିଯାଅ ମୋତେ,
ମହାକାଳ ଅନୁଭବେ
ମୋ ମନ୍ଥର ଶିରା ପ୍ରଶିରାରେ।
ମୁଁ ଏମିତି ଦେଖୁଥିବି ପେଜୁଆ ଆଖିରେ
କାଳର ଆବର୍ତ୍ତ ଓ ବ୍ରହ୍ମାଣ୍ଡ ଭୂଗୋଳ
ଆଙ୍କୁଥିବି ସୀମାହୀନ ସ୍ଥବିର ସ୍ଥାପତ୍ୟ।

*ଅବସରପ୍ରାପ୍ତ ଅଧ୍ୟକ୍ଷ*
*ଅନୁଗୁଳ କଲେଜ, ଅନୁଗୋଳ*



# ଜୀବନର ସତ୍ୟତା

## ସୁଧାଂଶୁ ଶେଖର ଦ୍ୱିବେଦୀ

ଖାଲି ହାତେ ଆସିଛେ
ଖାଲି ହାତେ ଯିବା
ଜୀବନଟା କଣ ?
ଗୋଟେ ବାଲି ଦରିଆ
ପାଣିର ଗୋଟେ ଫୋଟକା
ମୁଠିରେ ବାନ୍ଧି ହୁଏନି କି
ଆଘାତ ପାଇ ଫାଟିଯିବା ଭୟରେ
ସୁଅରେ ଭାସୁଥିବା ଫୋଟକାକୁ
ଧରି ହୁଏନାହିଁ।
ଏଠି ସମସ୍ତେ
କାହା ପଛରେ ଦୌଡୁଛନ୍ତି ?
ଜଣାନାହିଁ ?
ଧନ-ସମ୍ପତ୍ତି,
ଟଙ୍କା-ପଇସା,
ସମ୍ପର୍କ-ସମ୍ବନ୍ଧ
ଅଳିକ ମାତ୍ର।
ଦିନେ ସେସବୁ ପାଣି ସୁଅରେ
ବହିଯାଇ ଦରିଆରେ ମିଶିଯିବ।
ଚାରିଦିନର ଜୀବନ
କେବେ ନିଜଠୁ ଦୂରେଇଯିବ
କହିହେବ ନାହିଁ ?
ମାଟିର ମଣିଷ ଦିନେ
ମାଟିରେ ମିଶିଯିବ।
ପୁଣି କେବେ ଦିନେ ଆମେ
ନିଃଶ୍ୱାସକୁ ଗଣି ଗଣି
ନିଃଶେଷ ହୋଇଯିବୁ।
ଆସନ୍ତାକାଲି ହୁଏତ
ନିଜଲୋକ ମାନେ
ନାକ ଶୁଙ୍ଘୁକା ମାରି
ପାର୍ଥିବ ଦେହକୁ
ବହିନେବେ ଶ୍ମଶାନକୁ।

*ବିସି-୭୪, ସଲଟ ଲେକ, କୋଲକାତା*
*ଦୂରଭାଷ : ୭୨୯୧୩୪୨୨୫୯*



# ଫେରି ଯାଅ ନଦୀ

## ବିନୟ କୁମାର ଦାସ


ଆଜି ବି କହୁଛି ଫେରି ଯାଅ ନଦୀ ନାହିଁ କିଛି ମୋର କରିବା ର
ବେଳାଭୂଇଁ ମୋର ରୁକ୍ଷ କଙ୍କରିତ ମୁଁ ଏକ ଶୁଖିଲା ପାରାବାର ॥୦ ॥
ଦେଇଥିଲି ଦିନେ ଲକ୍ଷେ ଆମନ୍ତ୍ରଣ ମୋ ତନୁରେ ମିଶି ଯିବା ପାଇଁ
ସେଦିନ ମୋ ଦେହେ ଯଉବନ ଥିଲା କିଛି ନାହିଁ ଆଜି କିଛି ନାହିଁ
ପୂର୍ଣ୍ଣ ଅବୟବ ଚୂର୍ଣ୍ଣ ହୋଇଛି ଶୀର୍ଣ୍ଣ ହୋଇଛି କଳେବର
ତେଣୁ ମୁଁ କହୁଛି ଫେରି ଯାଅ ନଦୀ ନାହିଁ କିଛି ମୋର କରିବାର ॥୧ ॥
ବୁଝିପାରିଲନି ମୋ ଆକୁଳ ଭାଷା ଚାହିଁଲନି ଆଡ ଆଖି କରି
ପ୍ରତୀକ୍ଷାରେ ମୋର ବିତିଲା ଜୀବନ ମନର ସରାଗ ଗଲା ମରି
ତୁମ ପାଇଁ ଦୁଃଖ ପାଇଛି ଯେତେକ ସରିବାର ନୁହେଁ ସରିବାର
ମିଛ ମୁଁ କହୁନି ବିଶ୍ୱାସ କର ମୁଁ ଏକ ଶୁଖିଲା ପାରାବାର ॥୨ ॥

*ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧*
*ମୋ- ୭୯୭୮୮୬୦୩୬୩*

# ମକର ଆସିଛି ଫେରି

## ବିଜୟ କୁମାର ପଣ୍ଡା





କୁସୁମକୁ ସଜବାଜ କରି ପାଉଁଜି ପିନ୍ଧେଇଦିଏ ମା' ସାବି। ତା' ପାଇଁ ରୁପାର ପାଉଁଜିଟିଏ କିଣିବାକୁ କେତେ ସପନ, ହେଲେ..ଏତେ ସପନ କୁ ରାତି କାହିଁ !!

କୁନି କୁନି ପାଦରେ ଚପଳଛନ୍ଦା ଠାଣିରେ ଛମ ଛମ ଶବ୍ଦରେ ଅଣ୍ଟା ଭାଙ୍ଗି ଯେବେ ଚାଲିଯାଏ ଘର ଅଗଣା କୁସୁମିତ ହୋଇଯାଏ।

ଜେଜେମା ଓ ବାପା ଷଡ଼ଯନ୍ତ୍ର କରି ଝିଅଟିଏ ବୋଲି ଜନ୍ମ ହେବା କ୍ଷଣି ତାକୁ ଅଲୋଡ଼ା କରି ପାହାଡ଼ ସେପାଖେ ପକେଇ ଦେଇଆସିଥିଲେ। ଏଇ ଦାସିଆ ଅଜା ତାକୁ ଆଦରି ନେଇଥିଲେ, ନାଁ ତାର ରଖିଥିଲେ କୁସୁମ।

କୁସୁମର ମା ସାବି ପାଖ ଖଣିରେ ଦିନ ମଜୁରିଆ କାମ କରି ଯାହା କିଛି ରୋଜଗାର କରେ ସେଥିରେ ଘର ଚଳିଯାଏ।

କୁସୁମ ଏବେ ଅଷ୍ଟମ ଶ୍ରେଣୀରେ। ଫୁଲନ ଆଇ ଏବଂ ଦାସିଆ ଅଜା ପାଇଁ ଗଳାର ହାର, ଅନ୍ଧର ଲଉଡ଼ି ସଦୃଶ। ଫୁଲନ ଆଇ ତାକୁ ଗେହ୍ଲାରେ କୁଶ ବୋଲି ଡାକେ।

ମିନି ଆଉ କୁସୁମ ଦୁହେଁ ଗାଁ ସ୍କୁଲରେ ପଢ଼ନ୍ତି ଅଲଗା ଶ୍ରେଣୀରେ। ମିନିର ପରିବାର ଭଲ ଚଳାଚଳ। ବାପା ଗାଁ ସ୍କୁଲରେ ପିଅନ, ସରକାରୀ ଚାକିରୀ।

ଏଇ ବର୍ଷେ ତଳେ ଦୁହେଁ ମକର ବସିଥିଲେ। ମକର ସଂକ୍ରାନ୍ତି ଦିନ, ଗାଁ ମୁନି ପଡ଼ିଆରେ ମକର ଚାଉଳ ଦେଇ ପ୍ରଭୁଙ୍କୁ ସାକ୍ଷୀ ରଖି ଦୁହେଁ ଦୁହିଁଙ୍କ ସୁଖ ଦୁଃଖର ସାଥି ଟିଏ ହେବାପାଇଁ ପ୍ରତିଶୃତି ନେଇଥିଲେ। ସାଥି ହୋଇ ଗୁଡ଼ି ଉଡ଼େଇବା, ମକର ମେଳାରେ ବୁଲିବା, ପାଲା ଦେଖିବା ଆଦି ସବୁଥିରେ ଦୁହେଁ ଏକାଠି ନଜର ଆସନ୍ତି।

ଅନେକ ସମୟରେ ଦୁଇଜଣ ମିଶି ସକାଳ କିମ୍ବା ସଂଧ୍ୟା ଭୋଜନ କରନ୍ତି। ଭୋଜନ ପୂର୍ବରୁ ହଠାତ ଦୁଇଜଣ ଉଭା ହୋଇ ଯେତେବେଳେ ନିଜର ନିଜର ଭାଗ ଦାବି କରନ୍ତି ଅପ୍ରସ୍ତୁତ ଥିବା ଉଭୟଙ୍କ ମା' ମାନେ ସମସ୍ୟାରେ ପଡ଼ି ଯାଆନ୍ତି, କିନ୍ତୁ ଦୁହିଁଙ୍କ ବନ୍ଧୁତା ଆଗରେ ସେ ସବୁ ଫିକା ପଡ଼ିଯାଏ।

ସମୟ ଚକ୍ରରେ କୁସୁମ ଆଉ ମିନି ବଡ଼ ହେଲେ। ମିନି ଏ ବର୍ଷ କଲେଜରେ ପଢ଼ିଲା। ସକାଳ ବେଳା ମିନି ଟ୍ୟୁସନ ଯାଏ ତାପରେ କଲେଜ। ତେଣୁ କୁସୁମ ସହ ମିନି କେବଳ ସଂଧ୍ୟାରେ ଯାହା ଭେଟ। ବିଗତ ଦୁଇ ବର୍ଷ ହେଲା କୁସୁମକୁ ମିନି ଛଡ଼ା ଆଉ କେହି ସାଙ୍ଗ ନଥିଲେ। ତେଣୁ ଏବେ ସେ ଅନେକ ସମୟରେ ନିସଙ୍ଗତା ଅନୁଭବ କରୁଥିଲା।

ଧିରେ ଧିରେ କଲେଜରେ ମିନି ର ନୂଆ ନୂଆ ଝିଅ, ପୁଅ ସାଙ୍ଗ ହେଲେ। କଲେଜରେ ନୂଆ ସାଙ୍ଗ ମାନଙ୍କ ସହ ମିଶି ପାଠପଢା, ମଜାମସ୍ତି ଏମିତି ରେ କୁସୁମ ସହ ବନ୍ଧୁତାର ଦୂରତ୍ୱ ବିବଢ଼ି ଗଲା।

ସେଦିନ ମକର ସଂକ୍ରାନ୍ତି। ଶୀତ ସକାଳର ସୁନେଲି କିରଣ ବିଛାଡ଼ି ହେଇ ପଡ଼ିଥାଏ ଅଗଣାରେ। ଶିଶିର ବିନ୍ଦୁ ମାନ ମୁକ୍ତାପରି ଝଟକୁଥାନ୍ତି। ବିଗତ ବର୍ଷ ଭଳି ଏଥର ବି ମକର ମେଳା ପାଇଁ ପଡ଼ିଆ ସଜା ଯାଇଛି। ନାନା ରଙ୍ଗର ପତାକା, ବିଭିନ୍ନ ରକମର ଫୁଲ ମାଳ ସହ ମୁନି ମଣ୍ଡପ ସୁସଜ୍ଜିତ। ମେଳା ପାଇଁ ନାନାଦି ବ୍ୟବସ୍ଥା କରାଯାଇଛି। ଉପର ବେଳା ବାଦୀ ପାଲାର ବନ୍ଦୋବସ୍ତ ହୋଇଛି।

: ମା ତୁ ଆଜି ଖଣିକୁ ସଅଳ ଯାଇ ସଅଳ ଫେରି ଆସିବୁ। ଆମେ ଦୁହେଁ ମିଶି ଉପର ବେଳା ମେଳା ଦେଖିବାକୁ ଯିବା। କୁସମ ସକାଳ ଟାରେ ତା ମା ସାବିକୁ ବଡ଼ ପାଟିରେ କହୁଥିଲା।

: ତୁ କେବେଠୁ ମିନିକୁ ଛାଡ଼ି ମୋ ଭଳି ଦରବୁଢ଼ୀ କୁ ସାଙ୍ଗ କଲୁଣି ଯେ ମେଳା ରେ ବୁଲିବା ପାଇଁ.. !! ହସି ହସି ସାବି କହୁଥିଲା।

:ମିନି ବଡ଼ ହେଇଗଲାଣି ମା।

ସେ କଣ ଅଗଭଳି ଆଉ ମୋ ସାଙ୍ଗ ଅଛି !!

ତାର କିଛି କଲେଜ ସାଙ୍ଗ ମାନେ ଆଜି ବଣ ଭୋଜି କରୁଛନ୍ତି।

ମୋ ସହ ସକାଳୁ ଯାଇ ମକର ପଡ଼ିଆରେ ଟିକେ ବୁଲି ଆସିବା ପାଇଁ ତାକୁ ତ କହିଛି..କିନ୍ତୁ ଯିବ କି ନାହିଁ ଜାଣିନି।

ସେକଥା ଛାଡ଼।

ଉପରବେଳା ତୁ ମୋ ଆସିବୁ ନା କହ। ନହେଲେ ମୁଁ ଆଜି କୁଆଡ଼େ ଯିବିନି, ଏଇ ଘରେ ହିଁ ବସିବି। ନାକ କାନ୍ଦୁରି କୁସୁମ ସୁଂ ସୁଂ ହୋଇ କହୁଥିଲା।

: ହଉ ହେଲା..ମୁଁ ଜଲ୍‌ଦି ବହାରିଯାଉଛି। ଫେରିଲେ ମେଳାକୁ ଯିବା। ସାବି ଚା ଆଉ ଟିକେ ମୁଢ଼ି ଖାଉ ଖାଉ କହିଲା। ଦିନ ଏଗାରଟା ହେବ।

ଆଜି ଫୁଲନ ଆଇ ଶାଗ, ବଡ଼ି ଚୁରା, ଆଳୁ ବାଇଗଣ ଭରତା କରିଛି।

:ଏତେ ବେଳ ହେଲାଣି। ତୋ ମା ଆଜି ସକାଳୁ ଚା ମୁଢ଼ି ଦୁଇଟା ପାଟିରେ ଦେଇ ସକାଳ ଟାରେ ବାହାରିଯାଇଛି। ଖଣିରେ କେତେ କାମ କରୁଥିବ। ପେଟକୁ ଦିଇଟା ଦାନା ନଗଲେ କେମିତି ଦିହ ପା ଖରାପ ହବନି ? ଏଇ ପଖାଳ, ଶାଗ ଭଜା ଆଉ ଭରତା ନେଇ ଟିକେ ଖଣିରେ ତୋ ମା କୁ ଦେଇ ଆସନ୍ତୁନି କୁଶ। କୁସୁମକୁ କହିଲା ଫୁଲନ ଆଇ। କୁସୁମ ଟିଫିନ୍ ଧରି ଖଣିକୁ ବାହାରିଲା।

(କ୍ରମଶଃ)

# କବିତାର କଥା

(ଭାଗ-୮)



ଉମାକାନ୍ତ ରାଉତ



# ବିନା ସଙ୍ଗମରେ ଗର୍ଭବତୀ

ଗଭୀର ଭାବାବେଗ ନିଃସୃତ ହୃଦୟର ସ୍ୱତଃସ୍ଫୂର୍ତ୍ତ ଉଚ୍ଛ୍ୱାସ ହିଁ କବିତାର ଜନ୍ମଲଗ୍ନର ହେତୁ। ତେଣୁ କବିତା କବି ଜୀବନର ଜଳଛବି ହେବାକୁ ବାଧ୍ୟ। ହୋଇପାରେ ଏହା ଅନ୍ତର ଭିତରୁ ଉବୁକି ଉଠୁଥିବା ଆହତ ଆର୍ତ୍ତନାଦ। ହୋଇପାରେ ବି ଜମାଟବନ୍ଧା ଆବେଗ ଓ ଯନ୍ତ୍ରଣାର ଫସିଲ ମାନଙ୍କୁ ଜୀବନ୍ୟାସ ଦେବାର ଅଜବ କିମ୍ବା ଅଭିନବ ଖିଆଲ।

ସେଇଥିପାଇଁ କବିତାକୁ ନିର୍ମଳ କମିଟିଏ ହାତର ଢ଼ାଲ, ମଥାଣ ଶିରସ୍ତ୍ରାଣ ଓ ଛାତିର ସାଞ୍ଜୁ କରି ପିନ୍ଧିଥାଏ ଚିରକାଳ। ସେଥିପାଇଁ ସେ କାଳର କପାଳରେ ଝୋଟି କରି ଆଙ୍କିଦିଏ କବିତାର ଚିତ୍ତା। କବିତାର ନାଆ ବାହି ଉତ୍ତୁରି ଆସେ ଦୁଃଖର ଅତଳ ସାଗରରୁ....।

ଗହୀର ଗାଆଁର ଗଳିମୁଣ୍ଡରେ ଛୋଟ ଘରଟିଏ ଗଢ଼ି ନେଇ ନିଜଠାରୁ ନିଜକୁ ପରକରି ସ୍ୱପ୍ନକୁ ଆପଣାର କରିନିଏ କବି। ସେ ସ୍ୱପ୍ନ ତେଣୁ ନିଜ ପାଇଁ ନହୋଇ ନିଖିଳର ବେଦନାକୁ ଗର୍ଭସାତ୍ କରି ଅଖିଳର କଲ୍ୟାଣ ଅଭିପ୍ରେତ ହୋଇଯାଏ। ଏହା ହିଁ ଅସଲ କବିଟିର ଭୂମିକା।

ନିଖିଳର ବେଦନାକୁ ଗର୍ଭସାତ୍ କରି ସେଥିରୁ କବିତାର ନାଆଟିଏ ପାଇ ନଥିଲେ ହୁଏତ ମାଟିର କବି ସଚ୍ଚି ରାଉତରାୟ ଦୁଃଖର ଅତଳ ସାଗରରୁ ଉତ୍ତୁରି ଆସି ପାରି ନଥା'ନ୍ତେ। ତାଙ୍କର କବିତା ନାଆର ପାଲ ଓ ଆହୁଲା ହୋଇ ଯେଉଁ ବିଭବମାନେ ତାଙ୍କୁ ସମୁଦ୍ର ପାରେଇଥଶନ୍ତି, ବିନା ସଙ୍ଗମରେ ଗର୍ଭବତୀ କରେଇଛନ୍ତି ସେଇଥିରୁ ଭାତ ଚିପିଲାଭଳି କେଇଟିକୁ ଉପସ୍ଥାପନ ନକଲେ ଆମର ଅନୁଭବ ଶାଣିତ ହେବନାହିଁ। ତାଙ୍କର "ବାଜି ରାଉତ" କାବ୍ୟକୁ ଅନୁଧ୍ୟାନ କଲେ ଯେ କେହି ଅକ୍ଳେଶରେ ହୃଦୟଙ୍ଗମ କରିପାରିବ କେମିତି ନିଖିଳର ବେଦନା ଓ ଅଖଣ୍ଡ ଦେଶପ୍ରେମ, ଝଡର ଇଗଲ୍ ଆଉ ମଶାଣିର ଫୁଲକୁ ବିନା ସଙ୍ଗମରେ କରାଇପାରିଛି ଗର୍ଭବତୀ।

"ନୁହେଁ ବନ୍ଧୁ ନୁହେଁ ଏହା ଚିତା
ଏ ଦେଶ ତିମିର ତଳେ
ଏ ଅଲିଭା ମୁକତି ସଳିତା
ନୁହେଁ ଏହା ଜଳିଯିବା ପାଇଁ
ଏହାର ଜନମ ଏଠି
ଜାଳି ପୋଡି ଦେବାକୁ ଧସାଇ;
ଏ ଶିଖା ଦେଇଛି ଆଜି ଇତିହାସେ ହାତଟେକି ଦାନ
ଶତାବ୍ଦୀର ଶ୍ରେଷ୍ଠ ଫୁଲ ମୁକୁଳିତ ମୃତ୍ୟୁହୀନ ପ୍ରାଣ
ନିରନ୍ନ ଏ ଜନତାଙ୍କୁ ଦେଇଛି ଏ ତାହାର ଚାଳକ
କ୍ଷୁଦ୍ର ଏକ ନାଉରୀ ବାଳକ
ବାହାବାକୁ ଏ ଦେଶର ତରୀ
ଭିଡିନାହିଁ ଘାଟେ ନାଆ
ନାଉରିଆ ପାରେ କି ରେ ମରି ?"

ପୁଣି "କୋଣାର୍କର" ପ୍ରତିଟି ସ୍ପନ୍ଦନରେ ଶବ୍ଦ ଓ ସର୍ଜନାର ଅନୁଭବସିଦ୍ଧ ପଦପାତକୁ ଲକ୍ଷ୍ୟ କଲେ ସ୍ପଷ୍ଟ ବୁଝି ହେବ ଯେ ବିନା ସଂଗମରେ କବିଟିଏ କେମିତି ହେଇପାରେ ଗର୍ଭବତୀ।

"ତୁମେ ଦେଖିଅଛ ଶିଳାରେ ତା'ର ତ
ରମ୍ୟ କଳାର ରୂପ
ମୁଁ ଦେଖିଛି ତହିଁ କୋଟି କଂକାଳ
ଭଗ୍ନ ବୁକୁର ସ୍ୱପ୍ନ
ତୋରଣେ ତୋରଣେ ନନ୍ଦନ ଶିରି
ଯକ୍ଷ ପୁରୀର ଲତା
କେଉଁଠି କି ଅଛି ମାଟିର ଶସ୍ୟ
ଧାନର ବିଜୁଳି ଛଟା ?
ରମ୍ୟ କଳାର ଲୀଳା
କିଛି ତ କହିନି ମଣିଷର କଥା
କହିବାର ଯାହା ଥିଲା।"

ଏହାଠାରୁ ବଳି ପ୍ରେମର ବଡ ନିଦର୍ଶନ ଆଉ କ'ଣ ଥାଇପାରେ ?

କେବଳ ଗୋଡକୁ ଗୋଡ ଛନ୍ଦି, ବାହୁରେ ବାହୁ ବାନ୍ଧି, ଦେହକୁ ଦେହ ମିଶାଇ, ଓଠକୁ ଓଠ ଥାପି ସାମୟିକ ବାହ୍ୟ ଉତ୍ତେଜନାର ଇନ୍ଧନ ତୋଳିବା କ'ଣ ପ୍ରେମ ? ପାଶବିକ ଆଦିମତାର ଅବଗାହନରେ କ'ଣ ପ୍ରତିପାଦିତ କରିହୁଏ ପ୍ରକୃତ ପ୍ରେମର ପରାକାଷ୍ଠା ? ସେଥିପାଇଁ କବି ଦଣ୍ଡପାଣି କହିଥିଲେ କି ?

"ପ୍ରେମ ତ ନୁହଁଇ ସଜନୀରେ କାହିଁ
ଦିବ୍ୟ କୋଣର ରେଖା
ମନ ମନ୍ଦିର ଅନ୍ତର ତଳେ
ସାଇତି ରଖ ସେ ରୁଖା
ବାହୁ ବନ୍ଧନ ଇନ୍ଧନ ତାହା ନୁହେଁ
ସ୍ନିଗ୍ଧ ସେନେହ ତୈଳେ ତନୁ ତା'
ଅହରହ ଜଳୁଥାଏ !

କେବଳ ଆହାର ବିହାର ନିଦ୍ରା ମୈଥୁନର ଦେହସର୍ବସ୍ୱ ବାହୁବନ୍ଧନର ଇନ୍ଧନ ନସାଜି, ସେସବୁର ଉର୍ଦ୍ଧ୍ୱକୁ ଯାଇ କବିମାନସ ଯଦି ଏକ ନୀତିଶୀତୋଷ୍ଣ ଶିହରଣର ଅସୀମତାରେ ବିଚରଣ କରି ନ ପାରିଲା, ତା'ହେଲେ ତାର ସବୁ ସ୍ୱପ୍ନ, ସମ୍ଭାବନା, ସୃଷ୍ଟି ଓ ସର୍ଜନା ବିନା ସଙ୍ଗମରେ ଗର୍ଭବତୀ ହୋଇଛି ବୋଲି ଆମେ କହି ପାରିବା କି ?

କବି କ'ଣ ସୁଲୁ ସୁଲୁ ପବନରେ ଉଡୁଥିବା ଡେମ୍ଫଛିଣ୍ଡା ପତ୍ରଟେ ଯେ ହଜେଇଦେବ ସବୁ ସତ୍ତା, ସମ୍ଭାବନା, ସୃଷ୍ଟି ଓ ସର୍ଜନା ! କବି ପରା ଭୂମି ଆଉ ଭୂମାକୁ ଜାବୁଡି ଧରିଥିବା ଶକ୍ତ ଓ ସୂକ୍ଷ୍ମ ଚେରଟିଏ ଯାହାବିନା ଅଙ୍କୁରୋଦ୍ଗମର ପରିକଳ୍ପନା କରାଯାଇପାରେନା। କବି ପରା ପତ୍ର-ପୁଷ୍ପ-ଫଳ ସହ ମୂଳ ଗଛକୁ ଏବଂ ତତ୍ ସହିତ ମାଟିକୁ ଶକ୍ତଭାବରେ ସଂଲଗ୍ନ କରିପାରୁଥିବା ଗୋଟେ ଚିରହରିତ୍ ଡେମ୍ଫ ଯାହା ବିନା ସୃଷ୍ଟିର ପଲ୍ଲବନ ଏକ ଦିବାସ୍ୱପ୍ନ ମାତ୍ର।

ସେଥିପାଇଁ ତ ବିନା ପବନରେ ବି କବି ସୃଜିପାରେ ଜୀବନ, ବିନା ମରୁଭୂମିରେ ମରୁଦ୍ୟାନର ମହକ ତ ବିନା ଅସୀରେ ମହାଯୁଦ୍ଧର ଟଙ୍କାର ... ଯାହାକୁ କେବେ ବି ଆୟତ୍ତ କରିପାରେନା କାଳ। ସେଇଥିପାଇଁ କବି ସକାକାଳ ବିନା ସଙ୍ଗମରେ ହୁଏ ଗର୍ଭବତୀ।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

### ମଦନମୋହନ କୁଞ୍ଜକୁ ଆଇନ୍‌ମନ୍ତ୍ରୀଙ୍କ ଅଘୋଷିତ ଗସ୍ତ

# ପଦାରେ ପଡିଲା ବିଜେଡି ଦଳର କନ୍ଦଳ

**ଜଗତ୍‌ସିଂହପୁର :** ଜଗତ୍‌ସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଜଗନ୍ନାଥପୁର ବଜାରରେ ଥିବା ମଦନମୋହନ କୁଞ୍ଜରେ ନାମଯଜ୍ଞ କାର୍ଯ୍ୟକ୍ରମରେ ଆଇନ୍‌ମନ୍ତ୍ରୀଙ୍କ ଅଘୋଷିତ ରାତିଅଧିଆ ଗସ୍ତକୁ ନେଇ ବିଜେଡି ଦଳର ଗୋଷ୍ଠୀ କନ୍ଦଳ ପଦାରେ ପଡିଥିବା ବେଳେ ବିଜେପି ଦଳର କର୍ମୀମାନଙ୍କ ମଧ୍ୟରେ ଉଲ୍ଲାସ ଦେଖିବାକୁ ମିଳିଥିଲା। ମାହାଙ୍ଗା ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ତଥା ବିଜେପି ଦଳର ଟାଣୁଆ ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ଅତ୍ୟନ୍ତ ନିର୍ମମଭାବେ ହତ୍ୟା ଘଟଣାକୁ ନେଇ ସମଗ୍ର ରାଜ୍ୟ ଦୋହଲି ଯାଇଥିଲା। ଏହି ହତ୍ୟାକାଣ୍ଡରେ ଆଇନ୍‌ମନ୍ତ୍ରୀଙ୍କ ହାତଥିବା ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ବାରଜଣଙ୍କ ନାମରେ ଏତଲା ଦାୟର ହୋଇଥିଲା। ଏଥିମଧ୍ୟରେ ଆଇନ୍‌ମନ୍ତ୍ରୀଙ୍କ ନାମରେ ବି ଏତଲା ଥିବାର ଜଣାପଡିଥିଲା। ଏପରି ଏକ ଲୋମହର୍ଷଣକାରୀ ଘଟଣାରେ ଆଇନ୍‌ମନ୍ତ୍ରୀଙ୍କ ହାତଥିବା ନେଇ ବିଜେପି ପକ୍ଷରୁ ସମସ୍ତ ଥାନା, ବ୍ଲକ୍ କାର୍ଯ୍ୟାଳୟ ଓ ପୋଲିସ୍ ଡିଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଲାଗିରହିଥିବାବେଳେ ଏପର୍ଯ୍ୟନ୍ତ ଆଇନ୍‌ମନ୍ତ୍ରୀଙ୍କୁ ମନ୍ତ୍ରୀପଦରୁ ହଟାଯାଇନାହିଁକି ହତ୍ୟା ଘଟଣା ସମ୍ପର୍କରେ ତଦନ୍ତ ପରିସରକୁ ପୋଲିସ୍ କର୍ତ୍ତୃପକ୍ଷ ତାଙ୍କୁ ଆଣି ପାରିନଥିବାବେଳେ ରଘୁନାଥପୁର ବ୍ଲକ୍ ଅଞ୍ଚଳକୁ ତାଙ୍କର ହଠାତ୍ ଗସ୍ତକୁ ନେଇ ଉଭୟ ବିଜେଡି ଓ ବିଜେପି କର୍ମୀମାନଙ୍କ ମହଲରେ ଉତ୍କଣ୍ଠା ଓ ଅସନ୍ତୋଷ ପ୍ରକାଶ ପାଇଛି। ଆଇନ୍‌ମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବିଧାୟକଙ୍କୁ ଦେଖିବାକୁ ମିଳିନଥିଲା କି ତାଙ୍କ ଛାମୁଆ ନେତା ଓ କର୍ମୀମାନଙ୍କୁ ଦେଖିବାକୁ ମିଳିନଥିଲା। ମାହାଙ୍ଗର ଡବଲ ମର୍ଡର ଘଟଣାରେ ଆଇନ୍‌ମନ୍ତ୍ରୀଙ୍କ ହାତଥିବାରୁ ଓ ହଠାତ୍ ଗସ୍ତ କାର୍ଯ୍ୟକ୍ରମରେ ବିଜେପି କର୍ମୀ ଓ ନେତାମାନେ କାଳେ ଗଣ୍ଡଗୋଳ କରିଦେବା ଆଶଙ୍କାରେ ରଘୁନାଥପୁର ପୋଲିସ୍ ପକ୍ଷରୁ ଏକ ପ୍ରକାର ସ୍ୱତନ୍ତ୍ର ପୋଲିସ୍ ବ୍ୟବସ୍ଥା କରାଯାଇଥିବାର ଦେଖିବାକୁ ମିଳିଥିଲା। ରଘୁନାଥପୁର ବ୍ଲକ୍ ଅଞ୍ଚଳଟି ବିଜେପି ଜିଲ୍ଲାପରିଷଦ ସଭ୍ୟଙ୍କ ଜୋନ୍ ହୋଇଥିବାରୁ ଓ ଏଠାରେ ବିଜେପି ନେତା ଓ କର୍ମୀମାନଙ୍କ ଦବଦବା ଥିବାରୁ ଆଇନ୍‌ମନ୍ତ୍ରୀଙ୍କ ଆଗରେ ଆନ୍ଦୋଳନ ନକରିବାକୁ ପୋଲିସ୍ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇ ମନ୍ତ୍ରୀଙ୍କ ଗାଡି ଆଗରେ ଦୁଇଗୋଟି ପିସିଆର ଭ୍ୟାନ୍ ଯାତ୍ରା କରି ସୁରକ୍ଷା ଦେଉଥିବାର ଦେଖିବାକୁ ମିଳିଥିଲା। ଏପରିକି ରଘୁନାଥପୁର ଥାନାପକ୍ଷରୁ ସମସ୍ତ କର୍ମଚାରୀମାନଙ୍କୁ ରାସ୍ତାକଡର ଉଭୟ ପାର୍ଶ୍ୱରେ ଠିଆ କରାଇ ସୁରକ୍ଷା ଦେଉଥିବା ବେଳେ ତିର୍ତ୍ତୋଲ ବିଧାୟକଙ୍କ ଗୋଷ୍ଠି ପକ୍ଷରୁ ଘୋର ନିନ୍ଦା କରିବା ଘଟଣା ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ୫ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବିଧାୟକଙ୍କ ସମର୍ଥକମାନେ ସର୍ବସାଧରଣରେ ଆଲୋଚନା କରୁଥିବାର ଦେଖିବାକୁ ମିଳିଛି। ସରକାରୀ ଦଳର ବିଧାୟକଙ୍କ ଅଞ୍ଚଳକୁ ମନ୍ତ୍ରୀଙ୍କ ଏପରି ଗସ୍ତକୁ ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଥିଲା।

### ସ୍କୁଲ ଲାଗି ସଂରକ୍ଷିତ ଜାଗାରେ ପଞ୍ଚାୟତ ଗୃହ ନିର୍ମାଣ ପ୍ରସଙ୍ଗ

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ହାଇକୋର୍ଟରେ ଚ୍ୟାଲେଞ୍ଜ

**ଭଦ୍ରକ :** ଭଦ୍ରକ ଜିଲା ବନ୍ତ ବ୍ଲକ ବଡ଼ବର୍ଛିକୟାଁ ପଂଚାୟତରେ ସ୍କୁଲ ନିମନ୍ତେ ସଂରକ୍ଷିତ ଜାଗାରେ ପଂଚାୟତ ଗୃହ ନିର୍ମାଣରେ ଅନିୟମିତତାକୁ ନେଇ ଡ଼ବ୍ଲ୍ୟୁପି(ସି)୨୩୭୮୮/୨୦ ତା:୧୪-୦୯-୨୦ରେ ପିଲାଙ୍କ ଭବିଷ୍ୟତକୁ ଆଖିଆଗରେ ରଖି ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିବା। ଉକ୍ତ ଜନସ୍ୱାର୍ଥ ମାମଲାକୁ ବିଚାରକୁ ନେଇ ଗତ ବର୍ଷ ନଭେମ୍ବର ମାସ ୨୩ ତାରିଖରେ ଉଚ୍ଚନ୍ୟାୟାଳୟ ଜିଲାପାଳ ଭଦ୍ରକଙ୍କୁ ଏହା ଉପରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ୮ସପ୍ତାହ ମଧ୍ୟରେ ଅଭିଯୋଗକାରୀଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଚଳିତ ବର୍ଷ ଜାନୁୟାରୀ ମାସ ୧୩ ତାରିଖରେ ଜିଲାପାଳ,ଭଦ୍ରକ ଏହା ଉପରେ ବିଚାର କରି ପଂଚାୟତ ଗୃହ ନିର୍ମାଣ ରେ କୌଣସି ଅସୁବିଧା ନଥିବା ଦର୍ଶାଇଥିଲେ । ଉକ୍ତ ନିର୍ଦ୍ଦେଶ ପ୍ରଦାନ ସମୟରେ ଜିଲାପାଳ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ଓ ନିର୍ଦ୍ଦେଶରେ ପକ୍ଷପାତିତା କରିବା ନେଇ ଡ଼ବ୍ଲ୍ୟୁପି(ସି)/୭୮୩୯/୨୦୨୧ ତା:୨୬-୦୨-୨୦୨୧ରେ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ଦାୟର କରାଯାଇଛି । ସୂଚନା ଅନୁଯାୟୀ:ପଂଚାୟତ ପୁନର୍ଗଠନ ଆଇନରେ ବନ୍ତ ବ୍ଲକରେ ୩ଟି ନୂତନ ପଂଚାୟତ ଗଠନ ଘୋଷଣା କରାଯାଇଥିଲା । ତନ୍ମଧ୍ୟରୁ କାଦବରାଙ୍ଗ ପଂଚାୟତକୁ ଭାଗ କରାଯାଇ ନୂତନ ଭାବେ ବଡ଼ବର୍ଛିକୟାଁ ପଂଚାୟତ ଗଠନ କରାଯାଇଥିଲା । ତେବେ ବିଦ୍ୟାଳୟ ପାଇଁ ସଂରକ୍ଷିତ ଜମିରେ ପଂଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ହେଉଛି ଓ ଏଥିରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଗ୍ରାମବାସୀଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା । ଏନେଇ ଜୁଲାଇ ମାସ ରେ 'ଏକମାତ୍ର'ରେ ବିସ୍ତୃତ ଖବର ପ୍ରକାଶ



ପାଇଥିଲା। ତା'ପରେ ମଧ୍ୟ ସମସ୍ତ ନିୟମକୁ ଉଲଂଘନ କରି ତରବରିଆ ଭାବେ ଜୁଲାଇ ମାସ ୨୭ ତାରିଖରେ ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀ ଓ ସ୍ଥାନୀୟ ସରପଂଚଙ୍କ ଉପସ୍ଥିତିରେ ପଂଚାୟତ ଗୃହ ଛାତ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲା । ପରେ ଉଚ୍ଚ ନ୍ୟାୟାଳୟ ଆଡ଼ଭୋକେଟ ଜେନେରାଲଙ୍କ କାର୍ଯ୍ୟଳୟ ଚିଠି ନଂ ୧୨୩୬୫ ତା ୩୦/୦୭/୨୦୨୦ରେ ଭଦ୍ରକ ଜିଲାପାଳଙ୍କୁ ଉକ୍ତ ମାମଲାର ସମସ୍ତ ଦସ୍ତାବିଜ ଦାଖଲ କରିବାକୁ ନିର୍ଦ୍ଦେଶ ଦେବା ସହ ଏହାର ଏକକିତା ନକଲ ବନ୍ତ ତହସିଲଦାର ଓ ବନ୍ତ ବିଡ଼ିଓଙ୍କୁ ପଠାଯାଇଥିଲା। ପରେ ସେପ୍ଟେମ୍ବର ମାସ ୩ ତାରିଖରେ ଉଚ୍ଚ ନ୍ୟାୟାଳୟ ଏହି ଅନିୟମିତତା ଉପରେ ତଦନ୍ତ କରିବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବିଭାଗୀୟ ଅଧିକାରୀମାନେ ସମସ୍ତ ନିୟମକୁ ଉଲଂଘନ କରି ଗୃହ କାର୍ଯ୍ୟ ଚାଲୁ ରଖିଥିବାରୁ ପିଲାମାନଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଗତ ସେପ୍ଟେମ୍ବର ମାସ ୧୪ତାରିଖରେ ଅନ୍ୟ ଏକ ଜନ ସ୍ୱାର୍ଥ ମାମଲା ଉଚ୍ଚ ନ୍ୟାୟାଳୟରେ ଦାଏର କରାଯାଇଥିଲା। ବନ୍ତ ବିଡ଼ିଓ ଏବଂ ତହସିଲଦାର ନିଜ କ୍ଷମତାର ଦୁରୁପଯୋଗ କରିବା ସହ ଆଇନକୁ ଉଲଂଘନ କରି କାର୍ଯ୍ୟ ଚାଲୁ ରଖିଥିବା ନେଇ ଅଭିଯୋଗକାରୀ ଉଚ୍ଚ ନ୍ୟାୟାଳୟଙ୍କ ଠାରେ ଅଭିଯୋଗ କରିବା ପରେ ତାଙ୍କ ଅଭିଯୋଗକୁ ବିଚାରକୁ ନେଇ ଉଚ୍ଚନ୍ୟାୟାଳୟ ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଧାନସଭାରେ ...

ବିଶିଷ୍ଟ ବ୍ୟକ୍ତି ଏହି ମହାନ କାର୍ଯ୍ୟରେ ସେମାନଙ୍କର ଅବଦାନ ଆମକୁ ଉତ୍ସାହିତ କରିଥିଲା। ସାଧାରଣ ଭାବେ ସରକାର ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ମୁଁ ଦୃଢ ବିଶ୍ୱାସ କରେ ଯେ ଏହି ଯୋଜନା କେବଳ ସରକାରଙ୍କର ନୁହେଁ, ଶ୍ରୀମନ୍ଦିର ପ୍ରଶାସନର ମଧ୍ୟ ନୁହେଁ, ଏ ଯୋଜନା ହେଉଛି ସାଢେ ଚାରିକୋଟି ଓଡ଼ିଶାବାସୀଙ୍କର। ଆପଣମାନଙ୍କ ଜରିଆରେ ଓଡ଼ିଶାର ଜନସାଧାରଣଙ୍କ ନିକଟରେ ଶ୍ରୀମନ୍ଦିର କରିଡର ନକ୍ସା ଉପସ୍ଥାପନ କରି ମୁଁ ନିଜକୁ ଧନ୍ୟ ମନେକରୁଛି। ଏହା ହେଉଛି ଓଡ଼ିଆ ଜାତି ପାଇଁ ତଥା ଆମ ସମସ୍ତଙ୍କ ପାଇଁ ଏକ ଐତିହାସିକ ମୁହୂର୍ତ୍ତ। ଏଭଳି ସୁଯୋଗ ବହୁତ କମ୍ ଆସେ। ପୁରୁଷ ପୁରୁଷ ପରେ, ବହୁ ଯୁଗ ପରେ ଏଭଳି ମୁହୂର୍ତ୍ତ ଆସେ। ଆମେ ସମସ୍ତେ, ସାରା ଓଡ଼ିଶାବାସୀ ମିଳିତ ଭାବରେ ଆଜି ଏହି ଅନନ୍ୟ ମୁହୂର୍ତ୍ତର ଅଂଶ ପାଲଟି ଯାଇଛେ। ଶ୍ରୀମନ୍ଦିର ହେଉଛି ଆମର ଅଧ୍ୟାତ୍ମିକ ଐତିହ୍ୟର କେନ୍ଦ୍ର; ଯାହାକି ପୁରୁଷ ପୁରୁଷ ଧରି ଉତ୍ତରାଧିକାରୀ ସୂତ୍ରରେ ଆମେ ପାଇଛେ। ଏହି ଅମୂଲ୍ୟ ସମ୍ପଦକୁ ଆମେ ଉତ୍ତରାଧିକାରୀ ସୂତ୍ରରେ ଆମର ଭବିଷ୍ୟତ ବଂଶଧରମାନଙ୍କ ପାଇଁ ସାଇତି ରଖିଛୁ। ଏହି ଆବେଗ ନେଇ ଆମକୁ ଶ୍ରୀମନ୍ଦିର ପରିକ୍ରମା ଯୋଜନାକୁ ଦେଖିବାକୁ ହେବ ଏବଂ ମିଳିତ ଭାବରେ କାମ କରି ତାକୁ ସାକାର କରିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଭାବବିହ୍ୱଳ ହୋଇ କହିଥିଲେ। ତିନୋଟି ପ୍ରସ୍ତାବ ଜନସାଧାରଣଙ୍କ ପରାମର୍ଶ ପାଇଁ ମୁଖ୍ୟମନ୍ତ୍ରୀ ରଖିଥିଲେ। ସେହି ପ୍ରସ୍ତାବଗୁଡ଼ିକ ହେଉଛି, ଶ୍ରୀମନ୍ଦିର ପରିକ୍ରମା ଯୋଜନାକୁ ସଂପୂର୍ଣ୍ଣ କରିବା ପାଇଁ ଆମେ ସମସ୍ତେ ସଂକଳ୍ପ ନେବା ସହ କାମ ଶୀଘ୍ର ଶେଷ କରିବା, ଏହି କାର୍ଯ୍ୟରେ ସାମିଲ ହେବା ତଥା ଏଥିରେ ନିଜର କିଛି ଅବଦାନ ରଖିବା, ଶ୍ରୀମନ୍ଦିର ପରିକ୍ରମା ଯୋଜନା ପାଇଁ ତ୍ୟାଗ କରିଥିବା ପୁରୀବାସୀଙ୍କୁ ଆନ୍ତରିକ ଧନ୍ୟବାଦ ଦେବା। ମୁଖ୍ୟମନ୍ତ୍ରୀ ଆଗତ କରିଥିବା ଏହି ପ୍ରସ୍ତାବ ଉପରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଥିଲେ, ଏଭଳି ସଂକଳ୍ପ ଜରୁରି ଥିଲା। ଏହି ଦନକୁ ଐତିହାସିକ ଦିନ ଭାବେ ଅଭିହିତ କରାଯାଇପାରେ। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ, ଶ୍ରୀମନ୍ଦିର ଐତିହ୍ୟ କରିଡର ବିକାଶ ଲାଗି ବିଧାନସଭାରେ ଆସିଥିବା 'ସଂକଳ୍ପ'କୁ ମୁଁ ସମର୍ଥନ କରୁଛି। ଏହା ସ୍ୱାଗତଯୋଗ୍ୟ। ସେହିପରି ଶାସକ ବିଜେଡି ସଭ୍ୟ ଦେବୀ ପ୍ରସାଦ ମିଶ୍ର ସଂକଳ୍ପକୁ ସମର୍ଥନ କରି ସରକାରଙ୍କୁ ପ୍ରଶଂସାରେ ପୋତିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ପରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସଂକଳ୍ପ ଉପରେ ଗୃହର ମତାମତ ଆଧାରରେ ବାଚନିକ ଭୋଟ୍‌ରେ ସଂକଳ୍ପ ପାରିତ କରିଥିଲେ। ଶ୍ରୀମନ୍ଦିର ପରିକ୍ରମ ଯୋଜନା ସଂକଳ୍ପ ପାଇଁ ଗଜପତି ମହାରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏନେଇ ଗଜପତି ମହାରାଜା ମଧ୍ୟ ସମସ୍ତ ବିଧାୟକଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେ କହିଛନ୍ତି ଯେ, ଏଭଳି ଏକ 'ଐତିହାସିକ ପ୍ରକଳ୍ପ' ବିଧାନସଭାରେ ଗୃହୀତ ହୋଇଥିବାରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ।

### ଖୋଲିବ ...

ବର୍ତ୍ତମାନ ନବମରୁ ଦ୍ୱାଦଶ ଶ୍ରେଣୀର କ୍ଲାସ୍ ଆରମ୍ଭ ହୋଇଛି । ହେଲେ ବର୍ତ୍ତମାନ ସ୍ଥିତିକୁ ଦେଖି ନବମ ଓ ଏକାଦଶ ଶ୍ରେଣୀର ପରୀକ୍ଷା ଅନଲାଇନ୍ ମାଧ୍ୟମରେ କରିବାକୁ ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି । ଏସଆରସିଙ୍କ ଗାଇଡଲାଇନରେ ଉଲ୍ଲେଖ ରହିଛି ଯେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୯ମ ଓ ଏକାଦଶ ପିଲାଙ୍କ ପାଠପଢ଼ା ଜାରି ରହିଛି। ବର୍ତ୍ତମାନ ସ୍ଥିତିକୁ ଦୃଷ୍ଟିରେ ରଖି ଉଭୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବାର୍ଷିକ ପରୀକ୍ଷା ଆୟୋଜନ କରି ହେବ। ତେବେ ନବମ ଓ ଏକାଦଶ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅନଲାଇନରେ ମଧ୍ୟ ଆୟୋଜନ କରିବା ପାଇଁ ଏସଆରସି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପରାମର୍ଶ ଦେଇଛନ୍ତି। ମାତ୍ର ଅନାଲଇନ୍ ପରୀକ୍ଷା ପାଇଁ ଅଭିଭାବକଙ୍କ ଠାରୁ ସମ୍ମତି ନେବାକୁ ଏସଆରସି ଚିଠିରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ନବମ ଓ ଏକାଦଶ ଛାତ୍ରଛାତ୍ରୀଙ୍କ କ୍ଲାସ ରୁମ୍ ପଢ଼ା ଫେବୃଆରୀ ୮ରୁ ଆରମ୍ଭ ହୋଇଥିବାବେଳେ ସେମାନଙ୍କ ୟୁନିଟ୍ ଟେଷ୍ଟ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ହେବାକୁ ନିର୍ଦ୍ଧାରିତ ହୋଇଥିଲା। ସେହିପରି ଉଭୟ ଶ୍ରେଣୀର ବାର୍ଷିକ ପରୀକ୍ଷା ଅପ୍ରେଲ ଶେଷ ସପ୍ତାହରେ ହେବା ନେଇ ନିଷ୍ପତ୍ତି ହୋଇଛି। ତେବେ ଅଭିଭାବକଙ୍କ ସମ୍ମତିକ୍ରମେ ଉଭୟ ଛାତ୍ରଛାତ୍ରୀଙ୍କ ପରୀକ୍ଷାକୁ ଅନ୍‌ଲାଇନ୍‌ରେ କରିବା ପାଇଁ ଏସଆରସି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଖୋଲିଥିବା ସମସ୍ତ ଶିକ୍ଷାନୁଷ୍ଠାନରେ ଏସଓପିକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେବା ସହିତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସରକାରଙ୍କ ଅନୁମତିକ୍ରମେ ଖୋଲିବାକୁ ଗାଇଡଲାଇନରେ ଉଲ୍ଲେଖ ରହିଛି। ଅପରପକ୍ଷେ ବୈଷୟିକ ଓ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିଥିବା ବେଳେ କରୋନା କଟକଣାକୁ କଡ଼ାକଡ଼ି କରିବା ଓ କ୍ୟାମ୍ପସ ଏବଂ ହଷ୍ଟେଲରେ ମାର୍ଗଦର୍ଶିକାକୁ ତଦାରଖ କରିବା ଲାଗି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

### ଡିଲ୍ ପଛରେ ...

ସମସ୍ୟା ସୃଷ୍ଟି ହେଉଥିବା ହେତୁ ଏହା ସହର ବିକାଶରେ ବାଧା ସୃଷ୍ଟି କରୁଛି ବୋଲି ବିଡିଏର ମତ। ହେଲେ ସାଧାରଣ ଲୋକଟିଏ ଅସୁବିଧା ବେଳେ ନିଜ ଜମିର କିଛି ଅଂଶ ବିକି ଝିଅ ବାହାଘର, ପିଲାଙ୍କ ପାଠପଢ଼ା, ହସ୍ପିଟାଲ ଖର୍ଚ୍ଚ ସହିତ ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇବା ପାଇଁ ଜମି ବିକ୍ରି କରିବାକୁ ବାଧ ହୋଇଥାଏ। ଚାଷୀଟିଏ ବି ନିଜ ଜମିର କିଛି ଅଂଶ ଅନ୍ୟ ଚାଷୀଙ୍କୁ ବିକ୍ରି କରିଥାଏ। ଜମି କିଣୁଥିବା ସବୁ ଲୋକ ଯେ ଗୃହ ନିର୍ମାଣ କରିବେ ଏକଥା ଭାବିବା ଆଦୌ ଠିକ୍ ନୁହେଁ। କାରଣ ବ୍ୟାଙ୍କରେ ଟଙ୍କା ଜମା ରଖିଲା ଭଳି କିଛି ଲୋକ ଜମି କିଣିବାରେ ଅର୍ଥ ବିନିଯୋଗ କରିଥାନ୍ତି। ଏଥିରେ ବିଡିଏର ଲେ-ଆଉଟ୍ ପ୍ଲାନ୍‌ର ଆବଶ୍ୟକତା କ'ଣ ବୋଲି ଅନେକ ପ୍ରଶ୍ନ କରୁଛନ୍ତି। ଯେହେତୁ ବିଡିଏ ଗୃହ ନିର୍ମାଣ ପାଇଁ ନକ୍ସା ମଞ୍ଜୁର କରନ୍ତି ତାଙ୍କ ପାଖକୁ ଯେତବେଳେ ଏଭଳି କିଛି ଆବେଦନ ଆସିବ ସେତେବେଳେ ସେମାନେ ଉକ୍ତ ସବ୍-ପ୍ଲଟ୍‌କୁ ମଞ୍ଜୁରୀ ଦେବେ କି ନାହିଁ ତାହା ସେମାନଙ୍କ ଅଧିନରେ ରହିଛି। ହେଲେ ରାଜସ୍ୱ ବିଭାଗର ଦାୟିତ୍ୱରେ ଉନ୍ନୟନ କାର୍ଯ୍ୟ କରୁଥିବା ବିଭାଗ ହସ୍ତକ୍ଷେପ କରିବାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବିଡିଏ ଅଧିନରେ ଥିବା ଅନେକ ଗୁଡିଏ ଗାଁର ବିକାଶ ହୋଇନଥିଲା ବେଳେ ରାଜଧାନୀର ବହୁତ ସ୍ଥାନରେ ଅନେକ ସରକାରୀ ଜମି ଓ ରାସ୍ତାଘାଟ ଜବରଦଖଲରେ ରହିଛି। ଏହାକୁ ହଟାଇବା ପାଇଁ ବିଡିଏ ଯେଭଳି ପ୍ରୟାସ କରିବା କଥା ତାହା ହୁଏତ ହେଉନଥିବା ଦେଖିବାକୁ ମିଳୁଛି। କିନ୍ତୁ ସବ୍-ପ୍ଲଟ୍ ବିକ୍ରି ବାବଦରେ ବିଡିଏର ତତ୍ପରତାକୁ ନେଇ ଅନେକ ସନ୍ଦେହ। ଶୁଣିବାକୁ ମଳୁଛି ଯେ, ବଡ ବିଲ୍ଡରଙ୍କୁ ସହାୟତା କରିବା ପାଇଁ ଏଭଳି କିଛି ନିୟମ ଅଣାଯାଉଛି। ଜଣେ ପ୍ରତିଷ୍ଠିତ ବିଲ୍‌ଡରଙ୍କ ହାତରୁ ଡିଲ୍ ହୋଇ ନପାରି ବଡ ଜମି ଖଣ୍ଡେ ଖସିଯିବା ପରେ ଏହା ଅନ୍ୟ ଜଣେ ବିଲ୍‌ଡରଙ୍କ ହାତରେ ପଡିଛି। ଏହି ଜମି ହାତେଇଥିବା ବିଲ୍ଡର ଜଣକ ବଡ ଜମିକୁ ଛୋଟ ଛୋଟ ଅଂଶରେ ବିକ୍ରି କରିବାର ଯୋଜନା ଭଣ୍ଡୁର କରିବା ପାଇଁ ଏଭଳି କିଛି ଭିତିରି ଷଡଯନ୍ତ୍ର ହୋଇଥିବା ସୂଚନା ମିଳୁଛି। ତେବେ କେଉଁ କାରଣରୁ ରାଜସ୍ୱ ବିଭାଗ ରାଜଧାନୀରେ ସବ୍-ପ୍ଲଟ୍ କିଣାବିକା ଉପରେ ରୋକ ଲଗାଇଛି ତାହାକୁ ନେଇ ଲୋକଙ୍କ ମନରେ ଅନେକ ସନ୍ଦେହ ସୃଷ୍ଟି ହେଉଛି। ଖାଲି ଯେ ଜମି ବିକ୍ରି କରିନପାରି ଲୋକ ଅସୁବିଧାରେ ପଡୁଛନ୍ତି ତାହା ନୁହେଁ, ବରଂ ସବ୍-ପ୍ଲଟ୍ ବିକ୍ରି ବନ୍ଦ ଫଳରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଅନ୍ୟପକ୍ଷରେ ବିଡିଏ ଯେଉଁ ଲେ-ଆଉଟ୍ ପ୍ଲାନ୍ ମଞ୍ଜୁର ଉପରେ ଗୁରୁତ୍ୱ ଦେଉଛି, ତାହା କେତେ ସହଜ ଓ ସରଳ ସମସ୍ତେ ଜାଣିଛନ୍ତି। ତେଣୁ ନିୟମ ସରଳୀକରଣ କରି ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇ ପାରିଲେ ଏଭଳି ସମସ୍ୟାର ସମାଧାନ ହୋଇପାରିବ ବୋଲି ଅନେକ ମତ ଦିଅନ୍ତି।

### କମିଯାଉଛି ...

ଯାହାର ବଜାର ଦର ହାରାହାରି ୧ଲକ୍ଷ୨୦ହଜାରରୁ ୧ଲକ୍ଷ ୪୦ ହଜାର। ପ୍ରତିବର୍ଷ ଅକ୍ଟୋବର ମାସ ଶେଷ ସପ୍ତାହରୁ ନଭେମ୍ବର ମାସ ଦ୍ୱିତୀୟ ସପ୍ତାହ ମଧ୍ୟରେ ସଢା ଗୋବର ଖତ ଡିଏପି, ପଟାସ ଆଦି ସାର ଦେଇ ଜମିକୁ ଭଲଭାବେ ଚାଷ କରାଯାଇ ଧାଡି ପ୍ରଣାଳୀରେ ବିହନ ଲଗାଯାଏ । ପିଆଜ ଗଛ ୪/୬ପତ୍ର ହେଲା ପର୍ଯ୍ୟନ୍ତ ଟେକାପାଣି ଦିଆଯାଏ । ପରେ କୋଡାଖୁଷା କରି ପ୍ରଥମଥର ପାଣି ମଡାଯାଏ । ପୁଣି ୨୦ରୁ ୨୫ ଦିନ ପରେ କୋଡାଖୁଷାକରି ଇଉରିଆ / ଗ୍ରୋମର/କାଲସିୟମ ସାର ପ୍ରୟୋଗ କରି ଶେଷ ଥର ପାଇଁ ପାଣି ମଡାଯାଏ । ଜାନୁୟାରୀ ଶେଷ ସପ୍ତାହରୁ ପିଆଜ ଅମଳ କରିବା ଆରମ୍ଭହୁଏ । ଯାହାକୁ ଖୁଚୁରା ଦରରେ ନଚେତ ବ୍ୟବସାୟୀଙ୍କୁ ବିକି ଚାଷୀ ଲାଭପାଇଥାଏ । ପିଆଜ ବିହନ ସବୁବେଳେ ପ୍ରୟତ ବଜାରରେ ମିଳୁନଥିବାରୁ ଏବଂ କିଲୋପ୍ରତି ୧ଶହରୁ ଦେଢ ଶହ ଟଙ୍କା ମୂଲ୍ୟରେ କିଣିବାକୁ ପଡୁଥିବାରୁ ଚାଷୀ ନିଜେ ସଂରକ୍ଷଣ କରିରଖିଥିବା ପିଆଜକୁ ଜୁନମାସ ଦ୍ୱିତୀୟ ସପ୍ତାହରୁ ଜୁଲାଇ ପ୍ରଥମ ସପ୍ତାହ ମଧ୍ୟରେ ଗାଁରେ ଥିବା ଢି ଜମିରେ ଚାଷକରି ଥାନ୍ତି । ସେଥିରୁ ସଂଗୃହୀତ ପିଆଜକୁ ବିହନରୂପେ ବ୍ୟବହାର କରି ଶୀତଋତୁରେ ଚାଷ କରିଥାନ୍ତି । କୃଷି ବିଜ୍ଞାନୀଙ୍କ କହିବା ଅନୁସାରେ ପିଆଜ କିଆରିକୁ ସିଂଚନ ପ୍ରକ୍ରୀୟାରେ ଜଳସେଚିତ କଲେ ଏକର ପିଛା ୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ପିଆଜ ଅମଳ ହୋଇ ପାରନ୍ତା । କିନ୍ତୁ ଏହି ସଞ୍ଚନ ପ୍ରକ୍ରିୟା ପାଇଁ ଆବଶ୍ୟକ ହେଉଥିବା ଯନ୍ତ୍ରପାତି କୃଷି ବିଭାଗ ପକ୍ଷରୁ ରିହାତି ଦରରେ ଯୋଗାଇ ଦିଆଯାଉନି । ସେହିରି ଜଳସେଚନର ଅନ୍ୟ କିଛି ସୁବିଧା ନ ଥିବାରୁ ଚାଷୀମାନେ ନିଜସ୍ୱ ଖର୍ଚ୍ଚରେ ୬ଟି ନଳକୂ ଓ ୧୦ଟି କୂଅ ଖୋଳି ପିଆଜ କିଆରୀକୁ ଜଳସେଚିତ କରିବାକୁ ବାଧ୍ୟ ହେଉଛନ୍ତି । ପିଆଜ ଚାଷକୁ ଅନ୍ୟ କୌଣସି ରୋଗ ପୋକ କ୍ଷତି ପହଁଚାଉନଥିଲେ ହେଁ କୁହୁଡି ପିଆଜର ପ୍ରଧାନ ଶତ୍ରୁ । ଓଡିଶା କୃଷି ବିଶ୍ୱ ବିଦ୍ୟାଳୟ ତଥା କୃଷି ବିଭାଗ ଦେଶି ପିଆଜ ଚାଷ ପ୍ରତି ଗୁରୁତ୍ୱ ଦେଲେ ରାଜ୍ୟରେ ପିଆଜର ଅଭାବ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରନ୍ତା । ଜିଲା କୃଷି ବିଭାଗ ଗୁରୁତ୍ୱ ଦେଇ ସୋନପୁର ଜିଲ୍ଲାର ପିଆଜ ଚାଷୀଙ୍କୁ ସରକାରୀ ରିହାତି ଦରରେ ବିହନ, ସାର, ସିଞ୍ଚନ ଯନ୍ତ୍ର ସହିତ ଉନ୍ନତ ଚାଷ ପ୍ରଣାଳୀରେ ଚାଷ ପାଇଁ ତାଲିମ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

# ବିଦ୍ୟାଳୟ ସଂଯୋଜକମାନଙ୍କ ପୁନଃ ନିଯୁକ୍ତି ଦାବି

**ନବରଙ୍ଗପୁର :** ଆଇସିଟିଇ ବିଦ୍ୟାଳୟ ଯୋଜନାରେ ନିଯୁକ୍ତି ପାଇଥିବା ବିଦ୍ୟାଳୟ ସଂଯୋଜକମାନେ ପୁନଃ ନିଯୁକ୍ତି ଦାବି କରି ନବରଙ୍ଗପୁର ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ୫ ଦଫା ଦାବି ପତ୍ର ସମ୍ବେଳିତ ଏହି ସ୍ମାରକ ପତ୍ରରେ ଦୀର୍ଘ ୫ ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ବିଦ୍ୟାଳୟ ସଂଯୋଜକଙ୍କ ପୁନଃ ନିଯୁକ୍ତ ପ୍ରଦାନ କରିବା,ଏହି ସଂଯୋଜକ ନିଯୁକ୍ତି ପ୍ରକ୍ରୀୟାକୁ ଘରେଇ ସଂସ୍ଥା ବଦଳରେ ସରକାରୀ ସ୍ତରରେ ନିଯୁକ୍ତି ପ୍ରଦାନ କରିବା,ଏହି ଯୋଜନାକୁ ଘରୋଇ କରଣ ନକରି ସରକାରଙ୍କ ଶିକ୍ଷା ବିଭାଗ ଅଧିନରେ ପରିଚାଳିତ କରିବା,ଉଚ୍ଚ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ପାଠ୍ୟକ୍ରମରେ କମ୍ପୁଟର ଶିକ୍ଷା ବାଧ୍ୟତାମୂଳକ କରିବା ଓ ଓଡିଶାର ସମସ୍ତ ଉଚ୍ଚ ବିଦ୍ୟାଳୟରେ ଏହି ଆଇ ସି ଟି ଇ ବିଦ୍ୟାଳୟ ଯୋଜନାକୁ କାର୍ଯ୍ୟକାରୀ କରିବା ଦାବି ରହିଛି। ଏହି ଦାବି ପତ୍ରକୁ ଜିଲ୍ଲାପାଳଙ୍କ ତରଫରୁ ଆସିଷ୍ଟେଣ୍ଟ କଲେକ୍ଟର ବାବୁଲାଲ ସାମଲ ଗ୍ରହଣ କରିଥିଲେ। ସୂଚନା ଯୋଗ୍ୟ ଯେ,ନବରଙ୍ଗପୁର ଜିଲ୍ଲାରେ ଉଭୟ ଟି ଆର ଡ ବ୍ଲୁ ଓ ଏଜୁକେଶ୍ନ ବିଭାଗ ଅଧିନରେ ୨୦୧୪ ମସିହାରେ ୧୦ ଟି ବ୍ଲକରେ ବିଦ୍ୟାଳୟ ସଂଯୋଜକ ପଦବୀରେ





୫୨ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଆଇ ଏଲ ଏଫ ଏସ ସଂସ୍ଥା ପକ୍ଷରୁ ଏମାନେ ନିଯୁକ୍ତି ପାଇଥିଲେ। ଏହି ଯୋଜନାରେ ଜିଲ୍ଲାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ ବିଦ୍ୟାଳୟ ନିମନ୍ତେ କମ୍ପୁଟର ଉପକରଣ ସମେତ ଏଥି ନିମନ୍ତେ କମ୍ପୁଟର ଲେବ ସ୍ଥାପନ କରାଯାଇଥିଲା। ବର୍ତ୍ତମାନ ୨୦୧୯ ମସିହା ପରଠାରୁ ବିଦ୍ୟାଳୟ ସଂଯୋଜକ ମାନଙ୍କୁ ଚାକିରୀରୁ ବିଦାୟ ଦେବା ପରେ ଏହି ଲେବ ଖତ ଖାଉଛି ବୋଲି ଆଇ ସି ଟି ବିଦ୍ୟାଳୟ ସଂଯୋଜକ ସଂଘ ନବରଙ୍ଗପୁର ଶାଖା ସଭାନେତ୍ରୀ ରିନା ବେହେରା ସୂଚନା ଦେଇଛନ୍ତି। ଏହି ଦାବି ପୂରଣ ନହେଲେ ଆଗାମି ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଭାନେତ୍ରୀ କହିଛନ୍ତି। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ବିରେନ ରଥ,ମୂରଲୀ ବିଷୋୟୀ, ଦିକ୍ଷୀତ, ଗୋବିନ୍ଦା ପ୍ରମୂଖ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ଓଜେୟୁ କଳାହାଣ୍ଡି ଜିଲ୍ଲା ଶାଖାର କାର୍ଯ୍ୟକାରିଣୀ ବୈଠକ



**ଭବାନୀପାଟଣା :** ଜୁନାଗଡ ବ୍ଲକ ଜାରୀଙ୍ଗ ପଞ୍ଚାୟତର ଚାରମହୁଲ ଠାରେ ଓଜେୟୁ କଳାହାଣ୍ଡି ଶାଖାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ନିରୋଜ ପଟ୍ଟନାୟକ ଏହି ବୈଠକର ଅଧ୍ୟକ୍ଷତା କରିଥିଲେ। ସହ ସମ୍ପାଦକ ସନ୍ତୋଷ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ସଞ୍ଜୀବ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜ୍ୟ ସଂଘ ସାଧାରଣ ସମ୍ପାଦକ ଶଶୀଭୂଷଣ ପ୍ରହରାଜ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ପରିଷଦ ସଦସ୍ୟ ନରୋତ୍ତମ ସେଲମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂଘ ପ୍ରତି ଆନୁଗତ୍ୟ ଥିବା ସାମ୍ବାଦିକଙ୍କୁ ସଦସ୍ୟ କରାଗଲେ ସଂଘ ଆଗେଇ ପାରିବ ବୋଲି କହିଥିଲେ। ସଂଘରେ କେହି ବିଶୃଙ୍ଖଳିତ ମନୋଭାବ ନ ରଖିବାକୁ କହିଥିଲେ। ଏହି ବୈଠକରେ କୋଷାଧ୍ୟକ୍ଷ ଅଭିରାମ ପ୍ରସାଦ ପଟ୍ଟନାୟକ, ଗଣେଶ ରାମ ବାଗ, ସଞ୍ଜୀବ ବାଗ (ଖ), କୁଞ୍ଜ ସାହୁ, ସତ୍ୟ ନାରାୟଣ କୁମାର, ଜଗଦୀଶ ନାୟକ, ଶରତ ଚନ୍ଦ୍ର ସାହୁ, ଭୁଖାର ଫକୀର ଖାଁ, ପ୍ରଦୀପ କୁମାର ଗୌଡ, ବିବେକ କୁମାର ଜୈନ ଏମ୍ ଆର ସ୍ୱାଇଁ, ବିରଞ୍ଚି ନାରାୟଣ ଯୋଷୀ, ସନ୍ତୋଷ କୁମାର ଦଣ୍ଡସେନା, ସନ୍ତୋଷ କୁମାର ସିଂହ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ସୁଚିନ୍ତିତ ମତାମତ ଦେଇଥିଲେ। ପଞ୍ଚାୟତ ନାଇବ ସରପଞ୍ଚ କୁମୁଦ ସାହୁ, ଲିଙ୍ଗରାଜ ମାଝୀ, ସୁରେନ୍ଦ୍ର ସାହୁ, ରବାକାନ୍ତ ସାହୁ,ଶିଶିର ସାହୁ, ସୁଧୀର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସାଧାରଣ ସମ୍ପାଦକ ମନୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ନରସିଂହପୁରରେ କଂଗ୍ରେସ କର୍ମୀ ବୈଠକ

# ତୃଣମୂଳସ୍ତରରୁ ସଂଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ





**ନରସିଂହପୁର :** ଦୀର୍ଘ ଦିନ ଧରି ନରସିଂହପୁର ଓ ବଡମ୍ବା ଅଞ୍ଚଳରେ ଦେଖାଦେଇଥିବା କଂଗ୍ରେସ କର୍ମୀ ଙ୍କ ମଧ୍ୟରେ ସ୍ଥିରତାକୁ ନେଇ ଶନିବାର କଟକ ଜିଲ୍ଲା ସଭାପତି ମାନସ ରଞ୍ଜନ ଚୌଧୁରୀଙ୍କ ତତ୍ତ୍ୱାବଧାନରେ କର୍ମୀ ଓ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ବାଖ୍ୟାନ କେନ୍ଦ୍ର ପରିସରରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପୂର୍ବତନ ବ୍ଲକ ସଭାପତି ତଥା କାର୍ଯ୍ୟକାରିଣୀ ସଦସ୍ୟ ଶିଶିର କାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଉକ୍ତ ବୈଠକରେ ସମ୍ମାନୀତ ଅତିଥି ଭାବେ ପ୍ରଦେଶ କଂଗ୍ରେସ ସାଧାରଣ ସଂପାଦକ ସଂଗ୍ରାମ କେଶରୀ ଜେନା, ବଡମ୍ବା ବ୍ଲକ ପୂର୍ବତନ ସଭାପତି ଅମୀୟ ପଟ୍ଟନାୟକ, ନିଜିଗଡ ସରପଞ୍ଚ ପ୍ରଭାକର ମିଶ୍ର, ସାହିତ୍ୟିକ ଓ ସୁପ୍ରବକ୍ତା ଦୁର୍ଯ୍ୟୋଧନ ବରାଳ, ପୂର୍ବତନ ବ୍ଲକ ସଭାନେତ୍ରୀ ନିରୂପମା ଭୋଇ, ଜିଲ୍ଲା ସଂପାଦକ ସୌମେନ୍ଦ୍ର ହାତି, ପୂର୍ବତନ ସରପଞ୍ଚ ସରୋଜ କୁମାର ସାହୁ ଉପସ୍ଥିତି ରହିଥିଲେ। ଆଗାମୀ ଦିନରେ କଂଗ୍ରେସର ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ କଲାଭଳି କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ଦୃଢତ ବ୍ଲକ କଂଗ୍ରେସ ସଭାପତି ମନୋନିତ ସହିତ ପ୍ରତ୍ୟେକ ପଞ୍ଚାୟତ ସ୍ତରରେ ଥିବା କର୍ମୀ ମାନଙ୍କୁ ସହଯୋଗ ହାତ ବଢାଇବା ସହିତ ନରସିଂହପୁର ବଡମ୍ବା ଅଞ୍ଚଳର ପ୍ରତ୍ୟେକ ଗାଁରେ ଜିଲ୍ଲା ସଭାପତିଙ୍କ ସମେତ କର୍ମୀମାନେ ପହଞ୍ଚି ସାଧାରଣ ଲୋକଙ୍କ ମଧ୍ୟରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା ଜାରି ରଖିବାକୁ କର୍ମୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି। ନରସିଂହପୁର ଠାରେ ଲିଜ୍ ରେ ପାଇଥିବା କଂଗ୍ରେସ ଭବନ ଜାଗାରେ ତୁରନ୍ତ କାର୍ଯ୍ୟଆରମ୍ଭ କରିବା ପାଇଁ ଆର୍ଥୀକ ସହାୟତା ପ୍ରଦାନ ପାଇଁ ଜିଲ୍ଲା ସଭାପତି ଶ୍ରୀ ଚୌଧୁରୀ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବଡମ୍ବା ଓ ନରସିଂହପୁର ଅଞ୍ଚଳରେ ଚାଷୀ ମାନଙ୍କର ରହିଥିବା ସମସ୍ୟା, ସୁନାପାଳ ଚିନିକଳର ପୁନଃରୁଦ୍ଧାର, ସ୍ଥାନୀୟ ଅଞ୍ଚଳରେ କଂଗ୍ରେସର କର୍ମୀ ହୋଇ ଯଦି କଂଗ୍ରେସର ବିରୁଦ୍ଧାଚରଣ କରିଥାନ୍ତି ଉକ୍ତ କର୍ମୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ସ୍ତରରେ କଂଗ୍ରେସ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ପୂର୍ବରୁ କଂଗ୍ରେସ ଅମଳରେ ହୋଇଥିବା ବିଭିନ୍ନ ପ୍ରକଳ୍ପର ପୁନଃରୁଦ୍ଧାର ତାର କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି ଜିଲ୍ଲା ସଭାପତି ଶ୍ରୀ ଚୌଧୁରୀ ସୁଚନା ଦେଇଛନ୍ତି। ଉକ୍ତ କର୍ମୀ ସମ୍ମିଳନୀ ରେ ରମେଶ ଚନ୍ଦ୍ର ସେଠୀ, ବିପିନ ବିହାରୀ ପଣ୍ଡା, ରବିନ୍ଦ୍ର ନାଥ ସାହୁ, ପ୍ରକାଶ ମହାପାତ୍ର, ବୁଦ୍ଧିମାନ ମହାନ୍ତି, ଅକ୍ଷୟ କୁମାର, ନିରଞ୍ଜନ ଜେନା, ବଳଭଦ୍ର ପ୍ରହରାଜ, ଚିନ୍ମୟ ପଟ୍ଟନାୟକ,ସନ୍ନତ ମିଶ୍ର, ଅନୁପମା ବେହେରା, ରବୀନ୍ଦ୍ର ରାଉତ, ପ୍ରେମ ମହାକୁଡ, ଧ୍ରୁବ ଚରଣ ବେହେରା, ଶ୍ରୁଶି ରଥ, ସନ୍ତୋଷ ଭୋଇ ପ୍ରମୁଖ ବଡମ୍ବା ନରସିଂହପୁର ଅଞ୍ଚଳର ସମସ୍ତ ଶତାଧିକ ଆଗୁଆ ଧାଡିର କର୍ମୀ ଉପସ୍ଥିତି ରହି ସହଯୋଗ କରିଥିଲେ।

# ଆଦିକବି




ଅକ୍ଷୟ କୁମାର ରାଉତ

ସାରଳା ଦାସ ଅଭିବକ୍ତ କଟକ ଜିଲ୍ଲାର ଜଙ୍ଗେରପୁରସ୍ଥିତ କନକବତୀପାଟଣା ନିକଟସ୍ଥ ଚନ୍ଦ୍ରଭାଗା ନଦୀକୂଳରେ ଥିବା ସାରୋଳ ବା କାଳିନାଗ ଗ୍ରାମରେ ପଂଚଦଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଜଣେ ପ୍ରଧାନ କୃଷିକାରୀ ଓ ଗ୍ରାମୀଣ ବ୍ୟକ୍ତି ଥିଲେ । ବାଲ୍ୟକାଳରେ ସାରଳା ଦାସଙ୍କର ନାମ ଥିଲା ସିଦ୍ଧେଶ୍ୱର ପରିଡା (ସ୍ୱାଇଁ) ପିତା, ମାତା ଓ ଚାରିଭାଇଙ୍କ ସହିତ ନିଜର ବାଲ୍ୟ, ଶୈଶବ ଓ ଯୌବନ ଜୀବନ ଅତିବାହିତ କରିଥିଲେ । ତାଙ୍କର ବଡ଼ଭାଇ ପର୍ଶୁରାମ ପରିଡା ଜଙ୍ଗେରପୁର ନିକଟରେ ପ୍ରବାହିତ ହେଉଥିବା ଚନ୍ଦ୍ରଭାଗା ନଦୀର ଘାଟ ନେଇଥିଲେ । ପରଅବସ୍ଥାରେ ପର୍ଶୁରାମ ପରିଡା କନକପୁରକୁ ଉଠିଆସି ଘରଟିଏ କରି ରହିଲେ । କିନ୍ତୁ ସିଦ୍ଧେଶ୍ୱର ସାରଳା ମା'ଙ୍କ ଚରଣାବିନ୍ଦରେ ଗଭୀର ଭକ୍ତି ଢ଼ାଳିଦେଇ ସେବାରତ ଥିଲେ । ସେ ସମୟରେ ଚାଟଶାଳୀର ସୁବିଧାନଥିବାରୁ ନିଜ ଚେଷ୍ଟାରେ ଅଧ୍ୟୟନ କରିଥିଲେ । ଓଡିଆରେ ମିଳୁଥିବା କୋଇଲି ଚଉତିଶା ଅନ୍ୟ କେତେ ଖଣ୍ଡ କ୍ଷୁଦ୍ର କବିତା ପଢ଼ିଥିଲେ । ଏତିକିରେ ତାଙ୍କର ଶିକ୍ଷାଜୀବନର ପରିସମାପ୍ତି ଘଟିଥିଲା ।

ସିଦ୍ଧେଶ୍ୱର ଯୌବନରେ ପଦାର୍ପଣ କଲାପରେ, ଗୀତ ରଚନା କରି ନିଜେ ଗୀତ ବୋଲୁଥିଲେ । ପରଅବସ୍ଥାରେ ପୌରାଣିକ କାହାଣୀଗୁଡିକ ଶୁଣି, ପୁରାଣ ପଢ଼ିବାକୁ ଆଗ୍ରହ ପ୍ରକାଶ କରିଥିଲେ । ସଂସ୍କୃତ ଶିଖି ନଥିବା ଅପଣ୍ଡିତ ସିଦ୍ଧେଶ୍ୱର ସଂସ୍କୃତ ପଢ଼ିବା ଓ ଲେଖିବା ଏକ ଆଶ୍ଚର୍ଯ୍ୟ ଘଟଣା ଥିଲା । ବିଲରେ ଚାଷ ପାଇଁ ହଳ ବୁଲାଉଥିବା ସମୟରେ ସିଦ୍ଧେଶ୍ୱର ସୁନ୍ଦର ଗୀତ ନିଜ ମନରୁ ରଚନାକରି ବୋଲନ୍ତି । ଏହି ସମୟରେ ସେ ଆତ୍ମହରା ହୋଇପଡନ୍ତି । ସେ 'ମନାଇ ଚଉତିଶା' ନାମକ ଏକ ଗୀତ ରଚନା କରିଥିଲେ । ଦିନକର ଘଟଣା ସିଦ୍ଧେଶ୍ୱର ହଳ ବୁଲାଉଥାନ୍ତି ଓ ଗୀତ ବୋଲୁଥାନ୍ତି, କିନ୍ତୁ ପଦ ମନେପଡିଲା ନାହିଁ । ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କର ସେହି ଗୀତର ପଦ ମନେପଡିଲା ନାହିଁ । ଅତି ବିଚଳିତ ଅବସ୍ଥାରେ ତାଙ୍କର ଇଷ୍ଟଦେବୀ ସାରଳାଙ୍କୁ ମନେପକାଇଲେ । ମା ସାରଳା ଭକ୍ତ ଅନ୍ତରର ଭକ୍ତି ମାଧ୍ୟମରେ ଏକ ନାରୀ ମୂର୍ତିଟି ହୋଇ ସିଦ୍ଧେଶ୍ୱରଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ କହିଲେ "ତୁ ଗୀତ ବନ୍ଦକଲୁ କାହିଁକି ? ମୁଁ ତୋ ଗୀତ ଶୁଣୁଥିଲି, ତୁ ଗୀତ ବୋଲି ଚାଲେ ସବୁ ମନେପଡିଯିବ । ତୋ ଗୀତ ମୋତେ ବହୁତ ଭଲଲାଗେ, ତୁ ମହାଭାରତ ରଚନା କରିପାରିବୁ, ଏହା କହି ନାରୀ ମୂର୍ତିଟି ଅନ୍ତର୍ଦ୍ଧାନ ହୋଇଗଲେ ।

ସେ ସମୟରେ ଓଡିଶାର ଗଜପତି ଥିଲେ ସୂର୍ଯ୍ୟବଂଶର ପ୍ରଥମ ସମ୍ରାଟ କପିଳେନ୍ଦ୍ର ଦେବ । ତାଙ୍କର ସାମ୍ରାଜ୍ୟ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ଲମ୍ବିଥିଲା । ସିଦ୍ଧେଶ୍ୱର ମା ସାରଳାଙ୍କ ପୂଜା ଅର୍ଚ୍ଚନାରେ ନିଜକୁ ନିୟୋଜିତ କରିଥିଲେ । ଅନୁମାନ କରାଯାଏ ସିଦ୍ଧେଶ୍ୱର କପିଳେନ୍ଦ୍ର ଦେବଙ୍କ ସୈନ୍ୟ ବିଭାଗରେ ଯୋଗଦେଇ ବିଭିନ୍ନ ଯୁଦ୍ଧର ଅନୁଭୂତିକୁ ପରଅବସ୍ଥାରେ ମହାଭାରତରେ ବର୍ଣ୍ଣନା କରିଥିଲେ । ସୈନ୍ୟଦଳରୁ ଆସି ପୁରୀର ଯମେଶ୍ୱର ଲିଙ୍ଗଙ୍କ ମନ୍ଦିରରେ କିଛିକାଳ ଅବସ୍ଥାନ କରିଥିଲେ । ସେ ସମୟରେ ସଂସ୍କୃତ ପଣ୍ଡିତମାନଙ୍କର ପ୍ରଭାବ ଯଥେଷ୍ଟ ଥିଲା । ପୁରୀରେ ସଂସ୍କୃତ କାବ୍ୟ ଓ ନାଟକ ଚର୍ଚ୍ଚାରେ ସିଦ୍ଧେଶ୍ୱରଙ୍କୁ କେହି ଅଂଶ ଗ୍ରହଣ କରାଇଦେଉନଥିଲେ । ଏହିପରି ଅସହାୟ ମୁହୂର୍ତରେ ଇଷ୍ଟଦେବୀ ସାରଳା ସିଦ୍ଧେଶ୍ୱରଙ୍କୁ ଅଭୟ ପ୍ରଦାନକରି ଆଦେଶ ଦେଲେ "ତୁ ଯାଇ ନୀଳ କଳ୍ପବଟ ମୂଳେ ବସିବୁ, ଯାହା ଉପରୁ ଶୁଭିବ ତୁ ଲେଖିବୁ" । ସେତେବେଳକୁ ସିଦ୍ଧେଶ୍ୱର, ସାରଳା ଦାସ ନାମରେ ପରିଚିତ ହେଲେ । ମହାଭାରତ ରଚନାରେ ମନନିବେଶ କଲେ । କଳ୍ପବଟମୂଳରେ ମହାଭରତର ଆଠଗୋଟି ପର୍ବଶେଷ କରି ସାରିଥିଲେ । ପୁରୀ ଛାଡି ସେ କୋଣାର୍କରେ ଏକ ବଟବୃକ୍ଷ ମୂଳରେ ଯୋଗସାଧନ କଲେ ଓ ମହାଭାରତ ରଚନା କଲେ । ତାଙ୍କର ଲିଖିତ ମହାଭାରତରେ ଅନ୍ୟ ପଣ୍ଡିତ ମାନେ "ହାତୀ ବାର ଯୁଣ ତାର ଘଂଟି ବାର ଯୁଣ" ବର୍ଣ୍ଣନାକୁ ତ୍ରୁଟି ରୂପେ ଦର୍ଶାଇଥିଲେ । ହସ୍ତୀ ହେଲା ଦେବତା ଯୁଣରେ ଓ ଘଂଟି ହେଲ ମାନବ ଯୁଣରେ । ଏହାପରେ ପଣ୍ଡିତମାନେ ନିଜଭୂଲ୍ ବୁଝିପାରି କବିଙ୍କ ରଚିତ ମହାଭାରତକୁ ଗ୍ରନ୍ଥରୂପେ ସ୍ଥାନଦେଲେ ଓ ଶୂଦ୍ର ମୁନି ବୋଲି ସମ୍ମାନିତ କଲେ । ଏହି ସମ୍ବାଦ କପିଳେନ୍ଦ୍ର ଦେବଙ୍କ ନିକଟରେ ପହଂଚିଲା । ଗଜପତି ରାଜା ସିଦ୍ଧେଶ୍ୱରଙ୍କୁ ସ୍ୱାଇଁ ପରିବର୍ତେ ପରିଡା ଉପାଧିରେ ଭୂଷିତ କରାଇ ଝଙ୍କଡ ଆଦି କେତେ ଗ୍ରାମ ନିଷ୍କର ବୃତିରୂପେ ପ୍ରଦାନ କରିଥିଲେ ।



ପୁରୀରେ କିଛି ଦିନ ଅତିବାହିତ ହେବାପରେ କବି ସାରଳା ଦାସ ନିଜର ଜନ୍ମଭୂମିକୁ ଫେରିଆସିବା ବାଟରେ କଟକ ତୁଳସୀପୁରରେ କିଛି ଦିନ ରହିଲେ । ଦୈନିକ ମା କଟକ ଚଣ୍ଡୀଙ୍କୁ ଦର୍ଶନ କରନ୍ତି ଓ ନିଜ ରଚିତ ମହାଭାରତ ଦେବୀଙ୍କ ନିକଟରେ ପଢ଼ନ୍ତି । ଏହି ଗ୍ରନ୍ଥ ପାଠ ଶୁଣିବାପାଇଁ ବହୁ ଶ୍ରୋତା ମା ଚଣ୍ଡୀଙ୍କ ଠାରେ ରୁଣ୍ଡ ହୁଅନ୍ତି । ତାଙ୍କର ସାରସ୍ୱତ ସାଧନା ହିଁ ପ୍ରତ୍ୟେକ ଓଡିଆ ଜାତି ପାଇଁ ଅମଳିନ ପ୍ରେରଣା ହୋଇ ରହିଗଲା । ସେ ଆମ ଜାତିର ଗୌରବ, ସ୍ରଷ୍ଟା ଆଉ ଦ୍ରଷ୍ଟା । ସେ କେବଳ ଜଣେ ସିଦ୍ଧ ସାଧକ ନୁହଁନ୍ତି, ଭକ୍ତ ନୁହଁନ୍ତି, କବି ରୂପେ ତାଙ୍କୁ ଚିରଦିନ ଜାତି ପୂଜା କରିବ । ଆଜୀବନ ସେ ଯେଉଁ ଅଖଣ୍ଡସାଧନ କରିଛନ୍ତି ତାହା ହିଁ ତାଙ୍କୁ ଅମର କରିବ । ତାଙ୍କ ଜୀବନର ଏକ ବିସ୍ମୟକର ଓ ରହସ୍ୟମୟ କାହାଣୀ କୁହେ -


ଦିନେ ସାରଳାଦାସ ବିଲରେ ହଳ କରୁଥିବା ସମୟରେ, ଏକ ରାଜକନ୍ୟାର ବିବାହ ଉପଲକ୍ଷେ ରାଜକର୍ମଚାରୀମାନେ ସାରଳାଦାସଙ୍କ ନିକଟରେ ପହଁଚିଲେ । ତାଙ୍କର ଗୁଣ ଓ ବୁଦ୍ଧି ରାଜକର୍ମଚାରୀମାନଙ୍କୁ ମୁଗ୍ଧ କରିଥିଲା । ସାରଳାଦାସଙ୍କୁ ସେମାନେ ରାଜଦରବାରକୁ ଘେନିଗଲେ, ବିବାହର ଆୟୋଜନ କଲେ । କାଠ ଓ ବାଉଁଶଙ୍କୁ ଦେଖି ଚାଷୀ ସିଦ୍ଧେଶ୍ୱର ମନେମନେ ବହୁତ ଖୁସୀ ହେଉଥାନ୍ତି । ରାଜକନ୍ୟା ସିଦ୍ଧେଶ୍ୱରଙ୍କୁ ବନ୍ଦାପନା କରିବା ସମୟରେ, ସିଦ୍ଧେଶ୍ୱର ଭୟରେ ଖଟ ତଳେ ଲୁଚିଗଲେ । ସିଦ୍ଧେଶ୍ୱରଙ୍କର ଏହି ପରି କାର୍ଯ୍ୟରେ ରାଜକନ୍ୟା କ୍ରୋଧନ୍ୱିତା ହୋଇ ମୁର୍ଖ, ଅଧମ ବୋଲି କହି ଅନ୍ତଃପୁରକୁ ପଳାଇଲେ । ସିଦ୍ଧେଶ୍ୱର ରାଜକୁମାରୀଙ୍କ କଟୁମନ୍ତବ୍ୟରେ ଦୁଃଖିତ ହୋଇ ମା' ସାରଳାଙ୍କ ନିକଟକୁ ଯାଇ ନିଜର ଦୁଃଖ ଜଣାଇଲେ । 'ମା' ପ୍ରସନ୍ନ ହୋଇ କହିଲେ ସିଦ୍ଧେଶ୍ୱର ତୁ ଚିନ୍ତା କରନାହିଁ, ତୁ ଗଲାବେଳେ ବାଟରେ ଯେଉଁ ଲେଖନୀଟି ପାଇବୁ । ସେହି ଲେଖନୀରେ କଳ୍ପବଟ ମୂଳ ବସି ଚିନ୍ତାକଲେ ତୋତେ ସବୁ ଦୃଶ୍ୟମାନହେବ । ଏହି ଘଟଣାଟି ସିଦ୍ଧେଶ୍ୱରଙ୍କ ଜୀବନରେ ଅଭୂତପୂର୍ବ ପରିବର୍ତନ ଆଣିଥିଲା ।

'ମା'ଙ୍କ ଦତ ଲେଖନୀ ସାହାର୍ଯ୍ୟରେ ସାରଳାଦାସ ମହାଭାରତ, ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ, ଲକ୍ଷ୍ମୀ ନାରାୟଣ ବଚନିକା ଓ ବହୁତ ସୁନ୍ଦର ସୁନ୍ଦର ଗଳ୍ପ ସୃଷ୍ଟି କରିଥିଲେ । ଗଳ୍ପଗୁଡିକ ହେଲା ବାବନା ଭୂତ, ଗଙ୍ଗା-ଶାନ୍ତନୁ ବିବାହ, ଭୀମ ରାଜାର କଥା, ନବଗୁଞ୍ଜର କଥା, ଭାରତ ଯୁଦ୍ଧର ଭରତିଆ ପକ୍ଷୀକଥା, କୁନ୍ତୀ ଗାନ୍ଧାରୀର ଶିବପୂଜା କଥା, ଅର୍ଜୁନର ବରପ୍ରାପ୍ତି କଥା ଓ ପାର୍ବତୀଙ୍କ କୋପ କତା ପ୍ରଭୃତି ଗଳ୍ପଗୁଡିକ ଜନଜୀବନକୁ ବେଶ୍ ପ୍ରଭାବିତ କରିଛି ।

ଏହି ନିରହଙ୍କାର ସିଦ୍ଧ କବିଙ୍କ ଶେଷ ଜୀବନ ଇଷ୍ଟଦେବୀ ସାରଳା ଦେବୀଙ୍କ ନିକଟରେ କଟାଇଥିଲେ । ସେ ନିଜର ସ୍ତ୍ରୀ, ପୁତ୍ର ଓ କନ୍ୟାଙ୍କ ଠାରୁ ସମସ୍ତ ସଂସାରିକ ବନ୍ଧନ ତ୍ୟାଗକରି 'ମା'ଙ୍କ ପାଦପଦ୍ମରେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ସାରଳାଦାସ ଜ୍ୟୋତିଷ ଶାସ୍ତ୍ରରେ ନିପୁଣ ଥିଲେ । ଶାସ୍ତ୍ର ବିଚାରକରି ଜାଣି ପାରିଥିଲେ ଯେ ମାଘସପ୍ତମୀ ଦିନ ଦେହ ଛାଡିବାକୁ ହେବ । ତେଣୁ ଅକ୍ଷତ, ଗୋଟାଗୁଆ, ନଡିଆ, ପାନ, ତିଳ, ଗଙ୍ଗାଜଳ, ଗଙ୍ଗାମାଟି ସହ ଘିଅ ଦୀପ ସାରଳାଦାସ ନିଜ ସମ୍ମୁଖରେ ରଖି ତେନ୍ତୁଳିପଦା ବନ୍ଧମୁଣ୍ଡାର ବୃନ୍ଦାନଦୀ କୂଳରେ ମାଘ ଶୁକ୍ଳ ପ୍ରତିପଦଠାରୁ ସମାଧିସ୍ତ ହେଲେ । ମାଘ ସପ୍ତମୀ ସକାଳକୁ ଗୋଟିଏ ଘଡଘଡି ଶବ୍ଦ ହେଲା ଓ ଦୀପଟି ମଧ୍ୟ ଲିଭିଗଲା । ଏହା ହିଁ ଥିଲା ଆଦିକବି ଶୂଦ୍ରମୁନି ସାରଳା ଦାସଙ୍କର ଅନ୍ତିମ ଯାତ୍ରା । ଆଜି ତାଙ୍କ ନାମାନୁସାରେ ମୁନି ଗୋସାଇଁ ମଠ କୁହାଯାଉଛି । ଏହି ସମାଧିର ଭଗ୍ନାବଶେଷ ନିକଟରେ ଏକ ବରଗଛ ଅଛି । ତାଙ୍କର ଲୌକିକତା, ଜନଜୀବନର ସଂସ୍କାର ଓ ପ୍ରତିଭାର ମୋହିନୀ ଶକ୍ତି ବଳରେ ଯୁଗଯୁଗ ପାଇଁ ଅମର ସୃଷ୍ଟି ମହାଭାରତରେ ଜୀବନ୍ତ କରି ଦେଇଗଲେ । ତେଣୁ ଆଜି ଓଡିଶାର ଜନତା ସେହି ଶୂଦ୍ରକବିଙ୍କୁ ଆଦିକବି ରୂପେ ପୂଜାଅର୍ଘ୍ୟ ଦେଇଥାନ୍ତି ।

*ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର*
*ମୋ : ୯୯୩୭୬୯୧୪୭୫*








# ବିକାଶର ନଗ୍ନ ନମୁନା ତିର୍ତ୍ତୋଲ ଶାରଳା ସୁତାମିଲ୍

**ଜଗତ୍‌ସିଂହପୁର,(ଜ୍ୟୋତିରଞ୍ଜନ ପଟ୍ଟନାୟକ) :** ରାଜ୍ୟର ବିକାଶରେ ସହଭାଗୀ ହେବାପାଇଁ ଓ ଲୋକମାନଙ୍କର ଆର୍ଥିକ ଉନ୍ନତି କରିବା ନିମନ୍ତେ ଜଗତ୍‌ସିଂହପୁର ଜିଲ୍ଲାରେ ୧୯୮୨ ମସିହାରେ ସେତେବେଳର ଶାସନ ଗାଦିରେ ଥିବା କଂଗ୍ରେସ୍ ସରକାର ତିର୍ତ୍ତୋଲ ଠାରେ ଏକ ଶାରଳା ବୁଣାକାର ସମବାୟ ସୁତାମିଲି ପ୍ରତିଷ୍ଠା କରାଥିଲା। ଏହି ପ୍ରତିଷ୍ଠା ସମୟରେ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳ ନିଜ ବ୍ଲକ୍ ଅଞ୍ଚଳରେ ଏହି ଶାରଳା ସୁତାମିଲ୍‌ଟିକୁ ଖୋଲି ନିଜ ଅଞ୍ଚଳର ପ୍ରାୟ ୧୫ଶହ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ। ଓଡ଼ିଶାରେ ଶିଳ୍ପ କରି ବିକାଶ କରାଇବାକୁ ମିଛ ସ୍ୱପ୍ନ ଦେଖାଉଥିବା ଅପାରଗ ବିଜେଡି ସରକାର ଓଡ଼ିଶାରେ ଦୀର୍ଘ ୨୧ବର୍ଷ ଧରି ଶାସନ କରିଆସୁଥିଲେ ମଧ୍ୟ ଶାରଳା ସୁତାମିଲର ପୁନଃଉଦ୍ଧାର କରିବାର କୌଣସି ଆନ୍ତରିକତା ଦେଖାଇନାହାଁନ୍ତି। ଏଥିପାଇଁ ମିଲ୍‌ରେ କାମ କରୁଥିବା ୧୫୦୦ରୁ ଉର୍ଦ୍ଧ୍ୱ ପରିବାର ଭୋକଉପାସରେ କାଳତିପାତ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅର୍ଥାଭାବରୁ ଶଯ୍ୟାଶାୟୀ ହୋଇ ମୃତ୍ୟୁବରଣ କରିସାରିଥିଲାବେଳେ ପରିବାର ବର୍ଗ ଦୁର୍ଦ୍ଦିନ ଅବସ୍ଥାରେ ବଞ୍ଚିରହିଛନ୍ତି। ଶାରଳା ସୁତାମିଲ୍ ଚାଲୁଥିବା ସମୟରେ ମିଲ୍ ପାର୍ଶ୍ୱରେ ଖୋଲିଥିବା ଚାହା, ପାନ ଓ ଜଳଖିଆ ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଉଥିବା ଦୋକାନୀ ଗୁଡିକ ମଧ୍ୟ ବହୁ ହଇରାଣରେ ପରିବାର ପ୍ରତିପୋଷଣ କରୁଛନ୍ତି। ଜଗତ୍‌ସିଂହପୁର ଜିଲ୍ଲାହେବାପରେ ଦୀର୍ଘ ବର୍ଷ ଧରି ଶାସନ ଗାଦିରେ ବସିଥିବା ବିଜେଡି ସରକାର ଏହି ସୁତାମିଲ୍‌ଟିକୁ କାର୍ଯ୍ୟ କରିବା ତ ଦୂରର କଥା ସେଥିପ୍ରତି ସରକାରଙ୍କ କୌଣସି ଆନ୍ତରିକତା ଦେଖାଯାଉନାହିଁ। ଜଗତ୍‌ସିଂହପୁର ଜିଲ୍ଲାଟି ବିଜେଡି ପାଇଁ ଗଡ ପାଲଟି ଯାଇଥିବା ବେଳେ ସୂତା ମିଲ୍‌ଟିକୁ କାହିଁକି ବନ୍ଦ କରିଦିଆଯାଇଛି ବୋଲି କିଛି ବ୍ୟକ୍ତିଙ୍କୁ ପଚାରିବାରେ ସେମାନେ ରୋକ୍‌ଠୋକ୍ ଭାବେ ଉତ୍ତର ଦେଇଥିଲେ ଯେ ଏହି ସୂତାମିଲ୍‌ଟି କଂଗ୍ରେସ୍ ସରକାର ସମୟରେ ହୋଇଥିବାରୁ ବିଜେଡି ଏହାର ବଦଳା ନେଉଛି। ଏହା କେତେ ଯେ ଯୁକ୍ତିଯୁକ୍ତ ବୁଝିପାରୁନଥିଲେ ବି ଭଙ୍ଗାରୁଜା ମିଲ୍‌ଟିର କର୍ମଚାରୀଙ୍କ ମନରୁ ସ୍ପଷ୍ଟ ବାରି ହୋଇପଡିଥିଲା। ଏବେ ଏହି ଶାରଳା ସୂତାମିଲ୍‌ଟି ଭୂତକୋଠିରେ ପରିଣତ ହୋଇ ବିଭିନ୍ନ ବନ୍ୟଜୀବଜନ୍ତୁ ବସବାସ କରୁଥିବା ବେଳେ ଶବଦାହ କେନ୍ଦ୍ରପରି ମନେ ହେଉଛି। ଏପରିକି ବଡ଼ ବଡ଼ ଅଫିସ୍ ଗୃହଗୁଡିକରେ କର୍ମଚାରୀମାନଙ୍କ ରହଣୀସ୍ଥଳ ହୋଇଥିବାବେଳେ ଏବେ ଭୂତକୋଠିରେ ପରିଣତ ଅନାବନା ଗଛସବୁ ମାଡିଗଲାଣି।





୧୯୮୨ ମସିହାରେ ପ୍ରତିଷ୍ଠା କରାଯାଇଥିବା ଏହି ଶାରଳା ସୁତା ମିଲ୍‌ଟିର ଶୁଭ ଦେଇଥିଲେ ତତ୍କାଳୀନ ଶିଳ୍ପମନ୍ତ୍ରୀ ଥିବା ତଥା ବର୍ତ୍ତମାନର ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ବିରୋଧଦଳରେ ଥିବା କଂଗ୍ରେସ୍ ଦଳ ଏହି ଶାରଳା ସୁତାମିଲ୍‌ଟିର ପୁନଃଉର୍ଦ୍ଧାର କରାଯାଉନାହିଁ ବୋଲି ବିଧାନସଭାରେ ମଧ୍ୟ ସ୍ୱର ଉତ୍ତୋଳନ କରିପାରୁନାହାଁନ୍ତି। ସବୁଠାରୁ ଲଜ୍ୟା ଜନକ ଘଟଣା ହେଉଛି ନାଉସିରା ଠାରେ ଥିବା ପ୍ରାୟ ୨୬ ଏକର ଜମି ଉପରେ ନିର୍ମିତ ଏହି ଶାରଳା ସୁତା ମିଲଟ୍ ଅତ୍ୟନ୍ତ ଜରାଜୀର୍ଣ୍ଣ ହୋଇଥିବା ବେଳେ ଶହ ଶହ କର୍ମଚାରୀ ନିଜର ଜୀବିକା ହରାଇବସିଛନ୍ତି। ପ୍ରତିଷ୍ଠା ପାଇଁ ସେତେବେଳେ ସରକାର ୧୨କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ଏବେ ଏହା ଜରାଜୀର୍ଣ୍ଣ ସୁତାମିଲ୍‌ଟିକୁ ବିକ୍ରୟ କିମ୍ବା ନିଲାମ କରିଦିଆଯାଏ ଖର୍ଚ୍ଚ କରାଯାଇଥିବା ମିଲ୍‌ଟିର ଅଧେକ ଅର୍ଥରାଶି ମଧ୍ୟ ମିଳିପାରିବ ନାହିଁ। ୧୯୯୯ ମହାବାତ୍ୟାରେ ଏହି ସୁତାମିଲିଟ୍ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସମସ୍ତ ମେସିନ ଉପରେ ଘାସ ଗଛ ମାଡିଗଲାଣି। ଏହି ସୁତାମିଲିଟ୍ କାର୍ଯ୍ୟକ୍ଷମ ହେଲାପରେ ବାହାର ରାଜ୍ୟ ଯଥା - ରାଜସ୍ଥାନ, ପଞ୍ଜାବ, ହରିଆନା, ପଶ୍ଚିମବଙ୍ଗ ଓ ଗୁଜୁରାଟରେ ଏହାର ଆଦର ବଢ଼ି ବଢ଼ି ଚାଲିଥିବା ବେଳେ ଆର୍ଥିକ ଲାଭ ହେବାରୁ ଓଡ଼ିଶାର ସରକାରଙ୍କ ଦ୍ୱାରା ୧୯୯୧ ମସିହାରେ ସମ୍ମାନିତ ହୋଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆରମ୍ଭହେବା ପରଠାରୁ କିଛି ବର୍ଷ ପର୍ଯ୍ୟନ୍ତ ଲାଭରେ ଚାଲୁଥିବାବେଳେ ସେଠାରେ କାର୍ଯ୍ୟରତ କିଛି କର୍ମଚାରୀମାନଙ୍କ ମଧ୍ୟରେ ବିଜେଡି, କଂଗ୍ରେସ୍ ମନୋଭାବ ସୃଷ୍ଟି ହେବାରୁ ଶାରଳା ସୂତାମିଲିଟ୍ ସମ୍ପୂର୍ଣ୍ଣ ଦେବାଳିଆ ହୋଇପଡିଥିଲା। ଫଳରେ ରାଜ୍ୟସରକାର ୨୦୦୫ ମସିହା ବେଳକୁ ଏହି ସୁତାମିଲିଟ୍‌ର କ୍ଷୟକ୍ଷତି ସାମ୍ନାକୁ ଆସିବାରୁ ଏହାକୁ ରୁଗ୍ଣ ଘୋଷଣା କରି ବନ୍ଦ କରିଦେଇଥିଲେ। ରାଜ୍ୟସରକାର ଏହି ଦୁର୍ଦ୍ଦଶା ଭୋଗୁଥିବା କର୍ମଚାରୀମାନଙ୍କ ଦୁଃଖକୁ ଦୃଷ୍ଟିରେ ରଖି ଏହାର ପୁନଉର୍ଦ୍ଧାର କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଥିବାବେଳେ ବର୍ତ୍ତମାନର ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସ୍ଥାନୀୟ ବାସିନ୍ଦା ହୋଇଥିବାରୁ ଜଗତ୍‌ସିଂହପୁର ଜିଲ୍ଲାର ନାମ ବଦଳାଇ ବାଣୀକ୍ଷେତ୍ର ନାମରେ ନାମିତ କରିବାକୁ ଯୋଜନା କରୁଥିବା ବେଳେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଶାରଳା ସୁତାମିଲ୍‌ର ପୁନଃଉର୍ଦ୍ଧାର କରି ଅତ୍ୟନ୍ତ ନିରାଶ୍ରୟ ହୋଇଯାଇଥିବା କର୍ମଚାରୀମାନଙ୍କ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବୀ ହେଉଛି। ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଧାୟକମାନେ ଏହି ସୁତାମିଲ୍ ସମ୍ପର୍କରେ ଥରୁଟିଏ ବି ବିଧାନସଭାରେ ପ୍ରଶ୍ନ ନ ଉଠାଇବା ତିର୍ତ୍ତୋଲ ବାସୀଙ୍କୁ ଯେତିକି ମର୍ମାହତ କରିନଥିଲା ତାଙ୍କ ମାଟିର ବୋହୁ ପୂର୍ବତନ ବିଧାୟିକା ଓ ବର୍ତ୍ତମାନର ସାଂସଦ ବିଧାନସଭା କିମ୍ବା ଲୋକସଭାରେ ଏ ବିଷୟରେ ପ୍ରଶ୍ନ ଉତ୍ଥାପନ ନକରିବା ବିଜେଡି ସରକାରଙ୍କ ପାରିବା ପଣିଆକୁ ପଦାରେ ପକାଇଛି। ବର୍ତ୍ତମାନର ବିଧାୟକ ଉପ ନିର୍ବାଚନ ସମୟରେ ଏହି ସୁତାମିଲ୍‌ଟିକୁ ପୁନଃଉଦ୍ଧାର କରିବେ ବୋଲି ନିର୍ବାଚନ ଇସ୍ତାହାରରେ ଘୋଷଣା କରି ପ୍ରଚାର କରି ବିଧାୟକ ହେବାର ୪ମାସ ବିତିଯାଇଥିଲେ ମଧ୍ୟ ସେ ବି ବିଧାନସଭାରେ ଏ ବିଷୟରେ କୌଣସି ପ୍ରଶ୍ନଟିଏ ନକରିବା ବଡ଼ କ୍ଷୋଭର ବିଷୟ ବୋଲି ସାଧାରଣରେ ଆଲୋଚନା ହେଉଛି।





# ୨୫୦ ଟଙ୍କାରେ କୋଭିଡ୍ ଟିକା

**ନୂଆଦିଲ୍ଲୀ :** ମାର୍ଚ୍ଚ ୧ ତାରିଖରୁ ଦେଶରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ନାଗରିକ ଏବଂ ଗୁରୁତର ଅସୁସ୍ଥତା ଥିବା ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର କୋଭିଡ୍ ଟିକାକରଣ ଆରମ୍ଭ ହୋଇଯାଇଛି। ୧୦ ହଜାର ସରକାରୀ ହସ୍ପିଟାଲ ଏବଂ ୨୦ ହଜାର ଘରୋଇ ହସ୍ପିଟାଲରେ ଟିକାକରଣ କରାଯିବ। ଶନିବାର କେନ୍ଦ୍ର ସରକାର ଘରୋଇ ହସ୍ପିଟାଲ ପାଇଁ କୋଭିଡ୍ ଟିକାର ଦର ୨୫୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ଏଥିରେ ଟିକା ବାବଦ ୧୫୦ ଟଙ୍କା ଏବଂ ହସ୍ପିଟାଲଗୁଡ଼ିକର ସର୍ଭିସ୍ ଚାର୍ଜ ୧୦୦ ଟଙ୍କା ଅନ୍ତର୍ଭୁକ୍ତ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ତେବେ ସରକାରୀ ହସ୍ପିଟାଲଗୁଡ଼ିକରେ ମାଗଣାରେ ଟିକା ପ୍ରଦାନ କରାଯିବ। ଉପଭୋକ୍ତାମାନଙ୍କୁ ବୟସର ପ୍ରମାଣପତ୍ର ସ୍ୱରୂପ ଫଟୋ ଆଇଡି ଏବଂ ଗୁରୁତର ଅସୁସ୍ଥତା ଥିଲେ ତାହାର ପ୍ରମାଣପତ୍ର ଦର୍ଶାଇବାକୁ ପଡ଼ିବ। ଏଠାରେ ଉଲ୍ଲେଖଯୋଗ୍ୟ ୪୫-୫୯ ବର୍ଷ ମଧ୍ୟରେ ଗୁରୁତର ରୋଗରେ ପୀଡ଼ିତ ଥିବା ବ୍ୟକ୍ତିଙ୍କ ଲାଗି ୨୦ଟି ରୋଗର ତାଲିକା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପ୍ରକାଶ କରିଛି। ବିଶେଷକରି ଡାଇବେଟିସ୍, କ୍ୟାନସର୍, କିଡ୍‌ନୀ ଓ ଲିଭର୍ ପ୍ରତିରୋପଣ ଓ ହୃଦ୍‌ରୋଗ ଭଳି ମାରାତ୍ମକ ରୋଗରେ ୨ ବର୍ଷ ଧରି ଚିକିତ୍ସିତ ହେଉଥିବା ଏହି ବୟସର ଲୋକଙ୍କୁ ଏହି ତାଲିକାଭୁକ୍ତ କରାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସଚିବ ରାଜେଶ ଭୂଷଣ ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଘରୋଇ ହସ୍ପିଟାଲଗୁଡ଼ିକରେ ଟିକା ପ୍ରଦାନ ଲାଗି ସରକାର ଆର୍ଥିକ ସିଲିଂ ଧାର୍ଯ୍ୟ କରିଛନ୍ତି। ମାତ୍ର ସରକାରୀ ହସ୍ପିଟାଲଗୁଡ଼ିକରେ ଟିକା ମାଗଣା ଯୋଗାଇ ଦିଆଯିବ। ଏହାର ସମସ୍ତ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଇତିମଧ୍ୟରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଭଳି ଘରୋଇ ହସ୍ପିଟାଲଗୁଡ଼ିକ ସହ ଆଲୋଚନା କରାଯାଇଛି ଏବଂ ସେମାନଙ୍କୁ ଟିକାକରଣ ଅଭିଯାନରେ ସାମିଲ ହେବାକୁ ଉତ୍ସାହିତ କରାଯାଇଛି। ଦେଶରେ ଏବେ କୋଭିଡ୍ ଟିକାକରଣରେ ଭାରତ ବାୟୋଟେକ୍ ଦ୍ୱାରା ବିକଶିତ କୋଭାକ୍‌ସିନ୍ ଏବଂ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ବିକଶିତ କୋଭିସିଲ୍‌ଡ ଟିକା ବ୍ୟବହାର କରାଯାଉଛି। ତେବେ ଲୋକଙ୍କୁ ନିଜ ପସନ୍ଦର ଟିକା ନେବାକୁ ଅନୁମତି ଦିଆଯାଇନାହିଁ। ଉଲ୍ଲେଖଯୋଗ୍ୟ ସରକାର କୋଭିସିଲ୍‌ଡ ଡୋଜ୍ ପିଛା ୨୧୦ ଟଙ୍କା ଏବଂ କୋଭାକ୍‌ସିନ୍ ଡୋଜ୍ ପିଛା ୨୯୦ ଟଙ୍କା ଦରରେ କିଣୁଛନ୍ତି।

# ମାଫିଆଙ୍କ ଟାର୍ଗେଟରେ ସାଳନ୍ଦୀ



## ନଦୀର ଗତି ପଥରେ ପରିବର୍ତ୍ତନ ଆଣୁଛି ବେଆଇନ ବାଲି ଖନନ
## ପ୍ରହସନ ପାଲଟିଛି ଘାଟ ନିଲାମ

**ଭଦ୍ରକ,(ବିକାଶ କୁମାର ଧଳ) :** ପ୍ରାକୃତିକ ବିପର୍ଯ୍ୟୟରୁ ପରିବେଶକୁ ସୁରକ୍ଷିତ ରଖିବା ପାଇଁ କେନ୍ଦ୍ର ଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତେ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ସ୍ଥଳେ ନିଜର ଦୂର ଦୃଷ୍ଟିର ଅଭାବ ଯୋଗୁଁ ଏହାର ସଫଳ ରୂପାୟନ ହୋଇ ପାରୁ ନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳୁଛି ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ାରେ। ସୂଚନା ଅନୁଯାୟୀ; ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ପ୍ରଧାମନ୍ତ୍ରୀତ୍ୱ କାଳରେ ୨୦୦୨-୦୩ ଆର୍ଥିକ ବର୍ଷରେ ତତ୍କାଳୀନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ତଥା ପୂର୍ବତନ ଭଦ୍ରକ ସାଂସଦ ଅର୍ଜୁନଚରଣ ସେଠୀଙ୍କ ଉଦ୍ୟମ କ୍ରମେ ସାଳନ୍ଦି ସଂସ୍କାର ଯୋଜନାରେ ୧୦୨କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବା ବେଳେ ୨୦୦୫-୦୬ ଆର୍ଥିକ ବର୍ଷରେ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇ କାର୍ଯ୍ୟ କରାଯାଇଥିଲା। ଏହାର ଲକ୍ଷ୍ୟଥିଲା ସାଳନ୍ଦୀ ସଂସ୍କାର ଯୋଜନାରେ ପୋତି ହୋଇଯାଇଥିବା ନଦୀଗର୍ଭ ପୁନଃଦ୍ଧାର ଓ ସାଳନ୍ଦୀ ସଂଯୋଗୀକରଣ କରି ସାଳନ୍ଦୀ ନଦୀକୁ ସୁରକ୍ଷିତ ରଖିବା। ମାତ୍ର ଉକ୍ତ ଯୋଜନା ଅନୁଦାନ ରାଶି ଉପଯୁକ୍ତ ବିନିଯୋଗ ନହେବାରୁ କ୍ରମଶଃ ନଦୀର ଗତିପଥ ବଦଳି ଜନବସତି ଆଡକୁ ମାଡି ଆସୁଛି। ଏହାର ମୁଖ୍ୟ କାରଣ ନଦୀ ପଠାରେ ବେଆଇନ ଭାବେ ଗଢି ଉଠୁଥିବା ଇଟା ଭାଟି ଓ ବାଲି ଖନନ। ଏଠାରେ ପ୍ରକାଶ ଥାଉକ;ଆଗରପଡା ଥାନା ଅଧିନ ଗୋପିନାଥପୁର,ମହାନ୍ତିପଡ଼ା,ଚାରିଗାଁ ଏବଂ ଅଣିଜୋ ଆଦି ପଞ୍ଚାୟତ ଅନ୍ତର୍ଗତ ସାଳନ୍ଦୀ ନଦୀରୁ ଦୀର୍ଘ ଦିନ ଧରି ବେନିୟମ ଭାବେ ମାଫିଆ ମାନେ ଦିନ ଦ୍ୱିପ୍ରହରରେ ବାଲି ଖୋଳି ନେଉଥିଲେ। ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଘାଟ ଗୁଡ଼ିକୁ ଗତ ବର୍ଷ ନିଲାମ କରାଯାଇଥିଲା। ନିଲାମ ପରେ ଅଂଚଳବାସୀ ବେଆଇନ ବାଲି ଖନନ ଉପରେ ରୋକ ଲାଗିବ ବୋଲି ଆଶା ବ୍ୟକ୍ତ କରିଥିବା ବେଳେ ଏଥିରେ ବେନିୟମ ହେଉଥିବା ଅଭିଯୋଗ ହେଉଛି। ସରକାରଙ୍କ ପ୍ରଦତ୍ତନିୟମକୁ କେହିବି ମାନୁ ନାହାନ୍ତି। ପୂର୍ବପରି ରାଜସ୍ୱ ବିଭାଗ କର୍ମଚାରୀଙ୍କ ଜ୍ଞାତ ସାରରେ ଦିନ ଦ୍ୱିପ୍ରହରରେ ଖୋଲାଖୋଲି ଭାବେ ନିର୍ଦ୍ଧାରିତ ନିୟମଠାରୁ ଅଧିକ ବାଲି ଖୋଳାଯାଇ ଟ୍ରାକ୍ଟର ଓ ଟ୍ରକରେ ଅନ୍ୟ ସ୍ଥାନକୁ ପଠାଯାଉଛି। ଏହା ଜାଣି ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ଗ୍ରାମବାସୀ ମାନେ ଏହାକୁ ବିରୋଧ କଲେ ମାଫିଆ ମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି କିଛି ସୁଫଳ ମିଳିପାରୁ ନାହିଁ। ଘାଟ ନିଲାମ କେବଳ ପ୍ରହସନ ପାଲଟିଛି। ପ୍ରତିଦିନ ଏହି ପରି ବେଧଡକ ବାଲିଖୋଳାଯାଉଥିବାରୁ ନଦୀର ଗତି ପଥ ପରିବର୍ତ୍ତନ ଘଟୁଛି। ଯାହାକି ପୂର୍ବ ବର୍ଷ ପରି ସାମାନ୍ୟ ବର୍ଷା ହେଲେ ନଦୀ ବଢି ପାଣି ଗାଁ ମଧ୍ୟକୁ ପଶିଆସି ଲୋକ ମାନଙ୍କର ବ୍ୟାପକ କ୍ଷତି ପହଁଚାଇବା ସମ୍ଭାବନା ସୃଷ୍ଟି କରୁଛି। ଆହୁରି ମଧ୍ୟ ବାଲି ମାଫିଆ ମାନେ ନଦୀ ତଟକୁ ଦୁଇ ତିନି ମଣିଷ ଲେଖାଏଁ ଖୋଳି ଦେବା ଦ୍ୱାରା ବିଭିନ୍ନ ସମୟରେ ଗୃହପାଳିତ ପଶୁ ମାନେ ଏଥିରେ ଖସିପଡି ଖଣ୍ଡିଆ ଖାବରା ହେଉଥିବାର ନଜିର ରହିଛି। ସାଳନ୍ଦୀ ନଦୀର ପାର୍ଶ୍ୱରେ ଥିବା କାଣ୍ଡବା, ସାହୁପଡା, ଶ୍ରୀରାମପୁର, ଅମରସିଂହପୁର, ଚାରିଗାଁ, ଚକ୍ରାପାଡୀ, ଅଣିଜୋ, ଇଟୁଆ, ବିରିଡିହି ଆଦି ଗ୍ରାମଗୁଡିକରେ ଅବାଧ ବାଲି ଖନନ ଯୋଗୁଁ ଆଗକୁ ସାଳନ୍ଦୀନଦୀରେ ଲିନ ହେବାର ଆଶଙ୍କା ସୃଷ୍ଟି ହୋଇଛି।

# ବାଜ୍ୟାପ୍ତି ହେବ ସି-ସୋର ସମ୍ପତ୍ତି

**ଭୁବନେଶ୍ୱର :** ବହୁଚର୍ଚ୍ଚିତ ସି-ସୋର ଚିଟ୍‌ଫଣ୍ଡ ସଂସ୍ଥାର ସ୍ଥାବର ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ଲାଗି ନିର୍ଦ୍ଦେଶ ଦେଇଛନ୍ତି କଟକ ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତ। ସଂସ୍ଥାର ୧୯୭ ଏକର ଜମି, ୧୩୮୫ ଗ୍ରାମ ସୁନା, ୨ କ୍ୱିଣ୍ଟାଲ ରୁପା, ବ୍ୟାଙ୍କରେ ଜମା ଥିବା ୧ କୋଟି ୮୮ଲକ୍ଷ ୭୫ ହଜାର ଟଙ୍କା ବାଜ୍ୟାପ୍ତି ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବାଜ୍ୟାପ୍ତ ସମ୍ପତ୍ତିକୁ ସର୍ବସାଧାରଣରେ ନିଲାମ ଲାଗି ନିର୍ଦ୍ଦେଶ ଦିଆଯାଇଛି। ନିଲାମରୁ ଲବ୍ଧ ଅର୍ଥକୁ ଜମାକାରୀଙ୍କ ମଧ୍ୟରେ ବାଣ୍ଟିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାଜ୍ୟାପ୍ତି ସମସ୍ତ ସମ୍ପତ୍ତିର ଆନୁମାନିକ ମୂଲ୍ୟ ୬୫୦ କୋଟି ଟଙ୍କା ହେବ। ସି-ସୋର ଚିଟ୍‌ଫଣ୍ଡ କମ୍ପାନୀ ପ୍ରାୟ ୫୦୦ କୋଟିରୁ ଅଧିକ ଟଙ୍କା ଠକିଛି। ଏହି ମହାଠକେଇରେ ହଜାର ହଜାର ଜମାକାରୀଙ୍କ ବିଶ୍ୱାସରେ ବିଷ ଦେଇଥିଲେ ସି-ସୋର ଚିଟ୍‌ଫଣ୍ଡ ସଂସ୍ଥାର ମୁଖ୍ୟ ପ୍ରଶାନ୍ତ ଦାଶ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ସି-ସୋର ସମେତ ଓଡ଼ିଶାର ୪୪ଟି ଚିଟ୍‌ଫଣ୍ଡ କମ୍ପାନୀର ତଦନ୍ତ ଦାୟିତ୍ୱ ସିବିଆଇ ହାତକୁ ଯାଇଥିଲା। ସିବିଆଇ ସି-ସୋର ବିରୋଧରେ ଦାୟର କରିଥିବା ଚାର୍ଜସିଟ୍‌ରେ ୪୭୮ କୋଟି ଟଙ୍କାର ଠକେଇ କଥା ଉଲ୍ଲେଖ କରିଥିଲା। ସେହିପରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପ୍ରିଭେନସନ୍ ଅଫ୍ ମନିଂ ଲଣ୍ଡରିଂ ଆକ୍ଟ ବଦଳରେ ସି-ସୋର କମ୍ପାନୀର ୨୪୨ କୋଟି ଟଙ୍କାର ସମ୍ପତ୍ତି ଆଟାଚ୍ କରିଥିଲା। ଇଡିର ଚାର୍ଜସିଟ୍ ଅନୁଯାୟୀ, ପ୍ରଶାନ୍ତ ଦାଶ ୨୧ଟି ସେଲ୍ କମ୍ପାନୀ ଓ ୧୩ଟି କୋପରେଟିଭ୍ ସୋସାଇଟି ମାଧ୍ୟମରେ ଜମାକାରୀଙ୍କଠାରୁ କୋଟି କୋଟି ଟଙ୍କା ସଂଗ୍ରହ କରି ଠକିଥିଲେ। ଏନେଇ ଅଭିଯୋଗ ହେବା ପରେ ୨୦୧୩ ମସିହା ଜୁନ୍ ୨୦ ତାରିଖରେ ପ୍ରଶାନ୍ତଙ୍କୁ ଗିରଫ କରିଥିଲା ପୋଲିସ। ପ୍ରାୟ ସାଢ଼େ ୪ ବର୍ଷ ଜେଲ୍‌ରେ ରହିବା ପରେ ଜାମିନ ପାଇଥିଲେ ପ୍ରଶାନ୍ତ। ଚିଟ୍‌ଫଣ୍ଡ ଠକେଇ ମାମଲାର ଅଭିଯୁକ୍ତ ପ୍ରଶାନ୍ତଙ୍କୁ ମୋଟ ୮ଟି ମାମଲାରେ ହାଇକୋର୍ଟ ଓ ତଳ କୋର୍ଟରୁ ଜାମିନ୍ ଦେଇଛନ୍ତି।



*ଭୁବନେଶ୍ୱର : ସ୍ୱେଚ୍ଛାସେବୀ ସଂଗଠନ 'ରେଡ୍ ସ୍ୱସ୍ତିକ୍ ସୋସାଇଟି' ଓଡ଼ିଶା ଶାଖା ପକ୍ଷରୁ କର୍କଟ ପୀଡିତଙ୍କ ନିମେନ୍ତ ପାଣ୍ଠି ସଂଗ୍ରହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ।*



*ଭୁବନେଶ୍ୱର : ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ନାଟକ 'ତିତିଲି'ର ଏକ ଦୃଶ୍ୟ।*

# ସାମ୍ବାଦିକଙ୍କ ସମସ୍ୟା କେବେ ଶୁଣିବେ ସରକାର ?



**ଭୁବନେଶ୍ୱର :** ସାମ୍ବାଦିକଙ୍କ ସମସ୍ୟା କେବେ ଶୁଣିବେ ସରକାର। ଏନେଇ ପ୍ରଶ୍ନ କରିଛି ସାମ୍ବାଦିକ ମିଳିତ ମଞ୍ଚ। ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ପୁଣି ଦାବି ଦୋହରାଇଛି ସାମ୍ବାଦିକ ମିଳିତ ମଂଚ। ସାମ୍ବାଦିକଙ୍କ କଲ୍ୟାଣ ପାଣ୍ଠି ବୃଦ୍ଧି କରିବା, ସ୍ୱାସ୍ଥ୍ୟ ବିମାକୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା, ସ୍ୱାସ୍ଥ୍ୟ ବିମାରେ ସାମ୍ବାଦିକଙ୍କ ବାପା ଓ ମା'ଙ୍କୁ ଅନ୍ତର୍ଭୁକ୍ତ କରିବା କିମ୍ବା ସାମ୍ବାଦିକଙ୍କ ବାପା' ମା'ଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଯାଉ। ସେହିପରି ସାମ୍ବାଦିକଙ୍କୁ ଯୁଦ୍ଧ କାଳୀନ ଭିର୍ତିରେ ମାଗଣାରେ କରୋନା ଟିକା ପ୍ରଦାନ ସହ ସଚିବାଳୟ ଯିବା ବାରଣକୁ ଉଠାଯାଉ ବୋଲି ସାମ୍ବାଦିକ ମିଳିତ ମଂଚର ଆବାହକ ଲିଙ୍ଗରାଜ ସାହୁ କହିଛନ୍ତି। ଅନେକ ସମୟରେ ସାମ୍ବାଦିକମାନେ କର୍ତବ୍ୟ କରୁଥିବା ବେଳେ ବହୁବାର ଆକ୍ରମଣର ଶିକାର ହୋଇଛନ୍ତି। ଏଣୁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ମଂଚ ପକ୍ଷରୁ ନିବେଦନ କରାଯାଇଛି। ବିଭିନ୍ନ ସାମ୍ବାଦିକଭ୍‌କ ବାପା ମା' ଗ୍ରାମରେ ରହୁଛନ୍ତି। ସେମାନଙ୍କ ସୁବିଧା ପାଇଁ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମ୍ବାଦିକମାନେ ଉପକୃତ ହେବେ। ସେହିପରି ବିଭିନ୍ନ କଲ୍ୟାଣ ପାଣ୍ଠିକୁ ସରକାର ବୃଦ୍ଧି କରୁଥିବା ବେଳେ ସାମ୍ବାଦିକ ସ୍ୱାସ୍ଥ୍ୟ ବିମାକୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

# ୧ମ ରୁ ୮ମ ସମସ୍ତ ପିଲା ପାସ୍

**ଭୁବନେଶ୍ୱର :** ଗତବର୍ଷ ପରି ଚଳିତବର୍ଷ ମଧ୍ୟ ରାଜ୍ୟରେ ସରକାରୀ ସ୍କୁଲଗୁଡିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବାର୍ଷିକ ପରୀକ୍ଷା ହେବନାହିଁ। ଚଳିତବର୍ଷ ପାଠପଢ଼ା ଲାଗି ସ୍କୁଲ ଖୋଲିବା ନିଷ୍ପତ୍ତି ହୋଇପାରିନଥିବା ବେଳେ ରାଜ୍ୟରେ ଗ୍ରୀଷ୍ମପ୍ରବାହକୁ ନଜର ଦେଇ ସବୁ ପିଲା ପାସ୍ ହେବେ ବୋଲି ଜଣାପଡ଼ିଛି। ପ୍ରକାଶଥାଉ କି ଫେବୃଆରୀ ୨୨ରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ପାଠପଢ଼ା ଆରମ୍ଭ କରିବାକୁ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଏସଓପି ମଧ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ହୋଇଥିଲା। ମାତ୍ର ପଡ଼ୋଶୀ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ରାଜ୍ୟରେ ପିଲାଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ପୁଣି ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ସ୍କୁଲ ଖୋଲିବା ବିଳମ୍ବ ହେବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ହେଲେ ସରକାରୀ ଏବଂ ସରକାରୀ ସ୍ୱୀକୃତିପ୍ରାପ୍ତ ସ୍କୁଲଗୁଡିକରେ ପାଠପଢ଼ା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା ବେଳେ ପରୀକ୍ଷା ଲାଗି କ'ଣ ପଦକ୍ଷେପ ଗ୍ରହଣ କରାଯିବ ସେ ସମ୍ପର୍କରେ ଗଣଶିକ୍ଷା ବିଭାଗ ପକ୍ଷରୁ ଆକ୍ସନ ପ୍ଲାନ ପ୍ରସ୍ତୁତି ହୋଇପାରି ନଥିଲା। ରାଜ୍ୟରେ ଗ୍ରୀଷ୍ମପ୍ରବାହକୁ ନଜର ଦେଇ ନବମ ଏବଂ ଦଶମ ଶ୍ରେଣୀ କ୍ଲାସ୍‌କୁ ସକାଳୁଆ କରିବାକୁ ନିଷ୍ପତ୍ତି ହୋଇଛି। ତେଣୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବାର୍ଷିକ ପରୀକ୍ଷା ନହେବା ସ୍ପଷ୍ଟହୋଇଛି। ଚଳିତବର୍ଷ ସବୁ ବାର୍ଷିକ ପରୀକ୍ଷା କରିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିବା ବେଳେ ଏକ ସମୟରେ କିପରି ସବୁ ଶ୍ରେଣୀର ପରୀକ୍ଷାହେବ ଏହାକୁ ନେଇ ଚର୍ଚ୍ଚା ହେଉଛି। ଯଦି ପରୀକ୍ଷା କରାଯାଏ ତେବେ ପୂର୍ବ ପରି ଅନ୍‌ଲାଇନ୍ ମାଧ୍ୟମରେ କରାଯିବା ସୁନିଶ୍ଚିତ। ଯାହା ସରକାରୀ ସ୍କୁଲରେ ପଢୁଥିବା ପିଲାଙ୍କ ପାଇଁ ହୋଇପାରିବ ନାହିଁ। ତେବେ ସରକାରୀ ସ୍ୱୀକୃତିପ୍ରାପ୍ତ ସ୍କୁଲଗୁଡିକ ଅନ୍‌ଲାଇନ୍ କିମ୍ବା ହ୍ୱାଟସଆପ୍ ମାଧ୍ୟମରେ ବାର୍ଷିକ ପରୀକ୍ଷା ହୋଇପାରେ ବୋଲି କୁହାଯାଉଛି।













Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି